RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 43 ◆ISSUE-97 ◆TUESDAY ◆30 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୭ ◆ମଙ୍ଗଳବାର ◆୩୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ନୟାପଲ୍ଲୀ ପୂଜା ମଣ୍ଡପରେ ବିରାଜିତ ମା' ଦଶଭୁଜା

## ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ଲାଗୁ ହେବ ୮ମ ବେତନ ଆୟୋଗ

# ମୂଳ ଦରମା ୧୮ରୁ ୪୪ ହଜାର ହେବ

■ **ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି):** ୨୦୨୬ ଜାନୁଆରୀରୁ ଲାଗୁ ହୋଇପାରେ ଅଷ୍ଟମ ବେତନ ଆୟୋଗର ସୁପାରିସ। ତେବେ ଏଥିପାଇଁ ୨୦୨୮ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ କିଛି କୁହାଯାଇ ନାହିଁ। କେନ୍ଦ୍ର କ୍ୟାବିନେଟ ଏହାକୁ ଚଳିତବର୍ଷ ଜାନୁଆରୀରେ ମଞ୍ଜୁରୀ ଦେଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ସମ୍ପର୍କରେ ନା କୌଣସି ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି, ନା ଏହାର ସନ୍ଦର୍ଭ ସର୍ତ୍ତାବଳୀ ଚୂଡ଼ାନ୍ତ ହୋଇଛି। ଏମିତିକି ୮ମ ବେତନ ଆୟୋଗରେ ନିଯୁକ୍ତ ହେବାକୁ ଥିବା ସଦସ୍ୟଙ୍କ ତାଲିକା ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ



ତେବେ କମିସନ ସୁପାରିସ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ଦୁଇ ବର୍ଷର ବକେୟା ପାଇବେ। ନୂତନ ବେତନ କମିସନ ସୁପାରିସ କାର୍ଯ୍ୟକାରୀ ହେବା ଦ୍ୱାରା ୫୦ ଲକ୍ଷରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୫ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହାସହିତ ଲେବଲ-୧ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ରୁ ୪୪,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଏଥିରେ ଆୟୋଗ ୨.୪୬ ର ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରନ୍ତି।

୮ମ ବେତନ ଆୟୋଗ ଅନୁଯାୟୀ ଧାର୍ଯ୍ୟ ମୂଳ ଦରମା ଫିଟ୍‌ମେଣ୍ଟ ଫ୍ୟାକ୍ଟର ଏବଂ ଡିଏ ମିଶ୍ରଣ ଉପରେ ନିର୍ଭର କରେ। ୭ମ ବେତନ ଆୟୋଗରେ ଫିଟମେଣ୍ଟ ଫ୍ୟାକ୍ଟର ୨.୫୭ ଥିଲା। ୮ମରେ ଏହା ୨.୪୬ ହୋଇପାରେ। ପ୍ରତ୍ୟେକ ବେତନ ଆୟୋଗରେ ଡିଏ ଶୂନ୍ୟରୁ ଆରମ୍ଭ ହୁଏ। କାରଣ ନୂଆ ମୂଳ ଦରମା ପୂର୍ବରୁ ହିଁ ମୁଦ୍ରାସ୍ଫୀତିକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥାଏ। ଏହାପରେ ଡିଏ ଧୀରେ ଧୀରେ ପୁଣି ▶ପୃଷ୍ଠା-୭

# ଆଜି ସୃଷ୍ଟିହେବ ଘୂର୍ଣ୍ଣିବଳୟ

■ **ଭୁବନେଶ୍ୱର, ୨୯।୯ (ସମିସ):** ମଙ୍ଗଳବାର ଉତ୍ତର ଆଣ୍ଡାମାନସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଦକ୍ଷିଣ ଚାଇନା ସାଗରରୁ ଏହା ଆଣ୍ଡାମାନ ସାଗରକୁ ପ୍ରବେଶ କରିବ। ଏହା ପ୍ରଭାବରେ ଉତ୍ତର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୧ତାରିଖ ବେଳକୁ ଏକ ନୂତନ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ପୁଣି ବର୍ଷାର ପରିମାଣ ବଢ଼ିପାରେ। ମଙ୍ଗଳବାର ଅର୍ଥାତ୍ ଅଷ୍ଟମୀରେ ଉପକୂଳବର୍ତ୍ତୀ ଜିଲ୍ଲାର କିଛି ସ୍ଥାନରେ ବର୍ଷା ହେବାକୁ ଥିବା ବେଳେ ନବମୀ ଓ ଦଶମୀ ବର୍ଷା ଯୋଗୁଁ ଅନେକ ସ୍ଥାନରେ ପ୍ରଭାବିତ ହେବାର ଆଶଙ୍କା ରହିଛି।

**ଅକ୍ଟୋବର ୧ରେ ଲଘୁଚାପ**

**ଆସନ୍ତାକାଲି ୨୦ ଜିଲ୍ଲାକୁ ବର୍ଷା ସତର୍କତା ଜାରି**

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ମଙ୍ଗଳବାର ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଆଦି ଜିଲ୍ଲାର କିଛି ସ୍ଥାନରେ ଭାରୀ ବର୍ଷା ହେବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ମୋହର

# ଦିନକୁ ୧୦ ଘଣ୍ଟା କାମ କରିବେ ଘରୋଇ କର୍ମଚାରୀ

■ **ଭୁବନେଶ୍ୱର, ୨୯।୯ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ଟି ପ୍ରସ୍ତାବ ଉପରେ ଲାଗିଛି ମୋହର। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ,୧୯୫୬ ଓ କାରଖାନା ଆଇନ ୧୯୪୮ରେ କେତେକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସଂଶୋଧିତ ନିୟମ ଅନୁସାରେ ୨୦ କିମ୍ବା ତହିଁରୁ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ କର୍ମଚାରୀଙ୍କ ଦୈନିକ

**ଲିଖିତ ସମ୍ମତି ଦେଇ ରାତିରେ କାମ କରିପାରିବେ ମହିଳା କର୍ମଚାରୀ**

**ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ**

**୨୨୦୦ ଆଦର୍ଶ ବିଦ୍ୟାଳୟ ଲାଗି ୧୨,୦୦୦ କୋଟିର ବ୍ୟୟବରାଦ**

କାର୍ଯ୍ୟନିର୍ଘଣ୍ଟ ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। କୌଣସି ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟପାଳି ଅତି କମରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ। ତିନିମାସରେ ଓଭର ଟାଇମ କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି ପାଇଥିବା ବେଳେ କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ ସେ ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣିତ ମଜୁରି ପାଇବାକୁ ହକଦାର ହେବେ। ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ। ସେହିପରି ଭାବେ ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ। ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ▶ପୃଷ୍ଠା-୭

# ଶିରୀଶ ମୁର୍ମୁ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ନିଯୁକ୍ତ

■ **ଭୁବନେଶ୍ୱର / ବାରିପଦା, ୨୯।୯ (ସମିସ):** ମୟୂରଭଞ୍ଜ ବେତନଟୀ ମାଟିର ସୁଯୋଗ୍ୟ ସନ୍ତାନ ତଥା ଭାରତର ପୂର୍ବତନ ସିଏଜି ଏବଂ ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଥିବା ନାଗେଶ୍ୱର ରାଓ ଆସନ୍ତା ୮ ତାରିଖରେ ଅବସର ନେଉଥିବା ବେଳେ ୯ ତାରିଖରୁ ଶିରୀଶ ଚନ୍ଦ୍ର ମୁର୍ମୁ ତାଙ୍କ ସ୍ଥାନରେ ଯୋଗଦେବେ। ସେ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ଭାବେ ଆସନ୍ତା ୩ବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ।



୧୯୮୩ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଉପକଣ୍ଠ ଗଣ୍ଡମୁଣ୍ଡାରୁ ମାଟ୍ରିକ ପାସ କରିଥିବା ଶିରୀଶ ବାରିପଦା ଏମପିସି କଲେଜରୁ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ନୂଆଦିଲ୍ଲୀସ୍ଥିତ ଜେଏନୟୁରୁ ସ୍ନାତକ ଓ ସ୍ନାତକୋତ୍ତରରେ ▶ପୃଷ୍ଠା-୭






## ବାଂଲାଦେଶରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ; ହିଂସାରେ ୩ ମୃତ

ଚିଟାଗଙ୍ଗ୍, ୨୯।୯(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଚାଲିଥିବା ଅତ୍ୟାଚାର ଥମିବାର ନା ନେଉନାହିଁ। ଚିଟାଗଙ୍ଗ୍ ହିଲ୍ସରେ ଦୁର୍ଗା ପୂଜା ଚାଲିଥିବା ପୁଣି ଏକ ହିଂସା ଆରମ୍ଭ ହୋଇଛି। ଖଗଡ଼ଚରୀ ଜିଲ୍ଲାରେ ଜଣେ ଆଦିବାସୀ ସ୍କୁଲ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହେବା ପରେ ହିଂସା ସୃଷ୍ଟି ହୋଇଛି। ଗଣଦୁଷ୍କର୍ମ ବିରୋଧରେ 'ଜୁମା ଷ୍ଟୁଡେଣ୍ଟ ଜନତା' ବ୍ୟାନର ତଳେ ହୋଇଥିବା ଏହି ବିରୋଧ ପ୍ରଦର୍ଶନ ଉଗ୍ରରୂପ ନେଇଥିଲା। ରବିବାର ଅପରାହ୍ଣ ୧ଟାରେ ଗୁଇମାରା କ୍ଷେତ୍ରରେ ରାମେସୁ ବଜାର ନିକଟରେ ପ୍ରଦର୍ଶନକାରୀ ଓ ସୁରକ୍ଷାବଳ ମଧ୍ୟରେ ସଂଘର୍ଷ ହୋଇଥିଲା। ସୁରକ୍ଷାବଳ ଗୁଳିରେ ୩ ଜଣ ପ୍ରାଣ ହରାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

## ୨୧ ମହଲାରୁ ଡେଇଁ ଡାକ୍ତରଙ୍କ ଆତ୍ମହତ୍ୟା

ନୋଏଡ଼ା, ୨୯।୯(ଏଜେନ୍ସି): ଉତ୍ତରପ୍ରଦେଶର ନୋଏଡ଼ାରେ ଜଣେ ଶିକ୍ଷାନବୀଶ ଡାକ୍ତର ଶିବ (୨୯) ୨୧ ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ମଥୁରାରେ ବାସିନ୍ଦା। ସେ ମାତାପିତାଙ୍କ ସହ ସେ ସିଟି-୨ ସ୍ଥିତ ନିଜ ଭଉଣୀଙ୍କ ଘରକୁ ଆସିଥିଲେ। ସୋମବାର ଅପରାହ୍ଣରେ ସେ ବାଲକୋନୀକୁ ଆସି ୨୧ ମହଲା ଉପରେ ଡେଇଁ ପଡ଼ିଥିଲେ। ସୂଚନା ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ହସ୍ପିଟାଲ ନେଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫ୍ଲାଟ୍‌ରେ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ। ଶିବ ଦିଲ୍ଲୀର ଏକ ଘରୋଇ ମେଡିକାଲ କଲେଜର ୨୦୧୫ ବ୍ୟାଚ୍‌ର ମେଡିକାଲ ଛାତ୍ର। ୨୦୨୦ରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ତେଣୁ ସେ ମେଡିକାଲ ଟ୍ରେନିଂକୁ ସ୍ଥଗିତ ରଖିଥିଲେ।

## ପୂର୍ବତନ ଚୀନ୍ କୃଷିମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡ

ବେଜିଂ, ୨୯।୯(ଏଜେନ୍ସି): ଚୀନ୍‌ର ପୂର୍ବତନ କୃଷିମନ୍ତ୍ରୀ ତାଙ୍ଗ ରେଜ ଜିଆନ୍‌ଙ୍କୁ ରବିବାର ଦୁର୍ନୀତି ଅଭିଯୋଗରେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଚୀନ୍‌ର ସରକାରୀ ଏଜେନ୍ସି ଶିହ୍ନୁଆ ଅନୁସାରେ, ତାଙ୍ଗ୍ ୨୦୦୭ରୁ ୨୦୨୪ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପଦରେ ରହି ୩୧୭.୩ କୋଟି ଟଙ୍କାରୁ ଅଧିକ ଅର୍ଥ ଲାଞ୍ଚ୍ ନେଇଥିଲେ। ଚୀନ୍‌ର ପୂର୍ବରେ ଥିବା ଜିଲୀନ ପ୍ରଦେଶର ଚାଙ୍ଗଜୁନ୍‌ର ପିପୁଲ୍ସ କୋର୍ଟ ଏହି ଦଣ୍ଡାଦେଶ ଜାରି କରିଛି। ତେବେ ତାଙ୍ଗଙ୍କୁ ଦୁଇବର୍ଷ ଜେଲ୍‌ରେ ରଖାଯିବା ପରେ ଫାଶୀ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଦଳାଚକଟା ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି

କରୁର, ୨୯।୯(ଏଜେନ୍ସି): ତାମିଲ ଅଭିନେତା ବିଜୟଙ୍କ ପାର୍ଟି ରାଲିରେ ହୋଇଥିବା ଦଳଚକଟା ଜନିତ ମୃତ୍ୟୁ ସଂଖ୍ୟା ୪୧ରେ ପହଞ୍ଚିଛି। ଏହି ଘଟଣାକୁ ନେଇ ଟିଭିକେ ଏବଂ କ୍ଷମତାସୀନ ଦଳ ଡିଏମକେ ମୁହାଁମୁହିଁ ହୋଇଛନ୍ତି। ଡିଏମକେ ଦଳାଚକଟା ପାଇଁ ବିଜୟଙ୍କୁ ଦୋଷ ଦେଉଥିବାବେଳେ ଟିଭିକେ କ୍ଷମତାସୀନ ନେତାଙ୍କ ଷଡ଼ଯନ୍ତ୍ର ଯୋଗୁଁ ଏପରି ହେଲା ବୋଲି କହିଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବି ଟିଭିକେ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଇତିମଧ୍ୟରେ ତାମିଲନାଡୁ ସରକାରଙ୍କ ଦ୍ୱାରା ଗଠିତ ଯାଞ୍ଚ ଟିମ୍ ମାମଲାର ତଦନ୍ତ ଆରମ୍ଭ କରିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଏକ ପ୍ରତିନିଧି ଦଳ ମଧ୍ୟ ଘଟଣା ସ୍ଥଳକୁ ଯିବ ବୋଲି ଘୋଷଣା କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି କରୁର ଗସ୍ତ କରି ପୀଡିତ ପରିବାରକୁ ଭେଟିଛନ୍ତି। ଅନ୍ୟପଟେ ବିଜୟଙ୍କ ଘରକୁ ବୋମା ମାଡ଼ କରି ଉଡାଇଦେବାକୁ ଧମକ ଦିଆଯାଇଛି। ଏହି ମାମଲରେ ଦାଏର ହୋଇଥିବା ଏଫ୍‌ଆଇଆରରେ ବିଜୟଙ୍କୁ ହିଁ ଦାୟୀ କରାଯାଇଛି।

## ପୀଡିତଙ୍କ କଷ୍ଟକୁ ଅଣଦେଖା କରିପାରିବେନି କୋର୍ଟ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ଦେବାକୁ ନେଇ ପାଟନା ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟ ସୋମବାର ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ବିକ୍ରମନାଥ ଏବଂ ସନ୍ଦୀପ ମେହଟାଙ୍କ ଖଣ୍ଡପୀଠ କହିଛନ୍ତି ଯେ ବ୍ୟକ୍ତିଗତ ସ୍ୱାଧୀନତାକୁ ରକ୍ଷା କରିବା ଜରୁରି, କିନ୍ତୁ କୋର୍ଟ ପୀଡ଼ିତଙ୍କ କଷ୍ଟକୁ ମଧ୍ୟ ଅଣଦେଖା କରିପାରିବେ ନାହିଁ। ବହୁତ ତରବରିଆ ଭାବେ ୨୦୨୪ ମାର୍ଚ୍ଚରେ ହାଇକୋର୍ଟ ଏହି ନିଷ୍ପତ୍ତି ଦେଇଥିଲେ। ଅଭିଯୋଗ ନ ଶୁଣି ଜାମିନ ଦେଇଥିଲେ। ପ୍ରଥମେ ସେସନ କୋର୍ଟରେ ଆଗୁଆ ଜାମିନ ଆବେଦନ କରିବାର ଥିଲା। ପରେ ହାଇକୋର୍ଟ ଯିବାର ଥିଲା। କିନ୍ତୁ ପାଟନା ହାଇକୋର୍ଟ ଏହି ନିୟମକୁ ପାଳନ କରି ନ ଥିଲେ। ସୁପ୍ରିମକୋର୍ଟ ଏହାକୁ ଅନୁଚିତ କହି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ଅଭିଯୁକ୍ତଙ୍କୁ ଚାରି ସପ୍ତାହ ମଧ୍ୟରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପତ୍ନୀକୁ ହତ୍ୟା କରି ଆତ୍ମହତ୍ୟା

ବେଙ୍ଗାଲୁରୁ, ୨୯।୯(ଏଜେନ୍ସି): ନିଜ ପତ୍ନୀକୁ ହତ୍ୟା କରି ଦୁବାଇରୁ ଫେରିଥିବା ଜଣେ ସ୍ୱାମୀ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ୩୦ ବର୍ଷୀୟ ଧର୍ମଶିଳମ ଦୁବାଇରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ୨୭ ବର୍ଷୀୟା ପତ୍ନୀ ମଞ୍ଜୁ ବେଙ୍ଗାଲୁରୁରେ ଏକ ଘରୋଇ ହସ୍ପିଟାଲରେ ନର୍ସ ଥିଲେ। ୨୦୨୨ରେ ଦୁହେଁ ବିବାହ କରିଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ତାନ ନଥିଲା। ପିତା ପେରିୟାସ୍ୱାମୀ ମଞ୍ଜୁ ଓ ଜ୍ୱାଇଁଙ୍କ ସହ ବେଙ୍ଗାଲୁରୁର ଭଡ଼ା ଘରେ ରହୁଥିଲେ। ରବିବାର ପେରିୟାସ୍ୱାମୀ ଘରକୁ ଫେରିବା ପରେ ରାତି ୯.୩୦ରେ ଝିଅ ଓ ଜ୍ୱାଇଁଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ମଞ୍ଜୁଙ୍କ ଦେହରେ ଛୁରାମାଡ଼ର କ୍ଷତ ଚିହ୍ନ ସେ ଦେଖିବାକୁ ପାଇଥିଲେ। ସେହିପରି ଜ୍ୱାଇଁ ଧର୍ମଶିଳମ ସିଲିଂ ଫ୍ୟାନ୍‌ରେ ଫାଶୀରେ ଝୁଲୁଥିବାର ସେ ଦେଖିବାକୁ ପାଇଥିଲେ।

## ୟୁକ୍ରେନ ଉପରେ ୬୦୦ ମିସାଇଲ ମାଡ଼

କିଭ୍, ୨୯।୯(ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନାମ ନେଉନାହିଁ।ଉଭୟ ଦେଶ ପରସ୍ପର ବିରୋଧରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି। ଏହି କ୍ରମରେ ରବିବାର ସକାଳେ ରୁଷ୍ ପୁଣିଥରେ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ଏକାଧିକ ସହରକୁ ଲକ୍ଷ୍ୟ କରି ୬୦୦ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି।ଏଥିରେ ୪ ଜଣ ମୃତ୍ୟୁବରଣ କରିଛନ୍ତି।

## ପିଓକେରେ ସରକାରବିରୋଧୀ ବିକ୍ଷୋଭ; ୨ ମୃତ

ଇସଲାମାବାଦ୍, ୨୯।୯(ଏଜେନ୍ସି): ଶାହବାଜ ସରିଫ୍ ସରକାରଙ୍କ ବିରୋଧରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ୩ଟି ବଡ଼ ସହରରେ ବିକ୍ଷୋଭ ଆରମ୍ଭ ହୋଇଛି। ପ୍ରଦର୍ଶନକାରୀ ଓ ସୁରକ୍ଷାବଳ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨ଜଣ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ପିଓକେର ଆୱାମୀ ଆକ୍ସନ କମିଟି (ଏଏସି) ଏହି ବିକ୍ଷୋଭ ପାଇଁ ଆହ୍ୱାନ ଦେଇଥିଲା। ଏଏସିର ଅପିଲରେ ସୋମବାର ସମ୍ପୂର୍ଣ୍ଣ ଅଞ୍ଚଳରେ ଦୋକାନ, ବଜାର ଓ ସଡ଼କ ବନ୍ଦ ରହିଥିଲା। ଦରଦାମ ବୃଦ୍ଧି, ବେକାରୀ ଓ ପାକିସ୍ତାନ ସେନାର ଅତ୍ୟାଚାର ବିରୋଧରେ ଲୋକେ ସଡ଼କକୁ ଓହ୍ଲାଇ ବିକ୍ଷୋଭ କରିଥିଲେ। ସୁରକ୍ଷାବଳର ଗାଡ଼ିଗୁଡିକ ଉପରେ ବିକ୍ଷୋଭକାରୀ ଟେକା ପଥର ମାଡ଼ କରିଥିଲେ। ପୂର୍ବରୁ କୋଟଲୀରେ ଶନିବାର ବିକ୍ଷୋଭକାରୀଙ୍କ ଉପରକୁ ସୁରକ୍ଷାବଳ ଗୁଳି ଚଳାଇଥିଲା। ଆଗକୁ ଏହି ପ୍ରଦର୍ଶନ ଆହୁରି ଉଗ୍ରରୂପ ଧାରଣ କରିବ ବୋଲି ଆଶା କରାଯାଉଛି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଇସଲାମାବାଦ୍‌ରୁ ଅତିରିକ୍ତ ୧, ୦୦୦ ଯବାନକୁ ପଠାଯାଇଛି।



ଏହି ଅଞ୍ଚଳରେ ସରକାର ଇଣ୍ଟରନେଟ୍‌କୁ ବନ୍ଦ କରିଦେଇଛନ୍ତି। ଫଳରେ ପ୍ରଦର୍ଶନକାରୀମାନେ ସେନା ବିରୋଧରେ 'ହମ୍ ତୁହ୍ମାରୀ ମୌତ ହେ' ସ୍ଲୋଗାନ ଦେଇଥିଲେ। ଏହି ପ୍ରଦର୍ଶନର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହଜାର ହଜାର ଲୋକ କୋଟଲୀ, ରାୱଲକୋଟ, ମୁଜାଫରାବାଦ୍‌ରେ ଏକାଠି ହୋଇ ସ୍ୱାଧୀନତାର ଓ ପାକିସ୍ତାନ ସେନା ଫେରିଯାଅ ବୋଲି ସ୍ଲୋଗାନ ଦେଇଥିଲେ। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପିଓକେରେ ସରକାର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛନ୍ତି। ଏଏସି ସରକାରଙ୍କ ଆଗରେ ୩୮ଟି ଦାବି ଉପସ୍ଥାପନ କରିଛନ୍ତି। ଉଲ୍ଲେଖଥାଉ କି, ଗତ ସପ୍ତାହରେ ପାକିସ୍ତାନ ବାୟୁସେନାର ବୋମା ମାଡ଼ରେ ପିଓକେର ଏକ ଗାଁରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ। ଚୀନ୍‌ର ଜେ-୧୭ ଫାଇଟର ଜେଟ୍‌ରୁ ପାକ୍ ବାୟୁସେନା ବୋମା ମାଡ଼ କରିଥିଲା। ଏହାପରେ ପିଓକେରେ ହିଂସା ଓ ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି। ପିଓକେରେ ସାମ୍ବାଦିକ ଓ ପର୍ଯ୍ୟଟକ ପ୍ରବେଶକୁ ବାରଣ କରାଯାଇଛି। ପିଓକେରେ ପୂର୍ବରୁ ମଧ୍ୟ ଏହିଭଳି ଏକାଧିକ ପ୍ରଦର୍ଶନ ଦେଖିବାକୁ ମିଳିଛି।

## ଆମେରିକା ଚର୍ଚ୍ଚରେ ଗୁଳିକାଣ୍ଡ; ଆକ୍ରମଣକାରୀ ସମେତ ୪ ମୃତ

ମିଚିଗାନ୍, ୨୯।୯(ଏଜେନ୍ସି): ଆମେରିକାର ମିଚିଗାନ ରାଜ୍ୟର ଗ୍ରାଣ୍ଡ ବ୍ଲାଙ୍କ ସହରରେ ଏକ ବଡ଼ଧରଣର ଗୁଳିକାଣ୍ଡ ଘଟିଛି। ସହରର ଚର୍ଚ୍ଚରେ ହୋଇଥିବା ଏହି ଗୁଳିକାଣ୍ଡରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ମଧ୍ୟ ନିପାତ କରାଯାଇଛି ବୋଲି ପୁଲିସ କହିଛି। ତେଣୁ ଭୟ କରିବାର କୌଣସି କାରଣ ନାହିଁ। ଏହା ଖ୍ରୀଷ୍ଟିଆନ ଧର୍ମ ଉପରେ ଆକ୍ରମଣ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଆକ୍ରମଣକାରୀ ହେଉଛନ୍ତି ୪୦ ବର୍ଷୀୟ ଥମାସ ଜ୍ୟାକବ ସେନଫୋର୍ଡ। ସେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ମେରାଇନ୍ କମାଣ୍ଡୋରେ କାର୍ଯ୍ୟ କରିଥିଲେ। ସେବା ପାଇଁ ସେ ୫ଟି ମେଡାଲ ମଧ୍ୟ ଜିତିଥିଲେ। ତାଙ୍କ ପୁଅ ଏକ ଭିନ୍ନ ପ୍ରକାର ରୋଗରେ ପୀଡିତ ଥିଲେ। ଏଥିପାଇଁ ସେ ଚାକିରି ଛାଡି ଦେଇଥିଲେ।



ସେ ତାଙ୍କ ରାଇଫଲ୍ ଗୁଳି ଚଳାଇ ଏହି କାଣ୍ଡ ଘଟାଇବା ପରେ ଚର୍ଚ୍ଚରେ ନିଆଁ ଲଗାଇ ଦେଇଥିଲେ। ଫଳରେ ସମ୍ପୂର୍ଣ୍ଣ ଚର୍ଚ୍ଚ କ୍ଷତିଗ୍ରସ୍ତ ହୋଇଛି। ଏହି ଚର୍ଚ୍ଚର ନାମ 'ଦି ଚର୍ଚ୍ଚ ଅଫ୍ ଜେସସ ଖ୍ରୀଷ୍ଟ ଅଫ୍ ଲାଟର ଡେ ସେଣ୍ଟସ'। ଘଟଣାସ୍ଥଳରୁ ଦୂରେଇ ରହିବାକୁ ଲୋକଙ୍କୁ ପୁଲିସ ନିର୍ଦ୍ଦେଶ ଦେଇଛି। ଉଦ୍ଧାରକାର୍ଯ୍ୟ ଓ ଜରୁରୀକାଳୀନ ସେବା ପ୍ରଭାବିତ ନ ହେବା ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଆହତ ହୋଇଥିବା କିଛି ଲୋକଙ୍କ ସ୍ଥିତି ଗମ୍ଭୀର ଅଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପୂର୍ବରୁ ଆମେରିକାର ନର୍ଥ କାରିଲୋନାର ସାଉଥପୋର୍ଟରେ ଏକ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ହୋଇଥିବା ଗୁଳିକାଣ୍ଡରେ ୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଥିଲେ।

# କ୍ଷମା ମାଗିଲେ ନେତନ୍ୟାହୁ

### କତର ଉପରେ ଆକ୍ରମଣ ପାଇଁ ଦୁଃଖ ପ୍ରକାଶ କଲେ



ୱାଶିଂଟନ,୨୯।୯(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ନିଜ ଭୁଲ୍ ବୁଝି ପାରିଛନ୍ତି। ସେ ଦୋହା ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ସୋମବାର କତର ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲ ରହମାନ ଅଲ-ଥାନିଙ୍କୁ ଫୋନ୍ କରି କ୍ଷମା ମାଗିଛନ୍ତି। କେବଳ ଏତିକି ନୁହେଁ, ଭବିଷ୍ୟତରେ ଏଭଳି ଆକ୍ରମଣ ହେବନାହିଁ ବୋଲି ଇସ୍ରାଏଲ ପକ୍ଷରୁ ପ୍ରତିଶ୍ରୁତି ଦେଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଚାପରେ ସେ ଏଭଳି କ୍ଷମା ପ୍ରାର୍ଥନା କରିଥିବା କୁହାଯାଉଛି।

ଗାଜା ପାଇଁ ଟ୍ରମ୍ପ ପ୍ରସ୍ତୁତ କରିଥିବା ଶାନ୍ତି ଯୋଜନା ସଂପର୍କରେ ଆଲୋଚନା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଆଜି ୱାଶିଂଟନ ଆସିଥିଲେ। ହ୍ୱାଇଟ ହାଉସରେ ଏସଂପର୍କରେ ଟ୍ରମ୍ପ ସହିତ ତାଙ୍କର ଆଲୋଚନା କରିଥିଲେ। ଏହି ଅବସରରେ ଦୋହା ଉପରେ ଇସ୍ରାଏଲ କରିଥିବା କ୍ଷେପଣାସ୍ତ୍ର ମାଡ଼ ନେଇ ଟ୍ରମ୍ପ ବିରକ୍ତି ପ୍ରକାଶ କରିଥିଲେ। କତର ଆମେରିକାର ମିତ୍ର ରାଷ୍ଟ୍ର ହୋଇଥିବାରୁ ତା ଉପରେ ଆକ୍ରମଣ କୁ ଗ୍ରହଣ କରାଯିବ ନାହିଁ ବୋଲି ଟ୍ରମ୍ପ କହିଥିଲେ। କତର ପ୍ରଧାନମନ୍ତ୍ରୀଙ୍କୁ ଫୋନ କରି ଏଥିପାଇଁ କ୍ଷମା ମାଗିବା ଲାଗି ସେ ନେତନ୍ୟାହୁଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ନେତନ୍ୟାହୁ ହ୍ୱାଇଟହାଉସରୁ ଫୋନ୍ କରି କତର ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇଥିଲେ ଏବଂ ଦୋହା ଆକ୍ରମଣ ପାଇଁ ଦୁଃଖ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ ଇସ୍ରାଏଲ ସେନା ଗତ ୯ ତାରିଖରେ ହମାସ ମୁଖ୍ୟ ଖଲିଲ ଅଲ-ହୟାଙ୍କୁ ନିଶାଣ କରି କତରର ଦୋହା ଉପରେଆକ୍ରମଣକରିଥିଲେ।ଏଥିରେଅଲ-ହୟାବର୍ତ୍ତିଯାଇଥିଲେ ମଧ୍ୟ ଅନ୍ୟ ୬ ଜଣ ପ୍ରାଣ ହରାଇଥିଲେ। ଏହାକୁ ନେଇ ଅନ୍ୟ ମୁସଲିମ ରାଷ୍ଟ୍ରଗୁଡିକ ଇସ୍ରାଏଲ ବିରୋଧରେ ମେଳି ବାନ୍ଧି ଥିଲେ। ଏସଂପର୍କରେ ଟ୍ରମ୍ପ ସଫେଇ ଦେଇ କହିଥିଲେ ଯେ କତର ଉପରେ ଆକ୍ରମଣ ନେଇ ନେତନ୍ୟାହୁ ତାଙ୍କୁ ପୂର୍ବ ସୂଚନା ଦେଇନଥିଲେ।

ଇତିମଧ୍ୟରେ ଗାଜାରେ ଶାନ୍ତି ପ୍ରତିଷ୍ଠା ଲାଗି ଟ୍ରମ୍ପ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏସଂପର୍କରେ ସେ ନେତନ୍ୟାହୁଙ୍କ ସହିତ ଆଲୋଚନା କରିଛନ୍ତି। ନେତନ୍ୟାହୁ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି। ଯୋଜନା ଅନୁଯାୟୀ ଇସ୍ରାଏଲ ସେନା ଗାଜାରୁ ହଟିବେ ଏବଂ ଚରମପନ୍ଥୀ ହମାସ ନେତା ଆତ୍ମସମର୍ପଣ କରିବେ। ଏହାସହିତ ହମାସ ମୁଣ୍ଡଜାମିନ କରି ରଖିଥିବା ସମସ୍ତ ଇସ୍ରାଏଲୀ ମୁଣ୍ଡଜାମିନକୁ ମୁକ୍ତ କରିବ। ଏହାପରେ ପାଲଷ୍ଟାଇନ ଏକ ସରକାର ଗଠନ କରାଯିବ।



## କାନାଡ଼ାରେ ଲରେନ୍ସର ଖେଳ ଖତମ୍

ଓଟାୱା, ୨୯।୯ (ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗଙ୍କୁ କାନାଡ଼ା ସରକାର ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି। କାନାଡ଼ାର ଜନ ସୁରକ୍ଷା ମନ୍ତ୍ରୀ ଗ୍ୟାରି ଅନନ୍ଦସଙ୍ଗରୀ ଏହି ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗ କେବଳ

ଭାରତ ନୁହେଁ, କାନାଡ଼ା ବ୍ୟତୀତ ଅନ୍ୟ ରାଷ୍ଟ୍ରରେ ମଧ୍ୟ ହତ୍ୟା, ବଟି ଆଦାୟ, ଅସ୍ତ୍ରଶସ୍ତ୍ର କାରବାର ଏବଂ ନିଶାଦ୍ରବ୍ୟ ଚାଲାଣରେ ସମ୍ପୃକ୍ତ ରହିଛି। ଗ୍ୟାରି କହିଛନ୍ତି ଯେ କାନାଡ଼ାରେ ହିଂସା ଏବଂ ଆତଙ୍କର କୌଣସି ସ୍ଥାନ ନାହିଁ। କୌଣସି ବିଶେଷ ସମୁଦାୟ ମଧ୍ୟରେ ଭୟର ପରିବେଶ ସୃଷ୍ଟି କରିବାକୁ ଚାହିଁଲେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ଦେଶର କ୍ରିମିନାଲ କୋଡ ଅନୁଯାୟୀ ଲରେନ୍ସ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି। ବିଷ୍ଣୋଇ ଗ୍ୟାଙ୍ଗ ଏକ ଅନ୍ତର୍ଜାତୀୟ ଆପରାଧିକ ସଂଗଠନ। ଏହା ମୁଖ୍ୟତଃ ଭାରତରେ ସକ୍ରିୟ ରହିଛି। ପ୍ରବାସୀ ରହୁଥିବା ଅଞ୍ଚଳରେ ସୁରକ୍ଷା ବିପଦ ସୃଷ୍ଟି କରୁଛି। ସମାଜରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥିବା ବ୍ୟକ୍ତି, ବ୍ୟବସାୟୀ ଆଦିଙ୍କୁ ନିଶାଣ କରୁଛି। ଏହି ନିଷ୍ପତ୍ତି ଦ୍ୱାରା କାନାଡ଼ାରେ ଥିବା ଲରେନ୍ସ ଗ୍ୟାଙ୍ଗର ସମ୍ପତ୍ତି, ଗାଡ଼ି, ଧନ, ବ୍ୟାଙ୍କ ଖାତା ଆଦିକୁ ଜବତ କରାଯିବ। ଏହି ଗ୍ୟାଙ୍ଗକୁ ଆର୍ଥିକ ସହାୟତା, ସହଯୋଗ ଏବଂ ନିଯୁକ୍ତିରେ ସହାୟକ କରୁଥିବା ବ୍ୟକ୍ତି ତଥା ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଏହାକୁ ଅପରାଧ ଧରାଯିବ। ଏହି ଗ୍ୟାଙ୍ଗ ସହ ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ କାନାଡ଼ାରେ ପ୍ରବେଶ ଅନୁମତି ଦିଆଯିବ ନାହିଁ।

# ରାହୁଲ ଗାନ୍ଧୀଙ୍କୁ ବିଜେପି ନେତାଙ୍କ ହତ୍ୟା ଧମକ

### ମାମଲା ରୁଜୁ କଲା ପୁଲିସ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): କେରଳର ଏକ ନ୍ୟୁଜ ଚ୍ୟାନେଲରେ ବିତର୍କ ଚାଲିଥିବାବେଳେ ବିଜେପି ପ୍ରବକ୍ତା ତଥା ପୂର୍ବତନ ଏବିଭିପି ନେତା ପ୍ରିଣ୍ଟୁ ମହାଦେବ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏହାକୁ ନେଇ ତାଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଏବେ କଂଗ୍ରେସ ଏ ସମ୍ବନ୍ଧରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛି। ଏହି ଚିଠିରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ କହିଛନ୍ତି ଯେ ଧମକ ଦେଇଥିବା ବିଜେପି ପ୍ରବକ୍ତାଙ୍କ ବିରୋଦରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଯଦି କୌଣସି ପଦକ୍ଷେପ ନିଆ ନ ଯିବ ତେବେ ମିଳିମିଶି ରାହୁଲଙ୍କ ବିରୋଧରେ ହିଂସା କରାଯାଉଛି ବୋଲି ଧରାଯିବ। ଏହି ଧମକ କୌଣସି ଛୋଟମୋଟ ପଦାଧିକାରୀଙ୍କ ଅବହେଳାପୂର୍ଣ୍ଣ ପ୍ରତିକ୍ରିୟା ନୁହେଁ। ଜାଣିଶୁଣି ଏଭଳି ହିଂସାପୂର୍ଣ୍ଣ ପରିବେଶ ସୃଷ୍ଟି କରାଯାଉଛି। ଏହା ବିରୋଧୀ ନେତାଙ୍କ ପାଇଁ ଅସୁରକ୍ଷିତ ପରିବେଶ ସୃଷ୍ଟି କରୁଛି। ଏବେ ଏହା ବିରୋଧରେ ଦାୟିତ୍ୱ ନେବା ସରକାରଙ୍କ କାମ। ସରକାର କେଉଁ ବିଚାରଧାରାକୁ ସମର୍ଥନ କରୁଛନ୍ତି ତାହା ଜଣାନ୍ତୁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଚିଠିରେ ଶାହାଙ୍କୁ ପ୍ରଶ୍ନ କରାଯାଇଛି ଯେ ସାର୍ବଜନୀନ ଜୀବନରେ ବିଷ ସୃଷ୍ଟି କରୁଥିବା ଖୋଲମଖୋଲା ଆପରାଧିକ ଧମକ, ହିଂସାର ରାଜନୀତିକୁ ଆପଣ ସମର୍ଥନ ଦେଉଛନ୍ତି କି? ପରିବାରର ଦୁଇ ସଦସ୍ୟଙ୍କୁ ହତ୍ୟାରେ ହରାଇଥିବା ଜଣେ ନେତାଙ୍କ ସୁରକ୍ଷା ସମ୍ବନ୍ଧିତ



ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୀତିକରଣ କରି ସରକାର ନିଆଁ ସହ ଖେଳୁଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ଏହା ବିରୋଧୀ ନେତାଙ୍କ ବିରୋଧରେ ହିଂସାକୁ ବୈଧାନିକ କରିବାର ଲାଇସେନ୍ସ ପ୍ରଦାନ କରିବ। ଏହା ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ଆପଣ ନେଇଥିବା ଶପଥର ଗମ୍ଭୀର ଉଲ୍ଲଙ୍ଘନ ହେବ।

ସୂଚନା ଅନୁଯାୟୀ କେରଳର ଏକ ନ୍ୟୁଜ ଚ୍ୟାନେଲରେ ଲଦାଖ ହିଂସାକୁ ନେଇ ବିତର୍କ ଚାଲିଥିଲା। ଏଥିରେ ରାହୁଲଙ୍କ ଛାତିକୁ ଗୁଳି ମାରିଦିଆଯିବ ବୋଲି ପ୍ରିଣ୍ଟୁ କହିଥିଲେ। ଏହାକୁ ନେଇ କେରଳ ବିରୋଧୀ ଦଳ ନେତା ଭିଡି ସତୀଶନ କହିଛନ୍ତି ଯେ ସେମାନେ ରାହୁଲଙ୍କୁ ମାରିବାକୁ ଚାହୁଁଛନ୍ତି। ଭାରତର ଜନସାଧାରଣ ଏଭଳି ହେବାକୁ ଦେବେ ନାହିଁ।

## ଆଲୋଚନାରୁ ଓହରିଲା ଲଦାଖ ସଂଗଠନ

ଲେହ, ୨୯।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ଲେହ ଆପେକ୍ସ ବଡି (ଏଲଏବି) ବିରୋଧ କରିଛି। ଆସନ୍ତା ୬ ତାରିଖରେ ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ସହ ହେବାକୁ ଥିବା ଆଲୋଚନାରୁ ଏହି ସଂଗଠନ ଓହରି ଯାଇଛି। ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ତୁରନ୍ତ ମୁକ୍ତି ପାଇଁ ଦାବି କରିଛି। ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅଧିନରେ ୱାଙ୍ଗଚୁକ୍‌ଙ୍କ ଗିରଫ, ରାଜ୍ୟ ମାନ୍ୟତା ଦାବିରେ କରାଯାଇଥିବା ବିକ୍ଷୋଭ ପ୍ରଦର୍ଶନକୁ ଦେଶ ବିରୋଧୀ ଆଖ୍ୟା ଦେବା, ପୁଲିସ ଗୁଳିରେ ଯୁବକଙ୍କ ମୃତ୍ୟୁକୁ ବିରୋଧ କରି ଏହି ପଦକ୍ଷେପ ନିଆଯାଇଛି। ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ମାମଲାର ନ୍ୟାୟିକ ତଦନ୍ତ, ସିଆର୍‌ପିଏଫ ବିରୋଧରେ ମାମଲା ଏବଂ ବିକ୍ଷୋଭକାରୀଙ୍କ ବିରୋଧରୁ କେସ୍ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆଲୋଚନା ହେବନି ବୋଲି ଏଲଏବି ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ହିଂସା ପାଇଁ ଲଦାଖରେ କ୍ରମାଗତ ପଞ୍ଚମ ଦିନ ପାଇଁ ରବିବାର କର୍ଫ୍ୟୁ ବଳବତ୍ତର ରହିଛି। ଚାରିଆଡେ ଶୂନଶାନ। କର୍ଫ୍ୟୁ ଢ଼ିଲା ହେଲେ ଲୋକ ଘରୁ ବାହାରି ଖୋଲାଖୋଲି ଭାବେ ନିଜକଥା ରଖିବେ ବୋଲି ଆଶା କରାଯାଉଥିଲା। ଏଭଳି ହୋଇନାହିଁ। ୱାଙ୍ଗଚୁକଙ୍କ ଗିରଫ ସତ୍ତ୍ୱେ ସାରା ଲଦାଖ ଶାନ୍ତ ରହିଛି। ଗତ ୨୪ ତାରିଖରେ ହୋଇଥିବା ଆନ୍ଦୋଳନ ହିଂସାର ରୂପ ନେଇଥିଲା। ଏଥିରେ ୪ ଯୁବକଙ୍କ ସମେତ ୪୬ ବର୍ଷୀୟ ପୂର୍ବ ସୈନିକ ସେୱାଙ୍ଗ ଥାର୍ଚ୍ଚିଙ୍ଗ୍ ମୃତ୍ୟୁବରଣ କରିଥିଲେ। ଥାର୍ଚ୍ଚିଙ୍ଗ୍ କାରଗିଲ ଯୁଦ୍ଧ ଲଢ଼ିଥିଲେ। ସେ ୧୯୯୬ରୁ ୨୦୧୭ ପର୍ଯ୍ୟନ୍ତ ଭାରତୀୟ ସେନାରେ ଜଣେ ହାବିଲଦାର ଭାବେ ନିୟୋଜିତ ଥିଲେ। ରବିବାର ଏହି ୪ ମୃତକଙ୍କ ମଧ୍ୟରୁ ଦୁଇଜଣଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏମାନେ ହେଲେ ଜିଗ୍‌ମେଟ୍ ଦୋର୍ଜେ ଓ ଷ୍ଟାନଜିନ୍ ନାମଗ୍ୟାଲ। କଡ଼ା ସୁରକ୍ଷା ମଧ୍ୟରେ ଏହି ଦୁଇଜଣଙ୍କ ଅନ୍ତେଷ୍ଟି କ୍ରିୟା କରାଯାଇଛି। କେତେକ ସ୍ଥାନୀୟ ଓ ଜାତୀୟ ଗଣମାଧ୍ୟମ ପ୍ରତିନିଧି ଅନ୍ତିମ ସଂସ୍କାରକୁ କଭର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ପୁଲିସ ସେମାନଙ୍କୁ ୨୦୦ ମିଟର ପୂର୍ବରୁ ରୋକିଥିଲା। ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କ ପତ୍ନୀ ଗୀତାଞ୍ଜଳି ସଫେଇ ଦେଇଛନ୍ତି। ସ୍ୱାମୀଙ୍କ ଉପରେ ଆସିଥିବା ସବୁ ଅଭିଯୋଗକୁ ସେ ଭିତ୍ତିହୀନ ଓ ଅମୂଳକ କହିଛନ୍ତି। ୪ ବର୍ଷ ତଳେ ଲଦାଖକୁ କେନ୍ଦ୍ରଶାସିତ ପ୍ରଦେଶରୁ ରାଜ୍ୟର ମାନ୍ୟତା ଓ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବାକୁ ଦାବି ହୋଇଥିଲେ ସେତେବେଳଠାରୁ ୱାଙ୍ଗଚୁକ୍ ଟାର୍ଗେଟ୍‌ରେ ଥିଲେ।

## ୫୦ ଦିନରେ ୧୫ ହୋଟେଲ ବଦଳାଇଥିଲେ ଚୈତନ୍ୟାନନ୍ଦ



ନୂଆଦିଲ୍ଲୀ, ୨୯।୯(ଏଜେନ୍ସି): ଦିଲ୍ଲୀର ଶ୍ରୀ ଶାରଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ପୂର୍ବତନ ମୁଖ୍ୟ ୬୨ ବର୍ଷୀୟ ସ୍ୱାମୀ ଚୈତନ୍ୟାନନ୍ଦ ଗିରଫ୍ ହେବା ପୂର୍ବରୁ ଲଗାତର ନିଜର ଠିକଣା ବଦଳାଇଥିଲା ବୋଲି ପୁଲିସ କହିଛି। ଗତ ୫୦ ଦିନ ମଧ୍ୟରେ ସେ ୧୫ଟି ହୋଟେଲ ବଦଳାଇଥିଲା। ପୁଲିସ୍‌ର ନଜରରୁ ବର୍ତ୍ତିବା ପାଇଁ ସେ ବିନା ସିସିଟିଭି ଥିବା ଶସ୍ତା ହୋଟେଲରେ ରହୁଥିଲେ। ଉତ୍ତରପ୍ରଦେଶର ଧାର୍ମିକ ସାହର ବୃନ୍ଦାବନ, ମଥୁରାରେ ଲୁଚି ରହୁଥିଲା।

**ନଜରରୁ ବର୍ତ୍ତିବା ପାଇଁ ବିନା ସିସିଟିଭି ଥିବା ଶସ୍ତା ହୋଟେଲରେ ରହୁଥିଲେ**

ବିଶ୍ୱସ୍ତ ଲୋକ ତା ପାଇଁ ଏହି ସବୁ ଶସ୍ତା ହୋଟେଲରେ ରହିବାର ବ୍ୟବସ୍ଥା କରୁଥିଲେ। ଶନିବାର ସେ ଆଗ୍ରାର ଏକ ହୋଟେଲରେ ଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ତାକୁ ୫ ଦିନ ପାଇଁ ପୁଲିସ ରିମାଣ୍ଡକୁ ପଠାଇଛନ୍ତି। ପୁଲିସ ଏବେ ତା'ର ବିଭିନ୍ନ ସହଯୋଗୀଙ୍କୁ ଖୋଜୁଛି। ପୁଲିସ ତା'ଠାରୁ ଆଇପଡ ଓ ୩ଟି ଫୋନ୍ ଜବତ କରିଛି। ଗୋଟିଏ ଫୋନ୍‌ରେ ଛାତ୍ରାବାସର ସିସିଟିଭି ଫୁଟେଜର ରହିଛି। ଏହା ଜରିଆରେ ସେ ଛାତ୍ରୀମାନଙ୍କ ଉପରେ ନଜର ରଖୁଥଲା। ସେ ତା'ର ବିଭିନ୍ନ ଡିଜିଟାଲ ଉପକରଣଗୁଡିକର ପାସ୍‌ୱାର୍ଡ ଭୁଲିଯାଇଛି ବୋଲି ପଚରା ଉଚରା ବେଳେ କହିଥିଲା।

## ଉତ୍ତର ପ୍ରଦେଶ ସ୍କୁଲ୍‌ରେ ଚାଲିଛି ଲୁଟ୍‌ର ଖେଳ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ଦେଶରେ ସରକାରୀ ଶିକ୍ଷାର ସ୍ତର ଦିନକୁ ଦିନ ଅଧୋଗତି ଆଡକୁ ମୁହାଁଇବାରେ ଲାଗିଛି। ଏପରି ସମୟରେ ଉତ୍ତର ପ୍ରଦେଶରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସରକାରୀ ଅର୍ଥ ହରିଲୁଟ୍ ପାଇଁ କିଭଳି ଶିକ୍ଷାକୁ ଅସ୍ତ୍ର କରାଯାଇଛି ଏହା ତାହାର ନିଛକ ଉଦାହରଣ ପାଲଟି ଯାଇଛି। ନେତା ଏବଂ କ୍ଷମତାଶାଳୀ ଲୋକେ ମିଶି ଶିକ୍ଷାର ମନ୍ଦିର ବିଦ୍ୟାଳୟକୁ ହରିଲୁଟ୍‌ର ମାଧ୍ୟମ କରିଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଉତ୍ତର ପ୍ରଦେଶ ଗୋଣ୍ଡର ଶ୍ରୀ ବାଳକ ଭଗବାନ ଲଘୁ ମାଧ୍ୟମିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ପିଲା ପଢୁଛନ୍ତି। ମାତ୍ର ଏହି ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ୭୭ ଶିକ୍ଷକ ମୁତୟନ ହୋଇଛନ୍ତି। ଅର୍ଥାତ୍ ତିନି ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। କିନ୍ତୁ ୩୫ ଶିଶୁଙ୍କ ପାଇଁ ଜଣେ ଶିକ୍ଷକ ରହିବାର ନିୟମ ରହିଛି। ସେହିପରି ଭୈୟା ଚନ୍ଦ୍ରଭାନଦତ୍ତ ଲଘୁ ମାଧ୍ୟମିକ ସ୍କୁଲ ରାମପୁର ଟେଙ୍ଗରହାରେ ୨୫୦ ଛାତ୍ରଛାତ୍ରୀ ପଢୁଛନ୍ତି। କିନ୍ତୁ ଏଠାରେ ୪୫ ଶିକ୍ଷକ ମୁତୟନ ଅଛନ୍ତି। ମାତ୍ର କେବଳ ୭ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଏହା ବ୍ୟତୀତ ଶ୍ରୀ ଦୟାନନ୍ଦ ଆର୍ଯ୍ୟ ବୈଦିକ କଲେଜରେ ୧୫୦ ଛାତ୍ରଛାତ୍ରୀଙ୍କ ପାଇଁ ୫ ଶିକ୍ଷକ ବଦଳରେ ୪୫ ଶିକ୍ଷକ ଅଛନ୍ତି। ଏଠାରେ ନିୟମ ବିରୋଧରେ ୪୫ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି।

ଏହି ସ୍କୁଲ କେବଳ ଉଦାହରଣ ମାତ୍ର। କେବଳ ଗୋଣ୍ଡା ଜିଲ୍ଲାରେ ସରକାରୀ ସହାୟତା ପାଉଥିବା ୨୯ ଏଡେଡ ସ୍କୁଲ ରହିଛି। ଏହି ସବୁଥିରେ ୭୦୦ରୁ ଅଧିକ ଶିକ୍ଷକ ମୁତୟନ ଅଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଏମାନଙ୍କୁ ୨ ବିଲିୟନ ଟଙ୍କାର ଦରମା ଦିଆଯାଇଛି। ସାରା ପ୍ରଦେଶରେ ଏଭଳି ସ୍କୁଲ୍ ସଂଖ୍ୟା ୧୦୬୮ ରହିଛି। ଅର୍ଥାତ୍ ଏହି ଦରମାର ଖେଳ ଜୋରସୋରରେ ଚାଲିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିକ୍ଷା ବିଭାଗର ଅଧିକାରୀ ଏବଂ ନେତାଙ୍କ ସହ ମିଶି ସ୍କୁଲ୍ କମିଟିଗୁଡିକ ଏହି ଲୁଟ୍‌ର ଖେଳ ଚଳାଇଛନ୍ତି। ଏକାଥରକେ ଅନେକଙ୍କୁ ନିଯୁକ୍ତି କରାଯାଇଛି। କାହାଠୁ ଲାଞ୍ଚ ନେଇ ନିଯୁକ୍ତି ଦିଆଯାଇଛି ତ ଆଉ କାହାକୁ ନେତା ତଥା ଜନପ୍ରତିନିଧି ଏବଂ ପରିଚାଳକଙ୍କ ସମ୍ପର୍କୀୟ ଭାବେ ସ୍କୁଲରେ ଚାକିରି ଦିଆଯାଇଛି। କେବଳ ଗୋଣ୍ଡାର ତିନି ସ୍କୁଲରେ କମିଟି, ବିଧାୟକ, ନେତାଙ୍କ ସମ୍ପର୍କୀୟକୁ ନିଯୁକ୍ତି କରାଯାଇଛି। ଏହି ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ୭ ବର୍ଷ ହେଲା ଯାଞ୍ଚ ଜାରି ରହିଛି।

ଭୈୟା ଚନ୍ଦ୍ରଭାନୁ ସ୍କୁଲରେ ପବନ ମିଶ୍ରାଙ୍କୁ ନିଯୁକ୍ତି କରାଯାଇଛି। ସେ ବିଧାୟକ ପ୍ରେମନାରାୟଣ ପାଣ୍ଡେୟଙ୍କ ଜ୍ୱାଇଁ। ଏଠାରେ କାମ କରୁଥିବା ଅବିନାଶ ତିୱାରୀ ବିଧାୟକଙ୍କ ପୁଅର ଶଳା। ବିଧାୟକଙ୍କ ସଢୁ ଚନ୍ଦ୍ରପ୍ରକାଶ ମିଶ୍ର ସହାୟକ ଶିକ୍ଷକ ଅଛନ୍ତି। ସ୍କୁଲ ପରିଚାଳକ ଦିଗବିଜୟ ପାଣ୍ଡେୟଙ୍କ ବୋହୂ ପୁନମ ଦେବୀ ଏଠାରେ କ୍ଲର୍କ ଅଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ପୁନମ ଦେବୀ ୨୦୧୩ ଏପ୍ରିଲରେ ଅନୁମୋଦନ ପାଇଥିବା ଦର୍ଶାଇଛନ୍ତି। କିନ୍ତୁ ରାଧେଶ୍ୟାମ ପାଣ୍ଡେୟ ଅବସର ନେବା ପରେ ୨୦୧୫ ସେପ୍ଟେମ୍ବର ୩୦ରେ ଏହି ପଦ ଖାଲି ହୋଇଥିଲା।


ମଙ୍ଗଳାବାଗ


ଶେଖ୍ ବଜାର


ଖଟବିନ୍ ସାହି


କାଜି ବଜାର


ରୋଭର୍ସ ଷ୍ଟ୍ରିଟ୍

ମହାସପ୍ତମୀ ଅବସରରେ କଟକର ବିଭିନ୍ନ ପୂଜାମଣ୍ଡପରେ ମା’ ମହାମାୟା

## ବାଇକ୍‌କୁ ପିଟିଲା କାର୍: ଦୁଇ ଭାଇ ମୃତ

ଆଳି, ୨୯।୯ (ସମିସ): କଟକ-ଚାନ୍ଦବାଲି ରାସ୍ତାର ଗୋପୀନାଥପୁର ଶାସନ ଛକରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଏକ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପଟ୍ଟାମୁଣ୍ଡାଇ ଅରଡ଼ପଲ୍ଲୀ ଗ୍ରାମର ନରେନ୍ଦ୍ର ଦାସ (୨୬) ଓ ଅଜିତ ନାୟକ (୩୬)। ସୂଚନା ମୁତାବକ, ରାଜକନିକା ଥାନା ବରାଡ଼ିଆ ପଞ୍ଚାୟତ ଶିକୁଡି



ଗ୍ରାମର ହରିଶ୍ଚନ୍ଦ୍ର ରାଉତ (୬୭) ଓ ତାଙ୍କ ପତ୍ନୀ ଶାନ୍ତିଲତା ରାଉତ (୫୨) କାର୍‌ରେ କଟକରୁ ଫେରୁଥିଲେ। ଗୋପୀନାଥପୁର ଛକ ନିକଟରେ ଆଳି ପଟୁ ବାଇକ୍‌ରେ ଆସୁଥିବା ଦୁଇ ଭାଇ ନରେନ୍ଦ୍ର ଓ ଅଜିତଙ୍କୁ କାର୍‌ଟି ଧକ୍କା ଦେଇଥିଲା। ଏଥିରେ ସମସ୍ତେ ଆହତ ହୋଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରୁ ସମସ୍ତଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ନରେନ୍ଦ୍ର ଓ ଅଜିତଙ୍କୁ ମୃତ ଘୋଷଣା କରିଥିଲେ। ହରିଶ୍ଚନ୍ଦ୍ର ଓ ଶାନ୍ତିଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଓଡ଼ିଶା ସପ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟରେ ସଂଶୋଧନ ପ୍ରସଙ୍ଗ

## ଶ୍ରମିକ ଶୋଷଣର ବାଟ ଖୋଲିଲେ ସରକାର: ବିଜେଡି

ଭୁବନେଶ୍ୱର, ୨୯।୯ (ସମିସ): ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଓଡ଼ିଶା ସପ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ-୧୯୫୬ରେ ଆଜି ଅନୁମୋଦିତ ହୋଇଥିବା ଦୁଇଟି ସଂଶୋଧନ ଉପରେ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ରଖିଛି। ଏହା ରାଜ୍ୟର ଶ୍ରମିକମାନଙ୍କୁ ଅଧିକ ଶୋଷଣ କରିବାର ବାଟ ଖୋଲିଲା ବୋଲି ଦଳ କହିଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା କଟକର ମେୟର୍ ସୁବାସ ସିଂ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ରାଜ୍ୟର ଶ୍ରମିକମାନଙ୍କ ଅଧିକାର ଉପରେ କୁଠାରଘାତ ସଦୃଶ୍ୟ।



ଶ୍ରୀ ସିଂ କହିଥିଲେ ଯେ ୧୯୫୬ ମେ’ ମାସରେ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ତିଆରି ହୋଇଥିବା ଆଇନରେ ଗୋଟିଏ ଦିନରେ ୮ ଘଣ୍ଟା କାର୍ଯ୍ୟ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ, ଆଜିର ଏହି ନିଷ୍ପତ୍ତି ବଳରେ, ଶ୍ରମିକମାନେ ସେମାନଙ୍କ ସ୍ୱୀକୃତି ଅନୁଯାୟୀ, ୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବେ ଓ ସେଥିପାଇଁ ସେମାନେ ଓଭର-ଟାଇମ୍ ନିୟମ ଅନୁସାରେ ଅଧିକ ପାରିଶ୍ରମିକ ପାଇବେ। ସେହିପରି, ପୂର୍ବରୁ ସଂଧ୍ୟା ୬ଟା ପରେ ମହିଳା ଶ୍ରମିକମାନଙ୍କୁ

### ହକ୍ ପାଇଁ ସ୍ୱର ଉତ୍ତୋଳନ କରିବାର କ୍ଷମତା ହରାଇବେ ଶ୍ରମିକ

କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିୟମ ନଥିଲା। କିନ୍ତୁ, ଆଜିର ନିଷ୍ପତ୍ତି ଅନୁଯାୟୀ ମହିଳାମାନଙ୍କୁ ମଧ୍ୟ ସନ୍ଧ୍ୟା ପରେ ସେମାନଙ୍କ ସ୍ୱୀକୃତି ନେଇ କାମରେ ଲଗା ଯାଇପାରିବ। ତେବେ ପୂର୍ବରୁ ଓଭରଟାଇମ୍ ନିୟମ ଥିଲେ ମଧ୍ୟ ଏହାର ଉଲ୍ଲଂଘନ ହେଉଥିବା ପରିଲକ୍ଷିତ ହେଉଛି। କମ୍ପାନୀ କର୍ତ୍ତୃପକ୍ଷ ଅଧିକ ସମୟ ଖଟାଉଥିଲେ ହେଁ ଓଭରଟାଇମ୍ ଅର୍ଥ ଦେଉନାହାନ୍ତି। ସେହିପରି, ଇପିଏଫ, ଇଏସ୍‌ଆଇ ନିୟମ ରହିଥିଲେ ମଧ୍ୟ ଅଧିକାଂଶ ମାଲିକ ଏହାକୁ ପାଳନ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟ ସମୟ ବୃଦ୍ଧି ହୋଇପାରିବ ବୋଲି ସରକାର ନିଷ୍ପତ୍ତି ନେବା ଦ୍ୱାରା ଶ୍ରମିକମାନେ ଅଧିକ କାର୍ଯ୍ୟ କରିବେ କିନ୍ତୁ ତା ପାଇଁ ପରିଶ୍ରମିକ ପାଇବେ ନାହିଁ। ତେଣୁ, ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ଶ୍ରମିକମାନଙ୍କୁ ମାଲିକ ଅଧିକ ଶୋଷଣ କରିବେ।

ସେହିପରି, ସନ୍ଧ୍ୟା ପରେ ମଧ୍ୟ ମହିଳାମାନେ କାର୍ଯ୍ୟରେ ନିୟୋଜିତ ହେବା ନିଷ୍ପତ୍ତି ମଧ୍ୟ ଗ୍ରହଣୀୟ ନୁହେଁ। ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ ନକରି ଏପରି ନିଷ୍ପତ୍ତି କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ସନ୍ଧ୍ୟା ପରେ କାର୍ଯ୍ୟସ୍ଥଳୀରେ ମହିଳାଙ୍କ ସୁରକ୍ଷା ଏକ ଗୁରୁତ୍ୱର ପ୍ରସଙ୍ଗ। ଏହାଛଡ଼ା ଏହି ନିଷ୍ପତ୍ତି ଯୋଗୁଁ ଶ୍ରମିକମାନେ ତାଙ୍କର ହକ୍ ପାଇଁ ସ୍ୱର ଉତ୍ତୋଳନ କରିବା କ୍ଷମତା ମଧ୍ୟ ହରାଇବେ। ତେଣୁ ରାଜ୍ୟ ସରକାରଙ୍କ ଏହି ଦୁଇ ନିଷ୍ପତ୍ତି ଶ୍ରମିକ ସମାଜକୁ ଏକ ଭୟଙ୍କର ସ୍ଥିତିରେ ପକାଇବାକୁ ଯାଉଛି ବୋଲି ସେ ଚେତାଇ ଦେଇଛନ୍ତି।

## ୧୯୩ଟି ମଣ୍ଡପରେ ଜଗିବେ ୬୧ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୨୯।୯ (ସମିସ): ଦୁର୍ଗାପୂଜା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୂରା ସହରରେ ୧୯୩ଟି ମଣ୍ଡପରେ ମା’ ମହାମାୟୀ ବିରାଜିଥିବା ବେଳେ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୩ଜଣ ଡିସିପି ରାଙ୍କ ଅଫିସର୍‌ଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ସେମାନଙ୍କ ଅଧୀନରେ ୬୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହା ଭିତରେ ୩ ପ୍ଲାଟୁନ କେନ୍ଦ୍ରୀୟ ସଶସ୍ତ୍ର ବଳ ରହିଛନ୍ତି। ରାଜଧାନୀର ୨୪ଟି ମଣ୍ଡପରେ ମା’ଙ୍କ ମୂର୍ତ୍ତିରେ ସୁନା ଓ ରୁପା ଅଳଙ୍କାର ବ୍ୟବହାର ହୋଇଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ସେହିପରି କମିସନରେଟ ପୁଲିସର ‘ହର୍’ ଟିମ ମହିଳାଙ୍କ ସୁରକ୍ଷା ଦିଗରେ ନିୟୋଜିତ ହୋଇଛନ୍ତି। ମୋବାଇଲ ପାଟ୍ରୋଲିଂ ବ୍ୟାପକ ହୋଇଛି। ଷ୍ଟ୍ରାଇକିଂ ଫୋର୍ସ, ସ୍ପେଶାଲ ଟାକ୍ଟିକାଲ ୟୁନିଟ, ବମ୍ ଡିସ୍ପୋଜାଲ ସ୍କ୍ୱାଡ୍ ମଧ୍ୟ ମୁତୟନ ହୋଇଛନ୍ତି। ରାଜଧାନୀବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଯାଇ ଏଭଳି ବ୍ୟବସ୍ଥା ହୋଇଥିବା କହିଛନ୍ତି ପୁଲିସ କମିସନର୍। ପୂଜାରେ ପ୍ରବଳ ଭିଡ଼ ହେଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ବୁଲାବୁଲି କରୁଛନ୍ତି। ଭିଡ଼ ପରିଚାଳନା କରିବାକୁ ଫୋର୍ସ ମୁତୟନ ହୋଇଥିବା କହିଛନ୍ତି ପୁଲିସ କମିସନର୍।

## କେନ୍ଦ୍ରକୁ ଯିବେ ଆଇଏଏସ୍ ଦମ୍ପତି

ଭୁବନେଶ୍ୱର, ୨୯।୯ (ସମିସ): କେନ୍ଦ୍ରକୁ ଡେପୁଟେସନ୍‌ରେ ଯିବେ ୨୦୧୧ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମା ଏବଂ ତାଙ୍କ ପତ୍ନୀ ୨୦୧୪ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ସ୍ୱଧାଦେବ ସିଂହ। ଏନେଇ ସୋମବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସମର୍ଥ ବର୍ମାଙ୍କୁ ବନ୍ଦର, ଜାହାଜ ଓ ଜଳମାର୍ଗ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଅନ୍ୟପକ୍ଷରେ ସ୍ୱଧାଦେବ ସିଂହଙ୍କୁ ନିର୍ଦ୍ଦେଶକ, ଜନଗଣନା/ନାଗରିକ ପଞ୍ଜୀକରଣ ଭାବେ ଅବସ୍ଥାପିତ କରାଯାଇଛି। ନୂତନ ଦାୟିତ୍ୱରେ ଯୋଗ ଦେବା ପାଇଁ ଏହି ଦୁଇ ଆଇଏଏସ୍ ଅଧିକାରୀଙ୍କୁ ରିଲଭ୍ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି।

## ୨ରୁ କଂଗ୍ରେସର ବର୍ଷବ୍ୟାପୀ ପଦଯାତ୍ରା

ଭୁବନେଶ୍ୱର, ୨୯।୯ (ସମିସ): ଆସନ୍ତା ଅକ୍ଟୋବର ୨ତାରିଖରୁ ଓଡ଼ିଶାରେ ବର୍ଷବ୍ୟାପୀ ‘ଗାନ୍ଧୀ ପଥେ ଓଡ଼ିଶା’ ପଦଯାତ୍ରା ଆରମ୍ଭ କରିବ କଂଗ୍ରେସ। ଗାନ୍ଧୀ ଜୟନ୍ତୀ ଦିନ ପିସିସି ସଭାପତି ଭକ୍ତଚରଣ ଦାସ ମାଲକାନଗିରିର ମୋଟୁଠାରୁ ଏହି ପଦଯାତ୍ରାର ଶୁଭାରମ୍ଭ କରିବେ। ନାରୀ ନ୍ୟାୟ ଅଧିକାର ପାଇଁ ୩ ତାରିଖ

### ଯୋଗ ଦେଇପାରନ୍ତି ରାହୁଲ୍ ଗାନ୍ଧୀ

ମଧ୍ୟ ପଦଯାତ୍ରାର ପ୍ରଥମ ଦଫା ଚାଲୁ ରହିବ। ତେବେ ନୂଆପଡ଼ା ଉପନିର୍ବାଚନ ପରେ ପଦଯାତ୍ରା ପୁଣି ଆରମ୍ଭ କରାଯିବ କଂଗ୍ରେସ ମିଡିଆ ସେଲ୍ ମୁଖ୍ୟ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ପର୍ଯ୍ୟାୟାନୁକ୍ରମେ ଦିନକୁ ୧୫-୨୦ କିମି ଏହି ପଦଯାତ୍ରା ଆୟୋଜିତ ହେବ। ଏନେଇ ବିସ୍ତୃତ କାର୍ଯ୍ୟସୂଚୀ ଓ ରୋଡମ୍ୟାପ୍ ବର୍ତ୍ତମାନ କଂଗ୍ରେସ ପ୍ରସ୍ତୁତ କରୁଛି। ଏହି ପଦଯାତ୍ରାରେ ରାଜ୍ୟର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଅଂଶଗ୍ରହଣ କରିବେ। ଏହାବ୍ୟତୀତ ବର୍ଷେବ୍ୟାପୀ ଏହି ପଦଯାତ୍ରା ଜାରି ରହିବାକୁ ଥିବାରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଆସନ୍ତା ନଭେମ୍ବର ସୁଦ୍ଧା ସେ ଓଡ଼ିଶା ଗସ୍ତ କରିପାରନ୍ତି ବୋଲି କୁହାଯାଉଛି।





ମାତ୍ର ₹୫୦୦୦ ରେ ସୌର ଶକ୍ତି ଆପଣ ନ୍ତୁ, ଆଜୀବନ ସଞ୍ଚୟ କରନ୍ତୁ !

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପିଏମ୍ ସୂର୍ଯ୍ୟ ଘର:
ମୁଫ୍ତ ବିଜୁଳି ଯୋଜନା ୟୁଏଲଏ (ULA) ମଡେଲ
ଅଧିନରେ ୧ କିଲୋୱାଟ୍ ଘରୋଇ ଉପଭୋକ୍ତାଙ୍କ*ପାଇଁ

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ₹୫୫,୦୦୦ ସବ୍‌ସିଡି
- ନେଟ୍ ମିଟର ଦେୟ ମୁକ୍ତ । ସୋଲାର ମିଟର୍ ମୂଲ୍ୟ ଅତିରିକ୍ତ
- ଆଜି ହିଁ ନିକଟସ୍ଥ ଟିପିଏନ୍‌ଓଡିଏଲ୍ ବିଦ୍ୟୁତ୍ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ

₹୫୦୦୦ ରେ ୧ କିଲୋୱାଟ୍ ସୌର ପ୍ୟାନେଲ
₹୫୦୦୦ ସଞ୍ଚୟ କରନ୍ତୁ ବିଦ୍ୟୁତ୍ ବିଲ୍ ରେ ପ୍ରତି ବର୍ଷ



ପିଏମ୍ - ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା

- ସରକାରୀ ସହାୟତା
- ଗ୍ରୀଡ୍ ସଂଯୁକ୍ତ ସହଜ ସଂସ୍ଥାପନ
- ସ୍ୱଳ୍ପ ରକ୍ଷଣାବେକ୍ଷଣ ଏବଂ ଦୀର୍ଘସ୍ଥାୟୀ
- ପରିବେଶ ସୁରକ୍ଷାରେ ସହାୟକ

ସ୍ଥାପନା ପାଇଁ ସରକାରୀ ସବସିଡି ବ୍ୟବସ୍ଥା

| କିଲୋୱାଟ | କେନ୍ଦ୍ର ସରକାର | ରାଜ୍ୟ ସରକାର | ସମୁଦାୟ |
|---|---|---|---|
| ୧ | ୩୦,୦୦୦ ଟଙ୍କା | ୨୫,୦୦୦ ଟଙ୍କା | ୫୫,୦୦୦ ଟଙ୍କା |
| ୨ | ୬୦,୦୦୦ ଟଙ୍କା | ୫୦,୦୦୦ ଟଙ୍କା | ୧,୧୦,୦୦୦ ଟଙ୍କା |
| ୩ ଓ ଉର୍ଦ୍ଧ୍ୱ | ୭୮,୦୦୦ ଟଙ୍କା | ୬୦,୦୦୦ ଟଙ୍କା | ୧,୩୮,୦୦୦ ଟଙ୍କା |



1800-3456-718 | 1912 www.pmsuryaghar.gov.in

tpnodl.odisha | tpnodl_odisha | 77770 04759 | 24/7 Toll-free 1800-3456-718/1912 | www.tpnodl.com





# ସରିଲା ଚକ୍ଷୁଦାନ, ଆଜି ମହାଷ୍ଟମୀ

ଭୁବନେଶ୍ୱର, ୨୯।୯(ସମିସ): ଗତକାଲି ଥିଲା ଜଗତ୍‌ଜନନୀ ମା’ ଦୁର୍ଗାଙ୍କ ଷଷ୍ଠୀ ଠାରୁ ମା’ଙ୍କ ଦର୍ଶନ ପାଇଁ ଭିଡ଼ ଲମ୍ବିଛି। ରାଜଧାନୀର ବିଭିନ୍ନ ମଣ୍ଡପରେ ମା’ଙ୍କ ଚକ୍ଷୁଦାନ କରାଯାଇଥିବା ବେଳେ ମହା ଅଷ୍ଟମୀ ପୂଜା ପାଇଁ ଚାଲିଛି ପ୍ରସ୍ତୁତି। ଷଷ୍ଠୀରେ ମା’ଙ୍କ ବିଲ୍ୱବରଣ କରାଯିବା ପରେ ମହା ସପ୍ତମୀ ପୂଜା ସହ ମା’ଙ୍କ ଚକ୍ଷୁଦାନ କରାଯାଇଛି। ଆସନ୍ତାକାଲି ମହାଅଷ୍ଟମୀ ପୂଜା ଆରମ୍ଭ ହେବ। ଏଥିପାଇଁ ପୂଜା ମଣ୍ଡପ ଗୁଡ଼ିକ ଚଳଚଞ୍ଚଳ ହୋଇଛି। ଭଳିକି ଭଳି ସୁଉଚ୍ଚ ତୋରଣ ଓ ଆଲୋକମାଳାରେ ସଜେଇ ହୋଇଛି ରାଜଧାନୀ କୋଣ ଅନୁକୋଣରେ ଥିବା ପୂଜାମଣ୍ଡପ। ଚାରିଆଡ଼େ ଚାଲିଛି ଜଗତ୍‌ଜନନୀ ମା’ ଦୁର୍ଗାଙ୍କ ଆବାହନ। ଧୂପ, ଦୀପ, ନୈବେଦ୍ୟ, ଝୁଣା ବାସ୍ନାରେ ମହକୁଛି ରାସ୍ତାଘାଟ। ସଞ୍ଜ ହେଲେ ଚିକିମିକି ରଙ୍ଗୀନ ଆଲୋକମାଳାରେ ଝଲସୁଛି ସହରର ରାସ୍ତାଘାଟ ଠାରୁ ଗଳିକନ୍ଦି। ମଣ୍ଡପଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଲାଇଟ୍‌ଗେଟ୍ ଗୁଡ଼ିକ ନିଜ ମୋବାଇଲ ବା ନିଜ କ୍ୟାମେରାରେ କଏଦ କରିବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ




ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ମଣ୍ଡପ ନିକଟରେ ଅସ୍ଥାୟୀ ମାର୍କେଟରେ ଜମୁଛି ନାହିଁ ନ ଥିବା ଭିଡ଼। ଖୋଲା ଆକାଶ ତଳେ କୁନି କୁନି ପିଲାମାନେ ରାମଦୋଳି, ବ୍ରେକଡ୍ୟାନ୍ସ, ଘୋଡ଼ା ଚକ୍ରି ଆଦିରେ ବସି ବେଶ୍ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳିଛି।

ଚଳିତବର୍ଷ ରାଜଧାନୀରେ ୧୮୭ଟି ପୂଜାମଣ୍ଡପରେ ଜଗତ୍‌ଜନନୀଙ୍କୁ ଆରାଧନା କରାଯାଉଛି। ଶାସ୍ତ୍ର ଅନୁଯାୟୀ ବେଲ ଗଛ ମୂଳେ ମା’ଙ୍କ ଅବସ୍ଥାନ। ସେଥିପାଇଁ ପୂଜାର୍ଚ୍ଚନା କରାଯାଇ ଷଷ୍ଠୀରେ ମା’ଙ୍କୁ ସେଠାରୁ ପୂଜାମଣ୍ଡପକୁ ଆବାହନ କରାଯାଇଥିଲା। କେତେକ ସ୍ଥାନରେ ମା’ଙ୍କ ମୃଣ୍ମୟୀଙ୍କ ମୂର୍ତ୍ତିର ମୁହଁ ଖୋଲାଯାଇଥିଲା। ତେବେ ଅଷ୍ଟମୀ ଉପଲକ୍ଷେ ଶ୍ରଦ୍ଧାଳୁମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ମା’ଙ୍କ ପୂଜାର୍ଚ୍ଚନା କରିପାରିବେ ସେଥିପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ଆସନ୍ତାକାଲି ମହାଅଷ୍ଟମୀ ଅବସରରେ ପୂଜାମଣ୍ଡପଗୁଡ଼ିକରେ ଅଧିକ ଜନସମାଗମ ହେବା ନେଇ ପ୍ରଶାସନ ସମେତ ପୂଜା କମିଟି ଗୁଡ଼ିକର ସଦସ୍ୟମାନେ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ପୂଜା ପାଇଁ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯିବା ସହ ଭକ୍ତଙ୍କୁ ଧାଡ଼ିରେ ଯାଇ ମା’ଙ୍କ ନିକଟରେ ପୂଜା କରାଯିବାର ବ୍ୟବସ୍ଥା ହୋଇଛି। ମହାଅଷ୍ଟମୀରେ ମହିଳାମାନେ ଶାଢ଼ୀ ପୂଜା କରିବା ସହ ଉପବାସ ରଖିଥିବା ଶ୍ରଦ୍ଧାଳୁମାନେ ମା’ଙ୍କ ଦର୍ଶନ ପରେ ପାଣି ଗ୍ରହଣ କରିଥାନ୍ତି। ଏଥିପାଇଁ ମଣ୍ଡପ ପରିସରରେ ବ୍ୟାପକ ପ୍ରସ୍ତୁତି ହୋଇଥିବା ଦେଖିବାକୁ ମିଳିଛି।


## ଉପର ପଡ଼ିଆରେ ହେବ ବାଲିଯାତ୍ରା

କଟକ, ୨୯।୯(ସମିସ): କିଲ୍ଲା(ଉପର) ପଡ଼ିଆରେ ବାଲିଯାତ୍ରା ଏଥର ଆୟୋଜନ ନ କରିବା ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରିଛି। ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ସର୍ବୋପରି କଟକର ଜନପ୍ରତିନିଧି ମାନଙ୍କର ସୁଚିନ୍ତିତ ମତାମତ ତଥା କଟକର ଐତିହ୍ୟକୁ ଦୃଷ୍ଟି ରଖି ପୂର୍ବ ଭଳି କିଲ୍ଲା ପଡ଼ିଆରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଛି। ଏହି ନିଷ୍ପତ୍ତିକୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କ ନିକଟରେ ଦାଖଲ କରାଯିବ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। କଟକ ସହର ସମସ୍ୟା ସମ୍ପର୍କରେ ଶୁଣାଣି କରୁଥିବା ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଆସନ୍ତା ଅକ୍ଟୋବର ୪ତାରିଖରେ ଏହି ପ୍ରସଙ୍ଗରେ ଶୁଣାଣି କରିବେ।









































# ପାର୍ବଣ ଭିଡ଼ରେ ଫସିଲା ରାଜଧାନୀ




ଭୁବନେଶ୍ୱର, ୨୯।୯(ସମିସ): ଚାଲିଛି ପାର୍ବଣ ଋତୁ। ହେଲେ ପୂର୍ବବର୍ଷ ଅପେକ୍ଷା ଏଥର ରାଜଧାନୀରେ ଭିଡ଼ ସର୍ବାଧିକ ପରିଲକ୍ଷିତ ହୋଇଛି। ଏହାକୁ ଅଧିକ ଜଟିଳ କରିଦେଇଛି ଅବ୍ୟବସ୍ଥିତ ଟ୍ରାଫିକ୍ ବ୍ୟବସ୍ଥା। ସଞ୍ଜ ହେଲେ ରାଜଧାନୀର ଟ୍ରାଫିକ ସ୍ଥିତି ସାଂଘାତିକ ହୋଇପଡୁଛି। ପୂଜା ମଣ୍ଡପଠାରୁ ଆରମ୍ଭ କରି ଗଳିକନ୍ଦି ଏବଂ ମୁଖ୍ୟ ରାସ୍ତାରେ ଅହେତୁକ ଭିଡ଼ ପରିଲକ୍ଷିତ ହେଉଛି। ସମସ୍ତେ ପୂଜା ମଣ୍ଡପ ବୁଲିବାକୁ ଘରୁ ବାହାରୁଥିବା ବେଳେ ରାସ୍ତାରେ ଭିଡ ଅସମ୍ଭାଳ ହୋଇପଡ଼ିଛି। ଏକ କିଲୋମିଟର ଦୁଇକିଲୋମିଟର ଯାଏଁ ଯାନବାହାନର ଲମ୍ବା ଧାଡ଼ି ଲମ୍ବିଛି। ଫଳରେ ଗୋଟିଏ ଛକରୁ ଅନ୍ୟଛକକୁ ଯିବା ପାଇଁ ଘଣ୍ଟାଘଣ୍ଟା ଧରି ସମୟ ଲାଗୁଛି। କେବଳ ଶହେ ମିଟର ଯିବା ପାଇଁ ଅଧଘଣ୍ଟା ଲାଗି ଯାଉଛି।

ସବୁଠାରୁ ଜଟିଳ ହୋଇପଡ଼ିଛି ରାସ୍ତା ଉପରେ ଗାଡ଼ି ପାର୍କିଂ। ପୂଜା ମଣ୍ଡପକୁ ବୁଲିବାକୁ ଆସୁଥିବା ଲୋକଙ୍କଠାରୁ ଆରମ୍ଭ କରି ବିଭିନ୍ନ ଛକବଜାରରେ ଲୋକେ ରାସ୍ତା ଉପରେ ଗାଡ଼ି ରଖି ଚାଲି ଯାଉଥିବାରୁ ଏହା ପରିସ୍ଥିତିକୁ ଅତି ଜଟିଳ କରି ପକାଉଛି। ସେହିଭଳି ଅନେକ କ୍ଷେତ୍ରରେ ଲୋକେ ଟ୍ରାଫିକ ନିୟମ ନ ମାନି ଯୁଆଡ଼େ ପାରିଲା ସ୍ୟାଡ଼େ ଯାଉଛନ୍ତି। ଫଳରେ ଟ୍ରାଫିକ୍ ଛକଗୁଡ଼ିକର ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଏମିତି କି ଭିଡ଼ ଭିତରେ ଆମ୍ବୁଲାନ୍ସ, ଫାୟାର ସେବା ଭଳି ଜରୁରିକାଳୀନ ସେବା ପ୍ରଦାନକାରୀ ଯାନବାହାନ ବି ଘଣ୍ଟାଘଣ୍ଟା ଅଟକି ଯାଉଛି। ସପ୍ତମୀ ସନ୍ଧ୍ୟାରେ ବରମୁଣ୍ଡା ଠାରୁ ରସୁଲଗଡ଼ ଯାଏଁ ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥିଲା। ୧୬ ନମ୍ବର ଜାତୀୟ ରାଜପଥରେ ଯେତିକି ଭିଡ଼ଥିଲା ତାଠାରୁ ଅଧିକ ଭିଡ଼ ସର୍ଭିସ ରୋଡ୍‌ରେ ପରିଲକ୍ଷିତ ହୋଇଥିଲା। ପୂଜା ମଣ୍ଡପ ରାସ୍ତା ଏବଂ ଛକଗୁଡ଼ିକର ଅବସ୍ଥା ଅସମ୍ଭାଳ। ପାଦ ପକାଇବାକୁ ବି ଜାଗା ମିଳି ନ ଥିଲା।

# ପୂଜା ମଣ୍ଡପ ବୁଲାଇବ 'ପାର୍ବଣ ଅନ୍‌ଲାଇନ୍'

● ଭିଡ଼ ନିୟନ୍ତ୍ରଣ କରିବେ ଆର୍‌ଜେ

ଭୁବନେଶ୍ୱର, ୨୯।୯ (ସମିସ): ରାଜଧାନୀରେ ଷଷ୍ଠୀ ଠାରୁ ଆରମ୍ଭ ହୋଇଯାଇଛି ପୂଜା ମଣ୍ଡପ ପରିଦର୍ଶନ। ପୂଜା ମଣ୍ଡପ ପରିଦର୍ଶନକୁ ଆହୁରି ସହଜ ଓ ସରଳ କରିବା ପାଇଁ କମିସନରେଟ ପୁଲିସ ପକ୍ଷରୁ 'ଦୁର୍ଗାପୂଜା ଗାଇଡ୍' ଆପ୍ଲିକେସନ ବା 'ପାର୍ବଣ ଅନଲାଇନ୍' ୱେବସାଇଟ ଉନ୍ମୋଚନ ହୋଇଛି। ଏହି ଆପ୍ ବା ୱେବସାଇଟରେ କେଉଁ ଥାନା ଅଞ୍ଚଳରେ କୋଡୋଟି ଓ କେଉଁ କେଉଁ ପୂଜା ମଣ୍ଡପ ରହିଛି, ସେନେଇ ବିସ୍ତୃତ ସୂଚନା ରହିଛି। କେବଳ ସୂଚନା ନୁହେଁ, ବରଂ ମଣ୍ଡପକୁ ଯିବା ରାସ୍ତା ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ଏଥିସହିତ ସମ୍ପୃକ୍ତ ଥାନା ଅଧିକାରୀଙ୍କ ଯୋଗାଯୋଗ ନମ୍ବର, ସହାୟତା କେନ୍ଦ୍ରର ସୂଚନା ରହିଛି। କୌଣସି ଅସୁବିଧା ସମୟରେ ଉକ୍ତ ଆପ୍ଲିକେସନରୁ ଆପଣ ଥାନା ଓ ସହାୟତା କେନ୍ଦ୍ରକୁ ଯୋଗାଯୋଗ କରିପାରିବେ। ଏହା ସହିତ ଉକ୍ତ ଆପ୍ଲିକେସନ ଟି ନିକଟସ୍ଥ ଡାକ୍ତରଖାନା ଓ ସେଠାକୁ ରାସ୍ତା ମଧ୍ୟ ଦେଖାଇବ। ଆପ୍ଲିକେସନରେ ଥିବା ଗ୍ୟାଲେରୀରେ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ମନୋରମ ଫଟୋ ମଧ୍ୟ ରହିଛି। ଫଳରେ ଲୋକମାନେ ପୂଜା ମଣ୍ଡପ ନ ଯାଇ ମଧ୍ୟ ମା'ଙ୍କ ଫଟୋ ଦେଖିପାରିବେ। ସେପଟେ ଦଶମୀକୁ ଆହୁରି ୩ ଦିନ ଥିବାବେଳେ ଏବେଠାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଏହି ସମସ୍ୟାକୁ ଦୂର କରିବା ସହ ଭିଡ ନିୟନ୍ତ୍ରଣ ଲାଗି ଯୋଜନା କରିଛି କମିସନରେଟ ପୁଲିସ। ଏଫ୍‌ଏମ୍‌ଗୁଡ଼ିକୁ ଗାଇଡ୍ ରୂପେ ବ୍ୟବହାର କରିବା ସହ ରେଡିଓ ଜକି (ଆର୍‌ଜେ)ମାନଙ୍କ ଦ୍ୱାରା ଟ୍ରାଫିକ୍ ବିଷୟରେ ସଚେତନତା ବାର୍ତ୍ତା ବାଣ୍ଟିବ ବୋଲି ପୁଲିସ କହିଛି। ପୂଜା ଭ୍ରମଣ ସମୟରେ କେଉଁ ରୁଟ୍‌ରେ ଗଲେ ଟ୍ରାଫିକ୍ ସମସ୍ୟା ଅବା ଭିଡରେ ଫସିବେନି ସେନେଇ, ଆରଜେ ମାନେ ସୂଚନା ଦେବେ। କାର୍ ଚାଳକମାନେ ଏଫ୍‌ଏମ୍ ଲଗାଇ ଶୁଣିଥାନ୍ତି। ଏଥିରେ ରେଡିଓ ଜକିମାନେ ମନୋରଞ୍ଜନ ସହ ସଚେତନତା ବାର୍ତ୍ତା ବିଷୟରେ ସୂଚନା ଦିଅନ୍ତି। ଭିଡ଼ ନିୟନ୍ତ୍ରଣ ବା ରିଅଲ୍ ଟାଇମ୍ ଟ୍ରାଫିକ ଅପଡେଟ୍ ପାଇଁ ଏଭଳି ପନ୍ଥା ଆପଣା ଯାଇଛି। ରେଡିଓ ଜକିମାନେ ପ୍ରତି ବୁଲେଟିନ୍‌ରେ ଟ୍ରାଫିକ୍‌ର ସୂଚନା ବିଷୟରେ ତଥ୍ୟ ପ୍ରଦାନ କରିବେ। ଦ୍ୱୈତନଗରୀରେ ଥିବା ଏଫ୍‌ଏମ୍ ଷ୍ଟେସନରେ ଟ୍ରାଫିକ ସୂଚନା ଦିଆଯିବ ବୋଲି ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ କହିଛନ୍ତି।




## ଏଥର ୭ ସ୍ଥାନରେ ରାବଣପୋଡ଼ି

ରାଜଧାନୀରେ ଗତବର୍ଷ ତୁଳନାରେ ଏଥର କମ୍ ସ୍ଥାନରେ ରାବଣପୋଡି ହେବ। ଗତଥର ୧୨ଟି ସ୍ଥାନରେ ରାବଣପୋଡି ହୋଇଥିବାବେଳେ ଏଥର ୭ଟି ସ୍ଥାନରେ ହେବ। ନହରକଣ୍ଟା, କୋରଡ଼କଣ୍ଟା, ବରମୁଣ୍ଡା, ବାଙ୍କୁଆଳ, ଗୋପାଳପୁର (ଯାଆଁଳା), କିଟ୍ ରୋଡ ଓ କପିଳପ୍ରସାଦ ଫୁଟବଲ୍ ପଡ଼ିଆରେ ରାବଣପୋଡ଼ି ପାଇଁ ଅନୁମତି ମିଳିଛି। ରାବଣପୋଡି ସ୍ଥାନଗୁଡିକରେ ଅଗ୍ନିଶମ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏହିସବୁ ସ୍ଥାନଗୁଡିକ ପୁଲିସ ପରିଦର୍ଶନ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବ ବୋଲି କମିସନରେଟ ପୁଲିସ ପକ୍ଷରୁ କୁହାଯାଇଛି।

# ଅଧିକ ପାର୍କିଂ ଫି ଆଦାୟ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୯।୯(ସମିସ): ରାଜଧାନୀର ରାସ୍ତାକଡ଼ରେ ପାର୍କିଂସ୍ଥଳରୁ ବିଏମ୍‌ସି ଦ୍ୱାରା ଧାର୍ଯ୍ୟ ଫି ଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ଟେଣ୍ଡରଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୁଇଚକିଆ ଏବଂ ତିନିଚକିଆ ଯାନ ପାଇଁ ୫ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ଚାରିଚକିଆ ହାଲୁକା ଯାନ ପାଇଁ ୨୦ଟଙ୍କା, ଚାରିଚକିଆ ଭାରୀଯାନ ପାଇଁ ୨୫ଟଙ୍କା ପ୍ରଥମ ୨ଘଣ୍ଟାକୁ ଧାର୍ଯ୍ୟ କରଯାଇଛି। ଦୁଇ ଘଣ୍ଟା ପରେ ଅଧିକ ମୂଲ୍ୟ ବୃଦ୍ଧି ହେବ। ଯଦି କୌଣସି ଟେଣ୍ଡରଧାରୀ ଏହାଠାରୁ ଅଧିକ ଟଙ୍କା ଆଦାୟ କରନ୍ତି ତେବେ ବିଏମ୍‌ସିକୁ ଟୋଲ୍ ଫ୍ରି ନମ୍ବର ୧୯୨୨୯ରେ ଖବର ଦେବାକୁ ଅନୁରୋଧ କରାଯାଇଛି।

**ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ବଢୁଛି ଠକେଇ**

# ଦେଢ଼ ମାସରେ ନେଇଗଲେ ୨ ଶହ କୋଟି

ଭୁବନେଶ୍ୱର, ୨୯।୯(ସମିସ): ରାଜଧାନୀ ନୁହେଁ ସାରା ରାଜ୍ୟରେ ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ବଢୁଛି ସାଇବର ଠକେଇ। ରାତାରାତି କୋଟିପତି ହେବା ଆଶାରେ ଏକାଧିକ ବ୍ୟକ୍ତି ଅର୍ଥ ବିନିଯୋଗ କରୁଛନ୍ତି। ଠକ ଚତୁରତାର ସହ ପ୍ରଥମେ କିଛି ଟଙ୍କା ଦେଇ ଲୋକଙ୍କ ବିଶ୍ୱାସ ଜିଣୁଛନ୍ତି। ପରେ ଲୋକ ଲକ୍ଷାଧିକ ଟଙ୍କା ଲଗାଇବା ପରେ ଠକ ଆକାଉଣ୍ଟ ବ୍ଲକ କରି ଚମ୍ପଟ ମାରୁଛନ୍ତି। ଏହିଭଳି ରାଜ୍ୟରେ ଦିନକୁ ଦିନ ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ବଢ଼ିଛି। ଗତ ଦେଢ଼ ମାସରେ ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲାରୁ ୨ଶହ କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବା ସୂଚନା ମିଳିଛି। ସର୍ବାଧିକ ଠକେଇ ଭୁବନେଶ୍ୱର, କଟକରେ ହୋଇଥିବା ବେଳେ ଏହା ପରେ ବାଲେଶ୍ୱର, ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁର ଏବଂ କନ୍ଧମାଳ ରହିଛି। ପୁଲିସ ଲୋକଙ୍କୁ ସଚେତନ କଲେ ମଧ ଲୋକ ସଚେତନ ହେବା ବଦଳରେ ଅଧିକରୁ ଅଧିକ ସାଇବର ଠକାମିର ଶିକାର ହେଉଛନ୍ତି। ଏହିଭଳି ଆଉ ଜଣେ ବ୍ୟକ୍ତି କୋଟିଏ ଟଙ୍କାର ସାଇବର ଠକେଇର ଶିକାର ହୋଇଛନ୍ତି। ଠକାମିର ଶିକାର ହୋଇଥିବା ହିମାଂଶୁ ଶେଖର ପଣ୍ଡା ସାଇବର ଥାନାରେ ଅଭିଯୋଗ କରିଛନ୍ତି। କୋଟିଏ ଟଙ୍କା ହୋଇଥିବାରୁ ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଅଭିଯାଗ କରିବାକୁ ପରାମର୍ଶ ଦିଆଯାଇଛି। ଅଭିଯୋଗ ଆଧାରରେ ପୁଲିସ ଠକେଇ ଟଙ୍କା ଯାଇଥିବା ଆକାଉଣ୍ଟକୁ ବ୍ଲକ କରାଯାଇଥିଲେ ମଧ ଠକ ଉକ୍ତ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଛନ୍ତି।

ଅଭିଯୋଗ ଅନୁସାରେ, ହିମାଂଶୁ ଶେଖର ନିକଟକୁ ଏକ ଅଜଣା ଫୋନ୍ ନମ୍ବରରୁ ମେସେଜ୍ ଆସିଥିଲା। ଯେଉଁଥିରେ ଅନ୍‌ଲାଇନ୍ ଟ୍ରେଡିଂ କରି ଲକ୍ଷପତି ହେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଦୁଇଗୁଣା କରି ନ ଦେଲେ ଫେରସ୍ତ କରିବାକୁ ମଧ ଗ୍ୟାରେଣ୍ଟ ଦେଇଥିଲେ। ଏଭଳି ମେସେଜ୍ ଦେଖି ଲୋଭରେ ପଡ଼ିଯାଇଥିଲେ ହିମାଂଶୁ ଶେଖର। ସେ ଦିଆଯାଇଥିବା ଫୋନ୍ ନମ୍ବରକୁ କଲ୍ କରି ବୁଝିଥିଲେ। ଠକ ତାଙ୍କୁ ଏକାଧିକ ଲିଙ୍କ୍ ପଠାଇ ପ୍ରଥମେ ଜଏନ୍ କରିବାକୁ କହିଥିଲେ। ହିମାଂଶୁ ନିଜର ବ୍ୟକ୍ତିଗତ ତଥ୍ୟ ଦେଇ ଏଥିରେ ଯୋଡ଼ି ହୋଇଥିଲେ। ଏହାପରେ ଠକ ତାଙ୍କୁ ଟଙ୍କା ଲଗାଇବା ପାଇଁ କହିଥିଲେ। ଏପରିକି କିଭଳି ଟଙ୍କା ଲଗାଇବା ସେଥିଲାଗି ଏକ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ିଥିଲେ। ସେଥିରେ ରାଜୁ ନାମକ ବ୍ୟକ୍ତି ତାଙ୍କୁ ଟଙ୍କା ଲଗାଇବା ପାଇଁ ଗାଇଡ୍ କରିଥିଲେ। ସେ ତାଙ୍କ କହିବା ଅନୁସାରେ ଏକ ଆପ୍ ଡାଉନ୍‌ଲୋଡ୍ କରି ସେଥିରେ ନିଜର ବ୍ୟକ୍ତିଗତ ତଥ୍ୟ ଦେଇ ସାମିଲ ହୋଇଥିଲେ। ସେଥିରେ ସେ ଇ-ୱାଲେଟ୍ ମାଧ୍ୟମରେ ଟଙ୍କା ଲଗାଇବାକୁ କହିଥିଲେ। ପ୍ରଥମେ ହିମାଂଶୁ ଶେଖର ୫ ହଜାର ଟଙ୍କା ଲଗାଇଥିଲେ। ଏଥିସହ ଠକ ତାଙ୍କୁ କିଛି ଟ୍ୟାକ୍ସ କରିବା ପାଇଁ ଦେଇଥିଲେ। ଏହାକୁ କରିବା ପରେ ସାଇବର ଠକ ତାଙ୍କ ଆକାଉଣ୍ଟକୁ ୭ ହଜାର ଟଙ୍କା ଦେଇଥିଲେ। ଏହାପରେ ପୁଣି ସେ ୧୦ ହଜାର ଟଙ୍କା ଲଗାଇବା ପରେ ଠକ ତାଙ୍କୁ ୧୪ ହଜାର ଟଙ୍କା ଦେଇଥିଲେ। ଏହାପରେ ଟ୍ରେଡିଂ ଗୁରୁ ସାଜିଥିବା ରାଜୁ ତାଙ୍କୁ ବଡ଼ ଆମାଉଣ୍ଟ ଲଗାଇବାକୁ କହିଥିଲେ। ରାଜୁ କଥାରେ ପଡ଼ି ସେ ୧ଲକ୍ଷ ଲଗାଇଥିଲେ। ପରେ ତାଙ୍କୁ ସାଇବର ଠକ ଦେଢ ଲକ୍ଷ ଫାଇଦା ଦେଇଥିଲେ। ଏହାପରେ ବିଶ୍ୱାସ ହେବା ପରେ ସେ ୫୦ ଲକ୍ଷ ଏବଂ ପରେ ବାକି ୫୦ ଲକ୍ଷ ଲଗାଇଥିଲେ। ଟଙ୍କା ଲଗାଇବା ପରେ ଦୁଇ ଗୁଣା ହୋଇଥିବା ଇ-ୱାଲେଟ୍‌ରେ ଦେଖାଉଥିଲା। ଏହାକୁ ହିମାଂଶୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇନଥିଲା। ଶେଷରେ ଠକ ହିମାଂଶୁଙ୍କ ଆକାଉଣ୍ଟକୁ ବ୍ଲକ କରି ଦେଇଥିଲେ। ହିମାଂଶୁ ଟ୍ରେଡିଂ ଗୁରୁ ରାଜୁ ଏବଂ ଅନ୍ୟ ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ ତାହା ବନ୍ଦ ଥିଲା। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

**■ ୧୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କଲାଣି ପୁଲିସ**

# ବିଏମ୍‌ସି ନଷ୍ଟକଲା ୫୦ କେଜି ଖାଦ୍ୟ

ଭୁବନେଶ୍ୱର, ୨୯।୯(ସମିସ): ଦଶହରା ସମୟରେ ଗ୍ରାହକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରାଜଧାନୀର ବିଭିନ୍ନ ଅଞ୍ଚଳରେ ଅପମିଶ୍ରିତ ଏବଂ ବାସି ଖାଦ୍ୟ ବିକ୍ରି କରାଯାଉଛି। ଅନେକ ସ୍ଥାନରେ ରଙ୍ଗ ମିଶ୍ରିତ ଖାଦ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ବିଏମ୍‌ସି ପକ୍ଷରୁ ଯାଞ୍ଚ ଚଢ଼ଉ ଅଭିଯାନ ଆରମ୍ଭ କରାଯାଇଛି। ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୫୦ କେଜିରୁ ଅଧିକ ବାସି ଏବଂ ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇଛି। ପଟିଆ, ଡମଣା, ରସୁଲଗଡ଼ ଏବଂ ବରମୁଣ୍ଡା ଅଞ୍ଚଳରେ ଏହି ଟିମ୍ ଚରିଥିଲା। ଆଗକୁ ଏହି ଚଢ଼ଉ ଜାରିରହିବ ବୋଲି ବିଏମ୍‌ସି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଏଭଳି ଖାଦ୍ୟ ବିକ୍ରି କରୁଥିବା ଦୋକାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି



# ଚୋରି କରିବା ବେଳେ ଧରାପଡ଼ିଲା



ଭୁବନେଶ୍ୱର, ୨୯।୯ (ସମିସ): ଚୋରି ଉଦ୍ୟମ କରୁଥିବା ବେଳେ ଦୋକାନୀଙ୍କ ହାବୁଡ଼ରେ ଧରାପଡ଼ିଛି ଚୋର। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରଣପୁରର ବାପିନା ଜେନା (୨୧)। ପୁଲିସ ସୂଚନା ଅନୁଯାୟୀ, ତମାଣ୍ଡୋ ହୁଣ୍ଡାଇ ଶୋ'ରୁମ୍ ବିପରୀତ ପାର୍ଶ୍ୱରେ ଫାଷ୍ଟଫୁଡ୍ ଷ୍ଟଲ୍ କରିଥିବା ରାଜେଶ ସାହୁ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୧ଟା ୩୦ ସମୟରେ ବାପିନା ଏକ ଲୁହା ହାତୁଡ଼ି ସାହାଯ୍ୟରେ ଷ୍ଟଲ୍‌ର ତାଲା ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରିଥିଲା। ଶବ୍ଦ ଶୁଣି ସ୍ଥାନୀୟ ବାସିନ୍ଦା ମୁକେଶ ସାହୁ ଉଠିବା ବେଳକୁ ବାପିନା ତାଲା ବାଡ଼ଉଥିବା ଦେଖି ରାଜେଶଙ୍କୁ ଜଣାଇଥିଲେ। ରାଜେଶ ଓ ତାଙ୍କ ବାପା ଘଟଣାସ୍ଥଳକୁ ଆସି ବାପିନାକୁ ଧରିଥିଲେ। ଏନେଇ ରାଜେଶ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ବାପିନାକୁ ଗିରଫ କରିଥିଲା। ତା' ଠାରୁ ଗୋଟିଏ ଲୁହା ଛଡ଼, ଗୋଟିଏ ସ୍କ୍ରୁ ଡ୍ରାଇଭର ଓ ଗୋଟିଏ ଆଡଜଷ୍ଟେବଲ୍ ରେଞ୍ଚକୁ ଜବତ କରିଥିଲା। ବାପିନା ନାମରେ ପୂର୍ବରୁ ଭରତପୁର ଥାନାରେ ୫ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।




## ବିଡିଏ-ବିଏମ୍‌ସି ସହ ଅସାଧୁ ମେଣ୍ଟ

# ଧରାଛୁଆଁ ଦେଉନାହାନ୍ତି ବିଲ୍ଡର ସଂସ୍ଥା

ଭୁବନେଶ୍ୱର, ୨୯।୯(ସମିସ): ବିଡିଏ-ବିଏମ୍‌ସି-ବିଲଡରଙ୍କ ଅସାଧୁ ମେଣ୍ଟରେ ବଳି ପଡ଼ିଯାଇଛନ୍ତି ନିରୀହ ନିବେଶକାରୀ। କାରଣ ସେମାନଙ୍କୁ ଅଧିଗ୍ରହଣ ପ୍ରମାଣପତ୍ର(ଓସି) ମିଳୁ ନାହିଁ। କିମ୍ବା ଘରର ମାଲିକାନା ତାଙ୍କ ନାମକୁ ଆସି ପାରୁନାହିଁ। ପ୍ରତିକୂଳ ପରିସ୍ଥିତିରେ ବିକ୍ରି କରିବାକୁ ଚାହୁଁଥିଲେ ତାହାକୁ ଆଉ ବିକ୍ରି କରି ପାରୁନାହାନ୍ତି। ଅନ୍ୟପକ୍ଷରେ ଭବିଷ୍ୟତରେ କିଛି ଅସୁବିଧା ହେଲେ ନିବେଶକାରୀ ମାଲିକାନା ହରାଇବାର ସମ୍ଭାବନା ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନ୍‌ରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ରାଜଧାନୀରେ ବହୁସଂଖ୍ୟାରେ ଆପାର୍ଟମେଣ୍ଟ ଥିଲେ ମଧ ଆଜି ପର୍ଯ୍ୟନ୍ତ ମାତ୍ର ୧୦୨ ଆପର୍ଟମେଣ୍ଟ୍ ପ୍ରକଳ୍ପରେ ନିବେଶକାରୀଙ୍କୁ ବିଡିଏ ଅଧିଗ୍ରହଣ ପ୍ରମାଣପତ୍ର ପ୍ରଦାନ ହୋଇଛି। ଯାହା ସମୁଦ୍ରକୁ ସଂକ୍ଷେ ବୋଲି କୁହାଯାଉଛି।

ତେବେ ଓସିକୁ ନେଇ ତନାଘନା ପରେ ଏବେ ନିବେଶକାରୀ ସଚେତନ ହୋଇଛନ୍ତି। ପ୍ରମୋଟରମାନଙ୍କ ଠାରୁ ଓସି ଦାବି କରୁଛନ୍ତି। ହେଲେ ଘର ବିକ୍ରି ଚାଲିଯାଇଥିବା ବିଲଡରମାନେ କିନ୍ତୁ ଧରାଛୁଆଁ ଦେଉନାହାନ୍ତି। କେଉଁଠି ବିଲଡରମାନେ ନିଜର ସଂସ୍ଥା ବନ୍ଦ କରିଦେଲେଣି। ଆଉ କେଉଁଠି ପ୍ରମୋଟରଙ୍କ ମୃତ୍ୟୁ ପରେ ତାଙ୍କ ପିଲାମାନେ ବିଦେଶ ଚାଲିଗଲେଣି। ଥରେ ବିକ୍ରି କରିବା ପରେ ନିବେଶକାରୀଙ୍କ ସ୍ୱାର୍ଥକୁ କିଏ ପଚାରୁଛି। ଏଭଳି ପରିସ୍ଥିତିରେ ଓସି ପାଇଁ ହନ୍ତସନ୍ତ ହେଉଛନ୍ତି ନିବେଶକାରୀ। ନିବେଶକାରୀ କିଭଳି ଓସି ହାତେଇପାରିବେ ସେ ଦିଗରେ ସରକାର ଚିନ୍ତା କରନ୍ତୁ ବୋଲି ଗ୍ରାହକଙ୍କ ମହଲରେ ମତ ପ୍ରକାଶ ପାଇଛି।

**୧୦୨ ଆପାର୍ଟମେଣ୍ଟର ନିବେଶକାରୀଙ୍କୁ ଓସି ପ୍ରଦାନ କରାଯାଇଛି**

**ବିଡିଏର ନିଜସ୍ୱ ପ୍ରକଳ୍ପର ବି ଫାୟାର କିମ୍ବା ଓସି ନାହିଁ**

ଏକ ବିଧାନସଭା ତଥ୍ୟ ଅନୁଯାୟୀ, ମୋଟ୍ ବିଡିଏ ଏବଂ ବିଏମ୍‌ସି ଅଞ୍ଚଳରେ ୧୭୯୮ ଆପାର୍ଟମେଣ୍ଟ ରହିଛି। ହେଲେ ଓସି ଦିଆଯାଇଛି ମାତ୍ର ୧୫୧ ପ୍ରକଳ୍ପକୁ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ବିଡିଏ ନିଜସ୍ୱ ପ୍ରକଳ୍ପର ଓସି ତ ନାହିଁ ନାହିଁ ଫାୟର ସେଫଟି ପ୍ରକଳ୍ପ ବି ନାହିଁ। ବିଡିଏ ଦ୍ୱାରା ନିର୍ମାଣ କରାଯାଇଥିବା ୬୮ଟି ବ୍ୟବସାୟିକ ଏବଂ ଆବାସିକ ପ୍ରକଳ୍ପରେ ଲୋକଙ୍କୁ ଓସି ଦିଆଯାଇ ନାହିଁ। ଯେଉଁଠି ବିଡିଏ ନିଜେ ଓସି ଦେଇପାରୁନାହିଁ ସେଠି ଅନ୍ୟମାନଙ୍କର କଣ ଯାଞ୍ଚ କରିବ ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ବୋଲି ଓରୋରା ବିଶେଷଜ୍ଞ ବିମଳେନ୍ଦୁ ପ୍ରଧାନ କହିଛନ୍ତି।



ଓସି କେବଳ ଏକ ପ୍ରଶାସନିକ ଔପଚାରିକତା ନୁହେଁ। ବରଂ ଜନସାଧାରଣଙ୍କ ସୁରକ୍ଷା, ପରିବେଶଗତ ସ୍ଥିରତା ଏବଂ ଆଇନଗତ ମାଲିକାନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା। ତଥାପି ରାଜ୍ୟର ଅନେକ ଅଞ୍ଚଳରେ, ଅନେକ ପ୍ରକଳ୍ପ ଓସି ବିନା ଚାଲୁଛି। ଯାହା ଗୃହ କ୍ରେତା, ଡେଭଲପର ଏବଂ କର୍ତ୍ତୃପକ୍ଷଙ୍କୁ ଆଇନଗତ ଓ ବ୍ୟବହାରିକ ଅସୁବିଧାରେ ପକାଉଛି। ଏହି ପରିସ୍ଥିତି ଅଧିକ ଗୁରୁତର ହୋଇଛି। ସୁପ୍ରିମ କୋର୍ଟ ସେପ୍ଟେମ୍ବର ୨୦୨୫ରେ ଜାରି ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର ଜାରି କରିଥିଲେ। ଓସିର ଅଭାବ କେବଳ ଏକ ଛୋଟ ତ୍ରୁଟି ନୁହେଁ। ଏହା ଗୁରୁତର, ବହୁମୁଖୀ ସମସ୍ୟା ସୃଷ୍ଟି କରେ ବୋଲି ଉଲ୍ଲେଖ କରିଥିଲେ।



ଭୁବନେଶ୍ୱର ସିଟି




# ରାଜଧାନୀରେ ଦୁର୍ଗାପୂଜା


























# ସମ୍ପାଦକୀୟ



ଅହିଂସାର ପ୍ରଥମ ସୋପାନ ହେଉଛି ଜୀବନର ସବୁକ୍ଷେତ୍ରରେ ନ୍ୟାୟର ସୁନିଶ୍ଚିତତା।
-ମହାତ୍ମା ଗାନ୍ଧୀ

ସକାଳ THE SAKALA

## ଅଭିନେତାରୁ ରାଜନେତା

ଦକ୍ଷିଣ ଭାରତ ରାଜନୀତିରେ ସିନେତାରକାଙ୍କ ପ୍ରଭାବ ଓ ପତିଆରା କିଛି ନୂଆ କଥା ନୁହେଁ। ଅତୀତରେ ତାମିଲନାଡୁରେ ଏମଜି ରାମଚନ୍ଦ୍ରନ ଓ ଜୟଲଳିତା ମୁଖ୍ୟମନ୍ତ୍ରୀପଦ ମଣ୍ଡନ କରିଥିଲେ। ସେହିଭଳି ଆନ୍ଧ୍ରପ୍ରଦେଶରେ ମଧ୍ୟ ଲୋକପ୍ରିୟ ସିନେ ଅଭିନେତା ଏନଟି ରାମାରାଓ କ୍ଷମତା ରାଜନୀତିର ଶୀର୍ଷ ସ୍ଥାନ ହାସଲ କରିଥିବା ଘଟଣା ସିନେପ୍ରେମୀଙ୍କ ମନରୁ ଲିଭିନାହିଁ। ରାଜ୍ୟବାସୀଙ୍କ ଚଳଚ୍ଚିତ୍ର ପ୍ରତି ଥିବା ଆକର୍ଷଣ ଏହି ଶିଳ୍ପକୁ ଉଚ୍ଚତର ସୋପାନରେ ପହଞ୍ଚାଇଛି ଏବଂ କଳାକାରଙ୍କ ଉପାର୍ଜନ ମଧ୍ୟ ଆଶତୀତ ଭାବେ ବୃଦ୍ଧି ପାଇଛି। ନିକଟରେ 'ପୁଷ୍ପା- ୨' ଚଳଚ୍ଚିତ୍ର ରିଲିଜକୁ କେନ୍ଦ୍ର କରି ଅସମ୍ଭାଳ ଜନତା ଗହଳିକୁ ନିୟନ୍ତ୍ରଣ କରାଯାଇ ନପାରିବାରୁ ଦଳାଚକଟାରେ କିଛି ଲୋକ ମୃତାହତ ହୋଇଥିଲେ। ସେହି ଘଟଣାର ଆକର୍ଷଣ କେନ୍ଦ୍ର ବିନ୍ଦୁ ଥିଲେ ଲୋକପ୍ରିୟ ଅଭିନେତା ଆଲ୍ଲୁ ଅର୍ଜୁନ୍। ଆନ୍ଧ୍ର ପ୍ରଦେଶର ଉପୁଜିଥିବା ଏହି ଦଳାଚକଟାର ପୁନରାବୃତ୍ତି ଘଟିଥିଲା କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ। ଆଇପିଏଲ ଚମ୍ପିଆନ ଆରସିବି ଦଳ ବିଶେଷ କରି କ୍ରିକେଟ ତାରକା ବିରାଟ କୋହିଲଙ୍କୁ ଦେଖିବା ପାଇଁ ହୋଇଥିବା ଅନିୟନ୍ତ୍ରିତ ଭିଡ଼ରେ ମଧ୍ୟ ୧୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଗତ ଶନିବାର ତାମିଲ ଅଭିନେତା ବିଜୟ ଥାଲାପତିଙ୍କ ରାଜନୈତିକ ସମାବେଶ ସମସ୍ତ ଘଟଣାକୁ ଅତିକ୍ରମ କରିଯାଇଛି। ୯ ଶିଶୁଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଦଳାଚକଟାରେ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇ ଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏଭଳି ଦୁଃଖଦ ଘଟଣା ବାରମ୍ବାର ଉପୁଜିଥିଲେ ମଧ୍ୟ ଜନଗହଳି ବା ଭିଡ଼ ନିୟନ୍ତ୍ରଣ କରିବାରେ କ୍ଷମତାରେ ଥିବା ସରକାରଙ୍କ ଅସାମର୍ଥ୍ୟ କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି।

ତାମିଲ ଚଳଚ୍ଚିତ୍ର ଜଗତରେ ବିଜୟ ଅନ୍ୟତମ ଲୋକପ୍ରିୟ ଅଭିନେତା। ସିନେପ୍ରେମୀଙ୍କ ଏହି ଭଲପାଇବାକୁ ଆଧାର କରି ସେ ଗଠନ କରିଥିବା ରାଜନୈତିକ ଦଳ ତାମିଲାଗା ଭେଟ୍ରି କାଝାଗାମ(ଟିଭିକେ) ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତି ଚଳାଇଛି। କରୁର ଜିଲ୍ଲାରେ ଆୟୋଜିତ ଏହି ଜନସମାବେଶ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ବିପର୍ଯ୍ୟୟ ଘଟିଥିଲା। ଏହା ପଛରେ ଥିବା ତିନିଟି କାରଣ ମଧ୍ୟରୁ ସବୁଠାରୁ ପ୍ରମୁଖ ହେଉଛି ବିଜୟ ନିଜେ ସମାବେଶ ସ୍ଥଳରେ ନିର୍ଦ୍ଧାରିତ ସମୟର ୬ ଘଣ୍ଟା ବିଳମ୍ବରେ ପହଞ୍ଚିବା। ଦଶହଜାର ଲୋକଙ୍କ ଆୟୋଜନ ସକାଶେ ଦଳପକ୍ଷରୁ ପ୍ରଶାସନିକ ଅନୁମତି ନିଆଯାଇଥିବା ବେଳେ ସେଠାରେ ପ୍ରାୟ ୩୦ ହଜାର କର୍ମୀଙ୍କ ଉପସ୍ଥିତି ଯୋଗୁଁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ସନ୍ଧ୍ୟା ସାଢ଼େ ୭ଟାରେ ବସ ଉପରୁ ଜନସମାବେଶକୁ ବିଜୟ ଉଦ୍‌ବୋଧନ ଦେଉଥିବା ବେଳେ ବାରମ୍ବାର ବିଜୁଳି କାଟ ପରିସ୍ଥିତିକୁ ଅଣାୟତ୍ତ କରିଥିଲା। ଦୀର୍ଘ ସମୟ ଧରି ପ୍ରିୟ ନେତାଙ୍କୁ ଦେଖିବା ସକାଶେ ଅପେକ୍ଷାରତ ଦର୍ଶକ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଆଉଟୁପାଉଟୁ ହୋଇପଡ଼ିଥିଲେ। ଅଥଚ ସମାବେଶ ସ୍ଥଳରେ ପାନୀୟ ଜଳ ବ୍ୟବସ୍ଥା ସନ୍ତୋଷଜନକ ନଥିଲା। ଏହି ପରିସ୍ଥିତିକୁ ଅନୁଧ୍ୟାନ କଲାବେଳେ ସ୍ୱତଃ ମନ ଭିତରେ ପ୍ରଶ୍ନ ଉଠେ ସମାବେଶସ୍ଥଳକୁ ଏହି ଅତିରିକ୍ତ ଦର୍ଶକଙ୍କୁ ଆସିବା ପାଇଁ ସ୍ଥାନୀୟ ପ୍ରାଶାସନ କାହିଁକି ରୋକିଲା ନାହିଁ। ଯେଉଁଳି ଗୋଟିକ ପରେ ଗୋଟିଏ ଘଟଣା ଦକ୍ଷିଣ ଭାରତରେ ଉପୁଜିଚାଲିଛି ସେ ଦୃଷ୍ଟିରୁ କର୍ତ୍ତୃପକ୍ଷ ସତର୍କ ହେବାର ଥିଲା। ଚଳିତ ମାସ ୧୩ ତାରିଖରେ ବିଜୟଙ୍କ ତ୍ରିଚି ସମାବେଶର ଦଳାଚକଟା ପରିସ୍ଥିତି ଉପୁଜିବା ଘଟଣାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆଗକୁ ସତର୍କତା ଅବଲମ୍ବନ କରିବାକୁ ଚେତାବନୀ ଦେବା ସତ୍ତ୍ୱେ କରୁରରେ ଏହି ଭୟାବହ ପରିସ୍ଥିତି ଉପୁଜିଛି। ମାଡ୍ରାସ ହାଇକୋର୍ଟ ନିଜଆଡୁ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଘଟଣାର ବିଚାର କରିବା ଉଚିତ। ଏକ୍ଷେତ୍ରରେ ଘୋଷିତ ବିଚାର ବିଭାଗୀୟ ତଦନ୍ତ ଯଥେଷ୍ଟ ନୁହେଁ।

ଏକଥା ସତ ଯେ ଦକ୍ଷିଣ ଭାରତରେ ଉପୁଜିଥିବା ସବୁ ଘଟଣାକୁ କରୁର ବିପର୍ଯ୍ୟୟ ଅତିକ୍ରମ କରିଯାଇଛି। ସମବେଦନା, ସହାନୁଭୂତି ଓ ଅନୁକମ୍ପା ରାଶି ଘୋଷଣା ସମସ୍ୟାର ସମାଧାନ ନୁହେଁ। ତାହାର ସ୍ଥାୟୀ ପ୍ରତିକାର ହେବା ଉଚିତ। ଅଭିନେତାରୁ ରାଜନେତା ହେବାର ଅଭୀପ୍ସା ଓ ଆକାଂକ୍ଷା କିଛି ନୂଆକଥା ନୁହେଁ। ବିଜୟଙ୍କ ପୂର୍ବରୁ ରଜନୀକାନ୍ତ ମଧ୍ୟ ଅନୁରୂପ ପ୍ରୟାସ କରି ବିଫଳ ହୋଇଛନ୍ତି। ସିନେତାରକା ନିଜର ଲୋକପ୍ରିୟତାକୁ ଆଧାର କରି କ୍ଷମତା ରାଜନୀତି ଦଖଲ ବା ଅକ୍ତିଆର କରିବା ଏତେ ସହଜ ନୁହେଁ। ତଥାପି କ୍ଷମତାର ପ୍ରଭୁତ୍ୱ ପ୍ରତି ସମସ୍ତଙ୍କ ଆକର୍ଷଣ ରହିଛି ଓ ଆଗକୁ ରହିବ।

## ଚାଷୀଙ୍କ ଦୁର୍ଦ୍ଦଶା

ମା' ଦୁର୍ଗାଙ୍କ ଆବାହନୀରେ ରାଜ୍ୟରେ ଉତ୍ସବମୁଖର ମୁହୂର୍ତ୍ତ ସହ ସାମିଲ ହୋଇପାରୁନି ଚାଷୀ। ଖରିଫ ଋତୁରେ ଆମ ଚାଷୀଙ୍କ ଧାନଚାଷ ଉପରେ ନିର୍ଭରଶୀଳତା ସବୁଠାରୁ ଅଧିକ। ବେଉଷଣ ପରେ ପାଗଯୋଗ ଠିକ୍ ରହିଲେ ସମ୍ଭାବନାର ଅଙ୍କ କଷି ଚାଷୀ ଦୁର୍ଗାପୂଜା ଓ ଗଜଲକ୍ଷ୍ମୀଙ୍କ ଆରାଧାନାରେ ସପରିବାର ବିଭୋର ହୋଇପଡ଼େ। ଧାନଚାଷ ଠିକ୍‌ଠାକ୍ ଉତୁରି ଯାଉ ଏବଂ ଘର ଧନଧାନ୍ୟରେ ଭରିଯାଉ କାମନା କରି ସେ ମାଆଙ୍କ ଆଶୀର୍ବାଦ କାମନା କରିଥାଏ। ଇଏ ହେଉଛି ଆମ ଚଳଣି ଓ ଜୀବନଧାରାର ଅଂଶବିଶେଷ। ଦିନ କେତୋଟି ନ ଯାଉଣୁ ଅକ୍ଟୋବର ୧୬ ରେ ଗର୍ଭଣା ସଂକ୍ରାନ୍ତି। ଚାଷ ଜମିରେ ଧାନ ଗଛ ଗର୍ଭଧାରଣ କରିବ। ଏସବୁ ଦୃଷ୍ଟିରୁ ବିଚାର କଲେ ଚାଷୀ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ସାମାନ୍ୟ ଓଲମବିଲମ ହୋଇଗଲେ ସବୁ ମେହନତ ଓ ଲଗାଣ ପାଣିରେ ପଡ଼ିଯିବ। ଅଥଚ ଚଳିତ ଖରିଫଋତୁରେ ବିଳମ୍ବିତ ମୌସୁମୀ ବର୍ଷା। ତା'ସାଙ୍ଗକୁ ଅଗଷ୍ଟ ଓ ସେପ୍ଟେମ୍ବରରେ କ୍ରମାଗତ ଏମିତି ବର୍ଷା ଓଜାଡ଼ିଲା ଯେ ଧାନ ଚାଷ ଶୃଙ୍ଖଳାକୁ ଭାଙ୍ଗିଦେଇ ଚାଷୀ ଆଗପଛ ନ ବିଚାରି କୌଣସି ପ୍ରକାରେ ଫସଲ ଉତାରିବାରେ ଲାଗିପଡ଼ିଛି। ହେଲେ ଗୋଟିକ ପରେ ଗୋଟିଏ ମନୁଷ୍ୟକୃତ ଓ ପ୍ରାକୃତିକ ଧକ୍କା ତା' ମନୋବଳକୁ ଭାଙ୍ଗିଦେଇଛି।

ଏସନ ଧାନ ଚାଷ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଚାଷୀର ସାର ଉପରେ ନିର୍ଭରଶୀଳତା ଅପେକ୍ଷାକୃତ ଅଧିକ ହେବା ସ୍ୱାଭାବିକ। ହେଲେ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର। ଚାହିଦା ଅନୁଯାୟୀ ରାଜ୍ୟରେ ଯଥେଷ୍ଟ ସାର ମହଜୁଦ ନଥିବା ବେଳେ ଚୋରା କାରବାରକୁ ରୋକିବାରେ ପ୍ରଶାସନର ଅକ୍ଷମତା ପାଇଁ ଚାଷୀ ଅତିରିକ୍ତ ବ୍ୟୟଭାର ବହନ କରିବାକୁ ବାଧ୍ୟ ହୋଇଛି। ସମସ୍ୟା ସେତିକିରେ ଶେଷ ହୋଇନାହିଁ। ସାରର ନିଅଣ୍ଟିଆ ସ୍ଥିତି ଅଧିକ ବିକଳ ଅବସ୍ଥା ସୃଷ୍ଟି କରିଛି। ଧାର ଉଧାରରେ ଅର୍ଥ ଯୋଗାଡ଼ କରି ମଧ୍ୟ ଚାଷୀ ସାର ଯୋଗାଡ଼ କରିବାକୁ ଅସମର୍ଥ ହୋଇଛି। ଚାଷ ପାଇଁ ସଂକୁଚିତ ସମୟରେ ଧାନଗଛକୁ ବଳ ଦେବାରେ ସାରର ଉପଯୋଗିତା କେବଳ ଚାଷୀ ହିଁ ବୁଝେ। ଏହି ଅସହାୟତା ଭିତରେ ପ୍ରତିକୂଳ ପାଣିପାଗ ପୁଣି ଦାଉସାଧୁଛି। ଧାନ ଚାଷକୁ ବର୍ଷା ଭଳି ସମାନୁପାତିକ ଖରାର ମଧ୍ୟ ଆବଶ୍ୟକତା ରହିଛି। ବିଲରେ କ୍ରମାଗତ ପାଣି ଭରି ରହିଲେ ଧାନଗଛ ପିଲ ଦେଇ ବଢ଼ିବାରେ ବାଧକ ହୋଇଥାଏ। ଅନ୍ୟ ଦିଗଟି ହେଲା, ଫସଲକୁ ରୋଗ ଓ ପୋକ ଦାଉରୁ ରକ୍ଷା କରିଥାଏ ଖରା। ଆମ ରାଜ୍ୟରେ ଗୋଟିକ ପରେ ଗୋଟିଏ ଲଘୁଚାପ ସୃଷ୍ଟିର ପ୍ରଭାବରୁ ବର୍ଷା ଲାଗି ରହିଛି ଯେ ଛାଡ଼ିବାକୁ ନା ଧରୁନାହିଁ। ଏମିତିରେ ବିଳମ୍ବିତ ଚାଷ ପାଇଁ ଧାନ ଗଛ ହୃଷ୍ଟପୁଷ୍ଟ ହେବା ବା ପିଲଧରିବାରେ ପଛୁଆ ଥିବାବେଳେ ରୋଗ ଓ ପୋକ ଦାଉ ବଡ଼ ବିଷମ ପରିସ୍ଥିତି ସୃଷ୍ଟି କରିଛି। ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ସଂକ୍ରମଣ ବ୍ୟାପିବାରେ ଲାଗିଛି। ବିଭିନ୍ନ ଅଞ୍ଚଳରେ ଏହା ପରିଲକ୍ଷିତ ହେଉଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବଜାରରେ ଉପଲବ୍ଧ କୀଟନାଶକ ପ୍ରୟୋଗ ପରେ ପରେ ତୁହାକୁ ତୁହା ବର୍ଷା ହୋଇଯାଉଥିବାରୁ ତାହା ବଦଳ ପାଣିରେ ଭାସିଯାଉଛି। ତେଣୁ ପୋକଦାଉରୁ ଫସଲକୁ ରକ୍ଷା କରି ହେଉନି। କ୍ରମେ ଏହି ରୋଗ ବ୍ୟାପିବାରେ ଲାଗିଛି। ଚାଷୀଙ୍କ ମଧ୍ୟରେ ଏହା ହତାଶା ସୃଷ୍ଟି କରିଛି। ସତେ ଯେପରି ମନେ ହେଉଛି ପ୍ରକୃତିର କୋପକୁ ରୋକିବା ଏତେ ସହଜ ନୁହେଁ।

ନିଅଣ୍ଟିଆ ସାର ସ୍ଥିତି ବିଧାନସଭା ଅଧିବେଶନକୁ ଅଚଳ କରିଦେଇଥିଲେ ମଧ୍ୟ ଚାଷୀର ଦୁଃଖ ଦୂର ପାଇଁ ସରକାରୀ କଳ ସହାୟତାର ହାତ ବଢ଼ାଇବାକୁ ଯେ ଅସମର୍ଥ, ତାହା ଉପୁଜିଥିବା ପରିସ୍ଥିତିରୁ ଜଳଜଳ ହୋଇ ଦେଖାଯାଉଛି। ଚାଷ ଉଜୁଡ଼ି ଗଲେ ଚାଷୀର ସଂସାର ଭାସିଯିବ। ଜଗତ ଜନନୀ ମାଆ ଦୁର୍ଗା ହିଁ ଶେଷ ଭରସା। ଚାଷୀଙ୍କୁ ଏହି ଦୟନୀୟ ସ୍ଥିତିରୁ ସେ ହିଁ କେବଳ ଉଦ୍ଧାର କରିପାରିବେ। ଚଳିତ ଦଶହରାରେ ମାଆଙ୍କ ନିକଟରେ ଏତିକି ମାଗୁଣି।

## ଶୀତଳ-ମରୁଭୂମିରେ ରକ୍ତପାତ

ଲଦାଖ ନିବାସୀ ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶବିତ୍ ରମଣ ମାଗସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ(ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁରଠାରେ ରଖାଯାଇଛି। ବୈଦେଶିକ ଅନୁଦାନ(ନିୟନ୍ତ୍ରଣ)ଆଇନ(ଏଫ୍‌ସିଆରଏ) ଅଧୀନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱାଙ୍ଗଚୁକ୍‌ଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅନୁମତି ପ୍ରତ୍ୟାହାର କରିନେଇଛି। ୱାଙ୍ଗଚୁକ୍‌ଙ୍କ ପାକିସ୍ତାନ ସହିତ ସମ୍ପର୍କ ଥିବା ସନ୍ଦେହରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଖୋଳତାଡ଼ ଆରମ୍ଭ କରିଛି। ଏବେ ପ୍ରଶ୍ନ ଉଠୁଛି, ଏଭଳି କ'ଣ ଓ କାହିଁକି ଘଟିଲା ଯେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଓ ପରିବେଶବିତ୍‌ଙ୍କ ଉପରେ ଦେଶଦ୍ରୋହର ଆରୋପ ଲାଗିଲା? ଦାବି ପୂରଣ ପାଇଁ ଗାନ୍ଧୀ ମାର୍ଗ ଅନୁସରଣ କରିଆସୁଥିବା ୱାଙ୍ଗଚୁକ୍ ହଠାତ୍ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ହୃଦ୍‌ବୋଧ ହେଲା କାହିଁକି? ଜଣେ ଉଦ୍‌ଭାବକ ବିଦ୍ରୋହୀର ଆଖ୍ୟା ପାଇବା ପଛର କାହାଣୀ ଆଧାରରେ ହୁଏତ ଭବିଷ୍ୟତରେ 'ଥ୍ରି ଇଡିଏଟ୍'ର ସିକ୍ୱେଲ୍‌ଟିଏ ତିଆରି ହେବ(ଥ୍ରି ଇଡିଏଟ୍‌ସ୍ ଚଳଚ୍ଚିତ୍ରରେ ଅମିର୍ ଖାନ୍‌ଙ୍କ ଅଭିନୀତି ଚରିତ୍ରଟି ୱାଙ୍ଗଚୁକ୍‌ଙ୍କ ଜୀବନୀ ଆଧାରିତ)। କିନ୍ତୁ ଏହି ସାମଗ୍ରିକ ଘଟଣାର ପୃଷ୍ଠଭୂମି ଜାଣିବା ପାଇଁ ଛଅ ବର୍ଷ ପଛକୁ ଯିବାକୁ ପଡ଼ିବ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳର ମର୍ଯ୍ୟାଦା ପାଇଛି। ଗମନାଗମନ ଦୃଷ୍ଟିରୁ ଅତି ଦୁର୍ଗମ ଏହି ଅଞ୍ଚଳର ମୋଟ ଜନସଂଖ୍ୟା ପ୍ରାୟ ୩ଲକ୍ଷ। ସେମାନଙ୍କ ମଧ୍ୟରୁ ୪୬ ପ୍ରତିଶତ ସିହା ମୁସଲମାନ ସମ୍ପ୍ରଦାୟର ହୋଇଥିବା ବେଳେ ୪୦ ପ୍ରତିଶତ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀ। ୧୨ ପ୍ରତିଶତ ହିନ୍ଦୁ ଏବଂ ବାକି ୨% ଅନ୍ୟାନ୍ୟ ଧର୍ମାବଲମ୍ବୀ। ଲୋକଙ୍କ ମୁଖ୍ୟ ଜୀବିକା ହେଉଛି ବାଡ଼ି, ବଗିଚା, ଔଷଧୀୟ ବୃକ୍ଷରାଜି ଓ ପଶୁପାଳନ।

ବର୍ତ୍ତମାନ ଜାମ୍ମୁକାଶ୍ମୀରରେ ବିଧାନପାଳିକା ଥିବା ବେଳେ ଲଦାଖ୍‌ର ଶାସନ ସମ୍ପୂର୍ଣ୍ଣ ଭାବେ ଅମଲାତନ୍ତ୍ର ନିୟନ୍ତ୍ରଣରେ ରହିଛି। ୩୭୦ ଧାରା ଉଚ୍ଛେଦ ପରେ ଲଦାଖ୍‌ବାସୀ ସେମାନଙ୍କ ଜମି, ଜନସଂଖ୍ୟା ଓ ସଂସ୍କୃତିର ଭବିଷ୍ୟତକୁ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି। ଲଦାଖ୍‌ର ଦୁଇଟି ପାର୍ବତ୍ୟାଞ୍ଚଳ ପରିଷଦ ଲେହ ଓ କାର୍ଗିଲ୍ ଥିବା ବେଳେ କୌଣସିଟି ଷଷ୍ଠ ଅନୁଚ୍ଛେଦ ଭୁକ୍ତ ହୋଇନାହିଁ।

ହିମାଳୟ ପାର୍ବତ୍ୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ରୁ ସୋନମ୍ ୱାଙ୍ଗଚୁକ ଉଦ୍ୟମ କରି ଆସୁଛନ୍ତି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ସ୍ଥଳବିଶେଷରେ ସ୍ୱୟଂଶାସନ କ୍ଷମତା ବା ସ୍ୱୟଂଶାସିତ ଜିଲ୍ଲା ପରିଷଦ ଗଠନ ପାଇଁ ଅନୁମତି ଦେବାର ବ୍ୟବସ୍ଥା ରହିଛି। ୩୦ ସଦସ୍ୟ ବିଶିଷ୍ଟ ଏହି ପରିଷଦର କାର୍ଯ୍ୟକାଳ ୫ ବର୍ଷ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜମି, ଜଙ୍ଗଲ, ଜଳ, କୃଷି, ଗ୍ରାମ୍ୟ ଓ ସହର ଉନ୍ନୟନ, ସ୍ୱାସ୍ଥ୍ୟ, ପରିମଳ ଆଦି ପାଇଁ ନୀତି ନିର୍ଦ୍ଧାରଣ, ଆଇନ ପ୍ରଣୟନ ଓ କଟକଣା ଜାରି କରିବାର ସ୍ୱୟଂଶାସିତ ଓ ପ୍ରଭୂତ କ୍ଷମତା ପରିଷଦ ହାତରେ ରହିବ। ବର୍ତ୍ତମାନ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଛି।

ବିଡ଼ମ୍ବନା ହେଉଛି ଲଦାଖକୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ହିଁ ଏବେ ୱାଙ୍ଗଚୁକ୍‌ଙ୍କ ସ୍ୱରରେ ପ୍ରତିଧ୍ୱନିତ ହେଉଛି, ଅଥଚ କେନ୍ଦ୍ର ସରକାର ଚିରାଚରିତ ଢଙ୍ଗରେ ସେହି ପ୍ରତିଶ୍ରୁତି ପାଳନରୁ ଓହରି ଆସିଛନ୍ତି। ୨୦୧୯ ସେପ୍ଟେମ୍ବର ମାସରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ୯୭% ଆଦିବାସୀ ଅଧ୍ୟୁଷିତ ଲଦାଖ୍‌କୁ ଷଷ୍ଠ ଅନୁଚ୍ଛେଦରେ ସାମିଲ୍ କରିବା ପାଇଁ ସୁପାରିସ କରିଛି। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ୱାଙ୍ଗଚୁକ୍ ଦାବି କରିଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ସମ୍ବେଦନଶୂନ୍ୟତା ଯୋଗୁଁ ଗତ ଛଅବର୍ଷ ଭିତରେ ତିନିଥର ଅନଶନ କରିଛନ୍ତି। ଲଦାଖ୍‌ବାସୀଙ୍କ ଏହି ଦାବି ଏବେ 'ଗଣଦାବି'ରେ ପରିଣତ ହୋଇଛି। ସେଥିରେ ଲଦାଖ୍ ପାଇଁ ସ୍ୱତନ୍ତ୍ର ଲୋକସେବା ଆୟୋଗ, ଲେହ ଓ କାର୍ଗିଲ୍ ପାଇଁ ପୃଥକ ସଂସଦୀୟ ମଣ୍ଡଳୀ ଗଠନ, ଲାଇନ ଅଫ୍ କଣ୍ଟ୍ରୋଲ୍‌ରେ ଚୀନ୍‌ର କାର୍ଯ୍ୟକଳାପ ଓ ପଶୁମାନଙ୍କର ଅନୁପ୍ରବେଶ ସମସ୍ୟା ନିରାକରଣ ଆଦି ଦାବି ମଧ୍ୟ ସାମିଲ୍ ହୋଇଛି। ଲଦାଖର ମହିଳାମାନେ ଦାବି ପୂରଣ ପାଇଁ ଆଗେଇ ଆସିବା ପରେ 'ଗଣଦାବି'ର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ଏଥିପୂର୍ବରୁ ୨୦୧୯ରେ 'ଲେହ ଆପେକ୍ସ ବଡି'ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଟି ଚେୱାଙ୍ଗଙ୍କ ସମର୍ଥନରେ ସେଠାରେ ଯେଉଁ ଛାତ୍ର ଆନ୍ଦୋଳନ ତେଜିଥିଲା, ତାହାକୁ କାରଗିଲ୍‌ର କେତେକ ନାଗରିକ ଓ ସାମାଜିକ ସଂଗଠନ ସମର୍ଥନ ଜଣାଇଥିଲେ। ଏହା ପରବର୍ତ୍ତୀ ସମୟରେ 'କାର୍ଗିଲ୍ ଡେମୋକ୍ରେଟିକ୍ ଆଲାଏନ୍ସ' ଗଠନର ମୂଳଦୁଆ ପକାଇଥିଲା।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତର ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ବିଶ୍ୱର ଏହି ଅନ୍ୟତମ ସର୍ବୋଚ୍ଚସ୍ଥାନକୁ ଏକ 'ଶୀତଳ ମରୁଭୂମି' କହିଲେ ଅତ୍ୟୁକ୍ତି ହେବ ନାହିଁ। ଅପରପକ୍ଷରେ ଏହି ଅଞ୍ଚଳର ତୁଷାର ସ୍ରୋତ ଭାରତ, ପାକିସ୍ତାନ, ଚୀନ୍, ନେପାଳ ସମେତ ବିଭିନ୍ନ ଦେଶକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଆସୁଛି। ସେଥିପାଇଁ ଏହାକୁ ଏସିଆର 'ୱାଟର ଟାୱାର' ବା 'ଜଳ ମୀନାର' ବୋଲି ମଧ୍ୟ କୁହାଯାଏ। ଏହା କେନ୍ଦ୍ର-ଏସିଆର ପ୍ରବେଶ ପଥ ଏବଂ ପାକିସ୍ତାନ, ଚୀନ ଓ ମଧ୍ୟ-ଏସୀୟ ରାଷ୍ଟ୍ରମାନଙ୍କର ମିଳନ ସ୍ଥଳ। ଏହା ମଧ୍ୟ ଏସିଆର ପ୍ରମୁଖ ପ୍ରାଚୀନ ବାଣିଜ୍ୟ ପଥର ଅନ୍ୟତମ କେନ୍ଦ୍ର।

ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ବିଶେଷକରି ଖଣିଜ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରୁ ପରିବେଶକୁ ସୁରକ୍ଷା ଦେବା ପାଇଁ ଲଦାଖକୁ ସ୍ୱୟଂଶାସିତ ବା ଅନୁସୂଚିତ ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ୱାଙ୍ଗଚୁକ୍ ଦାବି କରି ଆସୁଛନ୍ତି। ଅପରପକ୍ଷରେ ଲଦାଖବାସୀଙ୍କ ଦାବି ପୂରଣ ହେଲେ କେନ୍ଦ୍ର ସରକାର ସେଠାରେ ବସ୍ତୁତଃ କର୍ତ୍ତୃତ୍ୱହୀନ ହୋଇଯିବେ। ଫଳରେ ସେଠାରେ ଖଣିଜ ବିକାଶ ବାଧାପ୍ରାପ୍ତ ହେବ। ସେମିକଣ୍ଡକ୍ଟର ଶିଳ୍ପରେ ଭାରତ ଆତ୍ମନିର୍ଭରଶୀଳ ହେବାକୁ ଯେଉଁ ଲକ୍ଷ୍ୟ ରଖିଛି ତାହା ମଧ୍ୟ ସୁଦୂର ପରାହତ ହେବ। ଲଦାଖ୍‌ର ସ୍ୱତନ୍ତ୍ର ମାନ୍ୟତା ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ସ୍ୱାର୍ଥ ବନାମ ଲଦାଖର ପରିବେଶର ସୁରକ୍ଷା ଭଳି ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାର ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସ୍ୱାଭାବିକ।

ଏବେ କେନ୍ଦ୍ର ସରକାରଙ୍କ ପାଇଁ ଲଦାଖ ଏଭଳି ଏକ କଣ୍ଟା ଭାବେ ଗଳାରେ ଅଟକି ରହିଛି, ଯାହା ଢୋକି ହେଉ ନାହିଁ କି ବାହାର କରି ହେଉନାହିଁ। ୩୭୦ ଧାରା ଉଚ୍ଛେଦ ପରେ କାଶ୍ମୀର ଓ ଲଦାଖ ଉପତ୍ୟକାରେ ଶାନ୍ତି ଫେରିଛି ଏବଂ ସମଗ୍ର ଅଞ୍ଚଳବାସୀ ବିକାଶର ସୁଫଳ ଅନୁଭବ କରୁଛନ୍ତି ବୋଲି କେନ୍ଦ୍ର ସରକାରଙ୍କ ଘୋଷଣାକୁ ୱାଙ୍ଗଚୁକ୍‌ଙ୍କ ଆନ୍ଦୋଳନ ସ୍ୱାଭାବିକ ଭାବେ ଫିକା କରିଚାଲିଛି। ତେଣୁ ୱାଙ୍ଗଚୁକ୍ ରୂପୀ କଣ୍ଟାକୁ କେନ୍ଦ୍ର ସରକାର ହଟାଇବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରିବା ସ୍ୱାଭାବିକ। ୱାଙ୍ଗଚୁକ୍‌ଙ୍କ ସଦ୍ୟତମ ଅନଶନ ସମୟରେ ଜେନ୍ ଜେଡ୍ ବର୍ଗର କେତେକ ତତ୍ତ୍ୱ ହିଂସାକାଣ୍ଡ ଭିଆଇବା ପରେ ତାଙ୍କ ଉପରକୁ ବିପଦ ମାଡ଼ିଆସୁଥିବା ଅନୁମାନ କରାଯାଉଥିଲା। ଏବେ ତାହା ହିଁ ଘଟିଛି।

ଭାରତର ସଂଘୀୟ ବ୍ୟବସ୍ଥାରେ କୌଣସି ଅଞ୍ଚଳ ରାଜନୈତିକ ଓ ସାମ୍ବିଧାନିକ ଅଧିକାର ପାଇଁ ଦାବି କରିବା ଅନୈତିକ ନୁହେଁ। କିନ୍ତୁ ଏହା ହିଂସାତ୍ମକ ହେବା ଆଦୌ ଉଚିତ ନୁହେଁ। ଏବେ ସରକାରଙ୍କ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ଲଦାଖ୍‌ବାସୀଙ୍କ ଦାବି ପୂରଣ କରନ୍ତି ତେବେ ତାହା ଆଉ ଏକ ୩୭୦ ଧାରା ଅନୁରୂପ ବ୍ୟବସ୍ଥାକୁ ଜନ୍ମ ଦେଇପାରେ। ଯଦି ୱାଙ୍ଗଚୁକଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କିମ୍ବା କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ଲଦାଖବାସୀଙ୍କ ଅସନ୍ତୋଷର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ।

(ସକାଳ ମିଡିଆ ସର୍ଭିସ୍)

## ଉତ୍କଳ ଓ ଆୟୁର୍ବେଦ

ବାବାଜୀ ସନତ୍ ସୁଜାତାନନ୍ଦ ଦାସ

ଆୟୁର୍ବେଦର ଉତ୍ସ ଅଥର୍ବବେଦର ପ୍ରାଚୀନତମ ପୋଥି ମିଳିଥିଲା ଓଡ଼ିଶାରୁ। ଆୟୁର୍ବେଦ ଅଧ୍ୟୟନ କରୁଥିଲେ ଯେଉଁ ଅଥର୍ବବେଦୀୟ ବ୍ରାହ୍ମଣ, ସେମାନଙ୍କ ସଂଖ୍ୟା ମଧ୍ୟ ଓଡ଼ିଶାରେ ଥିଲା ସର୍ବାଧିକ। ଆୟୁର୍ବେଦ ବାଙ୍ମୟର ପ୍ରାଣସ୍ୱରୂପ ଆଚାର୍ଯ୍ୟ ଚରକଙ୍କୁ ଏହି ଉତ୍କଳର ଅଧୀଶ୍ୱର ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଅବତାର ବୋଲି କୁହାଯାଏ। କାକଟପୁରରେ ପ୍ରାଚୀନଦୀ କୂଳରୁ ମିଳିଥିଲା ସୁପ୍ରାଚୀନ ପୋଥି, 'ଚରକ ମହାର୍ଣ୍ଣବ ତନ୍ତ୍ର'। 'ଭାବପ୍ରକାଶ', 'ମାଧବନିଦାନ', 'ବୀରସିଂହାବଲୋକ', 'ଭୈଷଜ୍ୟ ସାରସଂଗ୍ରହ' ଓ 'ଭୈଷଜ୍ୟରତ୍ନାବଳୀ' ପରି ଜାତୀୟସ୍ତରର ଶ୍ରେଷ୍ଠ ଆୟୁର୍ବେଦ ଗ୍ରନ୍ଥମାନଙ୍କର ଖ୍ୟାତନାମା ରଚୟିତାମାନେ ଯଥାକ୍ରମେ ଆଚାର୍ଯ୍ୟ ଭାବ ମିଶ୍ର, ମାଧବ କର, ବୀର ସିଂହ, ଲୋକନାଥ ବିଦ୍ୟାଭୂଷଣ ଓ ଗୋବିନ୍ଦ ଦାସ - ଏ ସମସ୍ତେ ଥିଲେ ଉତ୍କଳୀୟ। ପୁନଶ୍ଚ ବିଜୟ ରକ୍ଷିତଙ୍କ 'ମଧୁକୋଷ' ଠାରୁ ଆରମ୍ଭ କରି ନାରାୟଣ ଷଡ଼ଙ୍ଗୀଙ୍କ 'ବାଳବୋଧିନୀ' ପର୍ଯ୍ୟନ୍ତ ମାଧବଙ୍କ 'ନିଦାନ ଗ୍ରନ୍ଥ'ର ପ୍ରାୟ ସମସ୍ତ ଟୀକା ଏହି ଉତ୍କଳ ଭୂମିରେ ହିଁ ମିଳିଛି।

ଅତୁଳନୀୟ ଓ ଆଶ୍ଚର୍ଯ୍ୟଜନକ 'ରସଶାସ୍ତ୍ର' ପ୍ରଦାନ କରି ଆୟୁର୍ବେଦକୁ ଋଦ୍ଧିମନ୍ତ କଲା ଯେଉଁ ମହାନ୍ କୌଳ ପରମ୍ପରା, ଏକଦା ଉଡ୍ଡୀୟାନ ମହାପୀଠ ଏହି ଉତ୍କଳ ଥିଲା ସେହି କୌଳ ନାଥ ଯୋଗୀମାନଙ୍କର ବିହାରଭୂମି। ତନ୍ମଧ୍ୟରୁ ଅନ୍ୟତମ ଥିଲେ ସିଦ୍ଧ ନାଗାର୍ଜୁନ, ଯାହାଙ୍କ ଲିଖିତ 'ରସରତ୍ନ ସମୁଚ୍ଚୟ' ଆଜି ଆୟୁର୍ବେଦୀୟ ରସୌଷଧି ଚିକିତ୍ସା ଓ ନାନାବିଧ ଗବେଷଣାର ଆଧାରଭୂତ ସନ୍ଦର୍ଭ। 'ସିଦ୍ଧୈଃ ରସୈଃ କରିଷ୍ୟାମି ନିର୍ଦାରିଦ୍ର୍ୟମିଦଂ ଜଗତ୍। ଅର୍ଥାତ୍ 'ଧାତୁସିଦ୍ଧି ଦ୍ୱାରା ମୁଁ ଏ ଜଗତକୁ ଦାରିଦ୍ର୍ୟମୁକ୍ତ କରି ଦେଇପାରେ'। ଏତାଦୃଶ ଧ୍ୱନି ଦେଇଥିବା ନାଗାର୍ଜୁନ ପ୍ରାପ୍ତି କରିଥିଲେ ଯେକୌଣସି ନିକୃଷ୍ଟଧାତୁରୁ ସ୍ୱର୍ଣ୍ଣ ପ୍ରସ୍ତୁତ କରିବାର ବୈଜ୍ଞାନିକ ସୂତ୍ର। ଐତିହାସିକ ନବୀନ ଚନ୍ଦ୍ର ସାହୁଙ୍କ ତଥ୍ୟ ଅନୁଯାୟୀ ଉତ୍କଳର ଔଷଧିପର୍ବତ ଗନ୍ଧମାର୍ଦ୍ଦନର ଶୀର୍ଷରେ ଥିଲା ନାଗାର୍ଜୁନଙ୍କ ନିକାଞ୍ଚନ ଆଶ୍ରମ ଏବଂ ତଳେ ଥିଲା ତାଙ୍କର ଆରୋଗ୍ୟଶାଳା। 'ଆରୋଗ୍ୟ ଭାରତୀ' ନାମରେ ଆଉ ଏକ ହସ୍ପିଟାଲ ଧଉଳିଗିରି ତଳେ ଥିଲା ଏବଂ ତାହାର ସଞ୍ଚାଳକ 'ଭଟ୍ଟ' ଉପାଧିଧାରୀ ଯାଜପୁରୀୟ ବୈଦ୍ୟ ଥିଲେ ବୋଲି ସେହି ଧଉଳିଗିରିର ଏକ ଶିଳାଲେଖରେ ସୂଚିତ ଅଛି। ଭୌମକର ବଂଶୀୟ ରାଜାମାନଙ୍କ ଶାସନାଧୀନ ଉତ୍କଳରେ ୮/୯ମ ଶତାବ୍ଦୀ କାଳରେ ନନ୍ନଟ, ଭୀମଟ ଓ ଲୟମକ ଆଦି ଭଟ୍ଟ ଉପାଧିଧାରୀ ବୈଦ୍ୟମାନେ ବଂଶାନୁକ୍ରମେ ସେମାନଙ୍କର ରାଜବୈଦ୍ୟ ଥିଲେ ବୋଲି ଗବେଷକ ଡ. ସତ୍ୟନାରାୟଣ ରାଜଗୁରୁ ଉଲ୍ଲେଖ କରିଛନ୍ତି।

ଆଜିର ଆରୋମାଥେରାପି ଅଳ୍ପକେତୋଟି ସୁଗନ୍ଧକୁ ଘେନି ଚାଲୁଥିଲା ବେଳେ ଓଡ଼ିଶାର ଭୌମକର ବଂଶୀୟା ରାଣୀ ଦଣ୍ଡୀ ମହାଦେବୀଙ୍କ ସନ୍ଧିବିଗ୍ରହ ଜୈନାଚାର୍ଯ୍ୟ ଉଗ୍ରାଦିତ୍ୟ ଏଇ ଓଡ଼ିଶାର ରାମଗିରି (କୋରାପୁଟ) ଆଶ୍ରମରେ ବସି ରଚନା କରିଥିଲେ ଅନେକ ଫୁଲର ସୁଗନ୍ଧଚିକିତ୍ସା ସମ୍ବଳିତ ଆପଣାର ମହାନ୍ ଗ୍ରନ୍ଥ 'କଲ୍ୟାଣକାରକ'। ସେଥିରେ ସେ ଫୁଲମାନଙ୍କର କେବଳ 'ଦର୍ଶନ'କୁ ମଧ୍ୟ ଏକପ୍ରକାର ଚିକିତ୍ସା ପଦ୍ଧତି କହିଥିବା ବେଳେ ପଣ୍ଡିଚେରୀ ଆଶ୍ରମର ଶ୍ରୀମା ଫୁଲମାନଙ୍କର ଆଧ୍ୟାତ୍ମିକ ସ୍ପନ୍ଦନର ବାର୍ତ୍ତାଟି ମାନ ପ୍ରକାଶ କରି ସେଥିରେ ସିଦ୍ଧିର ମୋହର ଲଗାଇ ଦେଇଛନ୍ତି। ଅବିଶ୍ୱାସ୍ୟ ଲାଗୁଥିଲେ ହେଁ ଏହା ସତ୍ୟ ଯେ, ଆଜିର ବିଶ୍ୱବିଖ୍ୟାତ ତିବ୍ବତୀୟ ଭେଷଜର ମୌଳିକ ଉତ୍ସ ଉତ୍କଳୀୟ ଆୟୁର୍ବେଦ। ତିବ୍ବତର ପ୍ରଥମ ଧର୍ମଗୁରୁ ରିମ୍ପୋଚେ ଓଡ଼ିଶାର ସମ୍ବଳକ ରାଜ୍ୟର ଯୁବରାଜ ପଦ୍ମସମ୍ଭବ ଏବଂ ସେ ନିଜ ସହିତ ତିବ୍ବତକୁ ଘେନି ଯାଇଥିଲେ ଓଡ଼ିଶାର ଧାନ ଏବଂ ବୌଦ୍ଧ, ତନ୍ତ୍ର ଓ ଚିକିତ୍ସାର ବିପୁଳ ପୋଥିରାଶି। ସମଗ୍ର ଭାରତବର୍ଷର ବୈଦ୍ୟକୁଳ-ଅନୁସୃତ ଦୁଇଟି ମାତ୍ର ଓଜନ ପଦ୍ଧତି ମଧ୍ୟରେ 'ମାଗଧ ମାନ' ପ୍ରଥମ ଥିଲା ବେଳେ ଦ୍ୱିତୀୟ ଥିଲା କଳିଙ୍ଗର ବିଦ୍ୱାନ୍‌ମାନଙ୍କ ପ୍ରଣୀତ 'କାଳିଙ୍ଗ ମାନ'।

ଉତ୍କଳ ବିଶ୍ୱବିଦ୍ୟାଳୟର ପରିଜା ଲାଇବ୍ରେରୀରେ ଶତାଧିକ ଓ ରାଜ୍ୟ ସଂଗ୍ରହାଳୟରେ ୧୮୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଆୟୁର୍ବେଦ ପୋଥି ଗଚ୍ଛିତ ଅଛି। ତନ୍ମଧ୍ୟରୁ ରଘୁନାଥ ଦାଶଙ୍କ 'ଆୟୁର୍ବେଦ ଲୀଳାବତୀ', ଚକ୍ରପାଣି ଦାସଙ୍କ 'ଅଭିନବ ଚିନ୍ତାମଣି', ଜଗନ୍ନାଥ ଦାଶଙ୍କ 'ଚିକିତ୍ସାମଞ୍ଜରୀ', ମୁରାରି ଦାସଙ୍କ 'ରୋଗ ବିନିଶ୍ଚୟ', ନରହରି ପଣ୍ଡିତଙ୍କ 'ନିଘଣ୍ଟୁ ରାଜାଭିଧାନ ଚୂଡ଼ାମଣି' ଆଦି କେତୋଟି ଉଦାହରଣ ନିଆ ଯାଇପାରେ। ନିକଟରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଓ ସିଦ୍ଧ ଅନୁସନ୍ଧାନ ପରିଷଦ ଗଜପତି ମୁକୁନ୍ଦଦେବ (୧୫୫୬-୧୫୬୮)ଙ୍କ ରାଜବୈଦ୍ୟ ମହାମହୋପାଧ୍ୟାୟ ବିଶ୍ୱନାଥ ସେଣଙ୍କ ରଚିତ 'ଚିକିତ୍ସାର୍ଣ୍ଣବ' ପୋଥି ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଉତ୍କଳ ପ୍ରଦେଶର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ଗୋପୀନାଥ ଷଡ଼ଙ୍ଗୀଙ୍କ 'ଚିକିତ୍ସାମଞ୍ଜରୀ' ପୋଥିର ପାଠୋଦ୍ଧାର କରି ପୁସ୍ତକ ରୂପେ ପ୍ରକାଶ କରିଛନ୍ତି। ତା'ଛଡ଼ା ପଶୁପକ୍ଷୀଙ୍କ ଚିକିତ୍ସାର ସନ୍ଦର୍ଭ ଯଥାକ୍ରମେ 'ଗୋଚିକିତ୍ସା', 'ପାଳକାପ୍ୟ ସଂହିତା' ଓ 'ଶାଳୀହୋତ୍ର ସଂହିତା' ପୋଥିମାନ ମଧ୍ୟ ମିଳିଛି। ଏପରିକି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପରି କବିମାନଙ୍କ ଦ୍ୱାରା ରସମୟ ଗୀତିକବିତା ଆକାରରେ ଭଣିତା ଆୟୁର୍ବେଦ ପୋଥି ମଧ୍ୟ ରହିଛି। ଭାରତର କବିମାନେ ସୁଦ୍ଧା ବୈଜ୍ଞାନିକ, ଯାହା ଭାରତବର୍ଷରେ ବିରଳ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଅଦ୍ୟାବଧି ଏ ଅମୂଲ୍ୟନିଧି ସବୁ ଗ୍ରନ୍ଥରୂପ ନପାଇ ସଂଗ୍ରହାଳୟରେ ପଡ଼ିରହିଛି। ଅନେକ ପ୍ରକାଶିତ ଗ୍ରନ୍ଥ ମଧ୍ୟ ଅଧୁନା ଦୁଷ୍ପ୍ରାପ୍ୟ।

ଆୟୁର୍ବେଦ ବୋଇଲେ ଜୀବନର ବେଦ (ଜ୍ଞାନ)। ଅନ୍ନବ୍ୟଞ୍ଜନ ପିଠାପଣାଦି ଖାଦ୍ୟପେୟଠାରୁ ଆରମ୍ଭ କରି ସ୍ନାନନିଦ୍ରାଦି ଦିନଚର୍ଯ୍ୟା, ଗ୍ରୀଷ୍ମବର୍ଷାଦି ଋତୁଚର୍ଯ୍ୟା ଓ ବିବାହ-ବ୍ରହ୍ମଚର୍ଯ୍ୟ-ବାନପ୍ରସ୍ଥ-ବୈରାଗ୍ୟାଦି ଜୀବନଚର୍ଯ୍ୟା ସହିତ ସାହିତ୍ୟ, ସଂସ୍କୃତି, ପର୍ବପର୍ବାଣି ଇତ୍ୟାଦି ଜୀବନର ସକଳ ବିଭବକୁ ସମସ୍ତଙ୍କ ଆଗୋଚରରେ ଅତ୍ୟନ୍ତ କଳାତ୍ମକ ଢଙ୍ଗରେ ଆବୋରି ରହି ଆୟୁର୍ବେଦର ଏହି ସୁସମୃଦ୍ଧ ବୈଜ୍ଞାନିକ ପରମ୍ପରାଟି ଉତ୍କଳବାସୀଙ୍କୁ ଦେଇ ଆସିଛି ଅନାବିଳ ଏକ ମହତ୍ତର ଜୀବନବୋଧ। ଆଉ ସେ ବୋଧର ଲାଳିତ୍ୟରେ ବାନ୍ଧି ହୋଇ ସ୍ୱୟଂ ପରବ୍ରହ୍ମ ପରମେଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁ ସୁଦ୍ଧା ସ୍ୱୀକାର କରିଛନ୍ତି ରୋଗ, ତାହାର ମାନବୀୟ ଔଷଧ ଉପଚାର ଏବଂ 'ରୋଗ'କୁ 'ବିଷାଦ'ର ତାମସିକ ସ୍ତରରେ ଛାଡ଼ି ନଦେଇ କରିଛନ୍ତି ତା'ର ଉତ୍ସବାୟନ। ସେ ଉତ୍ସବ ମାର୍ଗରେ ନିରନ୍ତର ଧାବମାନ ଭାରତ ବର୍ଷର ଆତ୍ମା।

ଗୌରାଙ୍ଗ ମଠ, ପୁରୀ, ମୋ: ୭୦୦୮୦୩୮୦୪୭

## କର୍କଟରୋଗ ନିରୋଧୀ ଟିକା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶ୍ୱରେ ସବୁଠାରୁ ଭୟାନକ ତଥା ଘାତକ ବ୍ୟାଧି ରୂପେ ପରିଗଣିତ ହେଉଛି କର୍କଟରୋଗ। ଦୀର୍ଘଦିନ ଧରି ଏହି ଭୟାବହ ରୋଗ କବଳରୁ ସୁରକ୍ଷା ଦେବା ପାଇଁ ନାନାଦିଗରୁ ଗବେଷଣା ଚାଲି ଆସିଛି ସମଗ୍ର ବିଶ୍ୱରେ। ତେବେ ରୁଷିଆର ବୈଜ୍ଞାନିକ ଏଥିରେ ପ୍ରଥମ ସଫଳତା ହାସଲ କରିବାର ସୂଚନା ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ (୨୦୨୫ ମସିହା) ମିଳିଛି। ସେମାନେ ଏହାର ପ୍ରତିରୋଧୀ ଟିକାଟିଏ ଉଦ୍ଭାବନ କରିବାକୁ ସମର୍ଥ ହୋଇପାରିଛନ୍ତି। ଏମ୍-ଆର୍‌ଏନ୍‌ଏ (ମେସେଂଜର-ଆର୍‌ଏନ୍‌ଏ) ଭିତ୍ତିକ ଏହି ଟିକା ଏଣ୍ଟେରୋମିକ୍ସ ନିଦାନୀୟ ପରୀକ୍ଷାରେ ଶହେ ଶତାଂଶ ସଫଳତା ପ୍ରଦର୍ଶନ କରିବା ସହିତ ସଂପୂର୍ଣ୍ଣ ନିରାପଦ ବୋଲି ଜଣାପଡ଼ିଛି।

ଏମ୍-ଆର୍‌ଏନ୍‌ଏ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ 'ଟ୍ରାନ୍ସକ୍ରିପସନ' (ନକଲ) ବୋଲି କୁହାଯାଉଥିବା ଏକ ପଦ୍ଧତିରେ। ଏଥିରେ ଆର୍‌ଏନ୍‌ଏ ପଲିମରେଜ୍ ଏଞ୍ଜାଇମ ନାଭିକ ମଧ୍ୟରେ ଥିବା ଜିନୀୟ ସଂକେତଧାରୀ ଡିଏନ୍‌ଏର ଏକ ଖିଅକୁ 'ଟେମ୍ପଲେଟ୍' (ଛାଞ୍ଚ) ରୂପେ ବ୍ୟବହାର କରି ଏହାର ଅନୁପୂରକ 'ପ୍ରି-ଏମ୍ ଆର୍‌ଏନ୍‌ଏ ସଂଶ୍ଳେଷଣ କରାଏ। ତାହାର ପ୍ରକ୍ରିୟାକରଣରୁ ଏମ୍-ଆର୍‌ଏନଏ ସୃଷ୍ଟି ହୁଏ, ଯାହାକି ଏକ ଜିନୀୟ ବାର୍ତ୍ତାବହ ରୂପେ ଡିଏନଏର ସୂଚନା ବହନ କରି ଜୀବକୋଷର ନାଭିକ ମଧ୍ୟରୁ 'ରାଇବୋଜମ୍'କୁ ଆସେ। ସେଠାରେ ତଦନୁଯାୟୀ ପ୍ରୋଟିନ୍ ସଂଶ୍ଳେଷଣ ହୁଏ।

ଉପରୋକ୍ତ ଏମ୍-ଆର୍‌ଏନ୍‌ଏ ଭିତ୍ତିକ 'ଏଣ୍ଟେରୋମିକ୍ସ' କର୍କଟରୋଗ ନିରୋଧୀ ଟିକା ନିଦାନୀୟ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଗଲାଣି ବୋଲି ଘୋଷଣା କରିଛି ସେ ଦେଶର 'ଫେଡେରାଲ୍ ମେଡିକାଲ୍ ଆଣ୍ଡ ବାଇଓଲୋଜିକାଲ୍ ଏଜେନ୍ସି'। ଏହାର ମୁଖ୍ୟଙ୍କ ସୂଚନା ଅନୁସାରେ ଏହା ପ୍ରାକ୍‌ନିଦାନୀୟ ପରୀକ୍ଷାଗୁଡ଼ିକରେ ସଫଳତା ପ୍ରଦର୍ଶନ କରିସାରିଛି। ଯାହାକି ଏହାକୁ ସଂପୂର୍ଣ୍ଣ ନିରାପଦ ଏବଂ ଅତ୍ୟନ୍ତ ଫଳପ୍ରଦ ବୋଲି ପ୍ରମାଣିତ କରିପାରିଛି। ଦୀର୍ଘକାଳୀନ ଭିତ୍ତିରେ ୪୮ ଜଣ ସ୍ୱେଚ୍ଛାସେବୀଙ୍କ ଉପରେ ଏହି ପରୀକ୍ଷଣ ହେଲା ପରେ ଏହାର ନିଦାନୀୟ ସଫଳତା ସଂପର୍କରେ ଗତ ଜୁନ୍ ୧୮ ରୁ ୨୧ ତାରିଖ (୨୦୨୫) ମଧ୍ୟରେ 'ସେଣ୍ଟ୍ ପିଟରସ୍‌ବର୍ଗ ଇଣ୍ଟରନ୍ୟାସନାଲ୍ ଇକୋନୋମିକ ଫୋରମ୍'ର ସମ୍ମିଳନୀ ଅବସରରେ ଘୋଷଣା କରାଯାଇଥିଲା। ଟିକାଟି କର୍କଟରୋଗ ଜନିତ ଅର୍ବୁଦର ବୃଦ୍ଧିକୁ ରୋକିବା ଏବଂ ତାକୁ ସଂକୁଚିତ କରିବାକୁ ସମର୍ଥ ବୋଲି ସେଥିରେ ସୂଚନା ପ୍ରଦାନ କରାଯାଇଥିଲା।

ଏ ଟିକାକୁ କ୍ରମେ ପ୍ରତ୍ୟେକ ରୋଗୀ ଲାଗି ବ୍ୟକ୍ତିଗତ ଭାବେ ତା'ର ଆର୍‌ଏନ୍‌ଏ ଅନୁରୂପ କରିବା ପାଇଁ ଏବେ ଉଦ୍ୟମ ଚାଲିଛି। ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ପ୍ରଥମ ଟିକା ବୃହଦନ୍ତ୍ର ନଳୀର କର୍କଟରୋଗ ଲାଗି ବ୍ୟବହାର କରାଯାଇ ପାରିବ। ତତ୍‌ପରେ ମସ୍ତିଷ୍କ ଅର୍ବୁଦ ଏବଂ ବିଭିନ୍ନ ପ୍ରକାର ଚର୍ମକର୍କଟ ରୋଗ ଲାଗି ତାହା ବିକଶିତ କରାଯିବ। ରାସାୟନିକ ଚିକିତ୍ସା (କେମୋଥେରାପି) କିମ୍ବା ରଶ୍ମିଚିକିତ୍ସା (ରେଡିଏସନ ଥେରାପି) ଭଳି ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯିବ ନାହିଁ ଏବଂ ରୋଗୀକୁ ଏହା ସହ୍ୟ କରିବା ସହଜ ହେବ।

ଏକ୍ସଟେରୋମିକସି ଟିକାରେ ଏବେ ବ୍ୟବହାର କରାଯାଇଛି ଚାରୋଟି କ୍ଷତିକାରକ ହୋଇନଥିବା ଭୂତାଣୁ। ଏହା କର୍କଟରୋଗ ଜନିତ ଅର୍ବୁଦକୁ ଆକ୍ରମଣ କରି ନଷ୍ଟ କରିଦେବା ସହିତ ରୋଗ ସହ ସଂଗ୍ରାମ କରିବାକୁ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ପ୍ରରୋଚିତ କରିବା ଲାଗି ଅଭିପ୍ରେତ। ଏଥିରେ କର୍କଟରୋଗ ନିରାକରଣ ଲାଗି 'ଆଣ୍ଟିଜେନ୍' ବୋଲି କୁହାଯାଉଥିବା ଏକ ନିର୍ଦ୍ଦିଷ୍ଟ ପ୍ରୋଟିନ୍ ପ୍ରସ୍ତୁତ କରିବାକୁ ଜୀବକୋଷମାନଙ୍କୁ ବ୍ରତୀ କରାଯାଏ। ତତ୍‌ପରେ ଏହି 'ଆଣ୍ଟିଜେନ୍'ଗୁଡ଼ିକୁ ଡେନ୍‌ଡ୍ରାଇଟିକ୍ ଜୀବକୋଷ ବୋଲି କୁହାଯାଉଥିବା ରୋଗ ପ୍ରତିରୋଧକାରୀ ଜୀବକୋଷମାନଙ୍କ ମାଧ୍ୟମରେ 'ଟି-ଜୀବକୋଷ'ଙ୍କୁ ପ୍ରଦାନ କରାଯାଏ, ଯାହାକି ସେହି ଅନୁରୂପ 'ଆଣ୍ଟିଜେନ୍' ପ୍ରଦର୍ଶନ କରୁଥିବା କର୍କଟରୋଗ ଜୀବକୋଷଗୁଡ଼ିକୁ ଚିହ୍ନଟ କରି ତା'କୁ ଧ୍ୱଂସ କରିଦିଅନ୍ତି। ଅତଏବ ଏପ୍ରକ୍ରିୟା ମୁଖ୍ୟତଃ ଶରୀରର ରୋଗପ୍ରତିରୋଧ ପ୍ରକ୍ରିୟାକୁ କର୍କଟରୋଗ ଜୀବକୋଷ ବିରୁଦ୍ଧ ଅତ୍ୟନ୍ତ ଫଳପ୍ରଦ ଅସ୍ତ୍ରରେ ରୂପାନ୍ତରିତ କରେ। ଅତଏବ ଏହା ସେଗୁଡ଼ିକୁ ଚିହ୍ନଟ କରି ଧ୍ୱଂସ କରିଦିଏ। ବର୍ତ୍ତମାନ ଏ ଟିକାର ଦକ୍ଷତା ଆଶାନୁରୂପେ ପ୍ରମାଣିତ ହୋଇସାରିଛି ଏବଂ କେବଳ ବାକି ରହିଛି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅନୁମତି। ତାହା ମିଳିସାରିଲେ ଖୁବ୍‌ଶୀଘ୍ର ଏହା ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାଲେଶ୍ୱରର ଦୁଇ ମାର୍କେଟ୍ କମ୍ପ୍ଲେକ୍ସରୁ ବ୍ୟବସାୟୀଙ୍କୁ ଉଚ୍ଛେଦ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ, ୨୯ ।୯ (ସମିସ): ବାଲେଶ୍ୱର ସହରର ଭାସ୍କରଗଞ୍ଜ ମୌଜାରେ ଥିବା ଅରୁଣୋଦୟ ମାର୍କେଟ୍ କମ୍ପ୍ଲେକ୍ସ ଓ ଗୋଲଡେନ୍ ଜୁବିଲି ମାର୍କେଟ୍ କମ୍ପ୍ଲେକ୍ସରୁ ବ୍ୟବସାୟୀଙ୍କୁ ଉଚ୍ଛେଦ ପ୍ରସଙ୍ଗରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି । ଏହି ଦୁଇ ମାର୍କେଟ୍ କମ୍ପ୍ଲେକ୍ସରୁ ଦୋକାନ ବ୍ୟବସାୟୀଙ୍କୁ ଉଚ୍ଛେଦ ପ୍ରସଙ୍ଗରେ ଅଗ୍ରସର ନ ହେବାକୁ ପ୍ରତିପକ୍ଷଙ୍କୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜଷ୍ଟିସ୍ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ପୂର୍ଣ୍ଣଚନ୍ଦ୍ର ବାରିକ ଓ ଅନ୍ୟ ୫ଜଣଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅକ୍ଟୋବର ୨୭କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ତିନି ଦଶନ୍ଧିରୁ ଅଧିକ ସମୟରେ ଧରି ଏହି ଦୁଇ ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ କରି ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଉଚ୍ଛେଦ ପାଇଁ ପୌରପାଳିକା ଓ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା । ରାସ୍ତା ସଂପ୍ରସାରଣ ପାଇଁ ଏହି ଦୁଇ ମାର୍କେଟ୍ କମ୍ପ୍ଲେକ୍ସର ଦୋକାନଗୁଡ଼ିକ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଦର୍ଶାଯାଇଥିଲା । ଅନ୍ୟପକ୍ଷରେ, ବ୍ୟବସାୟୀଙ୍କୁ ବିକଳ୍ପ ସ୍ଥାନରେ ଥଇଥାନ ପାଇଁ ପଦକ୍ଷେପ ନ ନେଇ ଏପରି ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଥିଲା । ଏପରି ପଦକ୍ଷେପ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଏହି ମାମଲା ଦାୟର ହୋଇଛି ।

## ଦୋକାନ ଉପରେ ମାଡ଼ିଗଲା ଟ୍ରକ୍: ୩ ମହିଳା ଗୁରୁତର

ବାରିପଦା/ସାରସକଣା,୨୯ ।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ(ବମ୍ବେ ଛକ) ବଜାରରେ ରବିବାର ରାତିରେ ଏକ ମାଲବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୋକାନ ଘରଗୁଡ଼ିକ ଉପରେ ମାଡ଼ିଯିବାରୁ ୩ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି । ଖବର ଲେଖାଯିବା ବେଳକୁ ସେମାନଙ୍କୁ ଗୁରତର ଅବସ୍ଥାରେ ପିଆରଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି ।

ସ୍ଥାନୀୟ ଲୋକେ ୨ଟି ଜାତୀୟ ରାଜପଥ ଅବରୋଧ କରିଛନ୍ତି । ସୂଚନାଯୋଗ୍ୟ, ୧୮ନଂ ଓ ୪୯ନଂ ଜାତୀୟ ରାଜପଥର ସଂଯୋଗସ୍ଥଳ ଗୋଲେଇ ଉପରରେ ଓଭରବ୍ରିଜ ନିର୍ମାଣ ଅଧପାନ୍ତରିଆ ଥିବା ବେଳେ ରବିବାର ରାତିରେ ବାରିପଦା ପଟୁ ଜାମଶୋଳା ଅଭିମୁଖେ ଯାଉଥିବା ଏକ ମାଲବୋଝେଇ ଟ୍ରକ୍ ଓଭରବ୍ରିଜ୍ ତଳ ସାରସକଣା ରାସ୍ତାରେ ଭାରସାମ୍ୟ ହରାଇ କଡ଼ରେ ଥିବା ୪/୫ଟି ଦୋକାନ ଗୃହ ଉପରେ ଚଢ଼ି ଯାଇଥିଲା । ଏଥିରେ ଫଳ ଦୋକାନରେ ଥିବା ୩ ଜଣ ମହିଳା ଗୁରୁତର ଆହତ ହୋଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି ।



## ଷଣ୍ଢ ଲଢ଼େଇରେ ଯୁବତୀ ମୃତ

ବାରିପଦା, ୨୯ ।୯ (ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ମଞ୍ଚାବନ୍ଧାଠାରେ ଦୁଇ ଷଣ୍ଢ ମଧ୍ୟରେ ଲଢ଼େଇ ଯୋଗୁଁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବତୀଜଣଙ୍କ ହେଲେ, ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ଊର୍ମି ସମ୍ପଦ (୧୭) । ସୋମବାର ସନ୍ଧ୍ୟାରେ ସେମାନେ ବାଇକ୍ ଯୋଗେ ଆସୁଥିବା ବେଳେ ମଞ୍ଚାବନ୍ଧା ନିକଟରେ ଦୁଇଟି ଷଣ୍ଢ ଲଢ଼େଇ ଲାଗି ଅତର୍କିତ ଭାବେ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ । ଜୋର୍‌ରେ ବାଇକକୁ ଧକ୍କା ଦେବାରୁ ଉଭୟ ବାଇକ ଆରୋହୀ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ପଡ଼ିଯାଇଥିଲେ । ପରେ ଯୁବତୀଙ୍କ ଉପରେ ଦୁଇ ଷଣ୍ଢ ମାଡ଼ି ଚାଲିଯିବାରୁ ଗୁରତର ଆହତ ହୋଇଥିଲେ । ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ ।

■ ବାଣ ଓ ବିସ୍ଫୋରକ ବିରୋଧରେ ପୁଲିସର ଅଭିଯାନ

## ୧୫ ଦିନରେ ୧୮୪ ମାମଲା, ୧୩୩ ଗିରଫ

କଟକ,୨୯ ।୯ (ସମିସ): ଆଗାମୀ ଉତ୍ସବ ଋତୁକୁ ଦୃଷ୍ଟିରେ ରଖି ବେଆଇନ ଭାବେ ବାଣ ତଥା ବିସ୍ଫୋରକ ସାମଗ୍ରୀ ସଂରକ୍ଷଣ, ଅନଧିକୃତ ପରିବହନ ଓ ବିକ୍ରୟକୁ ରୋକିବା ପାଇଁ ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ଏନଫୋର୍ସମେଣ୍ଟ କରାଯାଉଛି । ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଗତ୧୪ ତାରିଖରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଓଡ଼ିଶା "ଅଗ୍ନି" ନାମକ ଏହି ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଇଥିଲା । ଉପରୋକ୍ତ ୧୫ ଦିନରେ ମୋଟ ୧୮୪ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧୩୩ଜଣ ଗିରଫ ହୋଇଛନ୍ତି । ସେହିଭଳି ୮କୋଟି ୨୪ଲକ୍ଷ ୬୦ହଜାର ଟଙ୍କାର ସାମଗ୍ରୀ ଜବତ କରାଯାଇଥିବା ବେଳେ ୪୫ଜଣଙ୍କୁ ନୋଟିସ ଜାରି ହୋଇଛି । ଏହି ସଚେତନତା ଅଭିଯାନ ଜାରି ରହିବ । ସ୍ୱତନ୍ତ୍ର ଅଭିଯାନ ସମୟରେ ଅନୁଗୁଳ ଜିଲ୍ଲାରେ ୧୭ଟି ମାମଲାରେ ୧୩ଜଣଙ୍କୁ ଗିରଫ କରାଯାଇଛି । ୫୭୩୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଛି । କେନ୍ଦୁଝରରେ ୨୧ଟି ମାମଲାରେ ୨୧ଜଣ ଗିରଫ ହୋଇଛନ୍ତି । ଗଞ୍ଜାମରେ ୧୪ ଓ ବୌଦରେ ୧୦ଟି ମାମଲା ପଞ୍ଜୀକତ ହୋଇଛି ।

ମିଳିଲାନି ମହାପ୍ରୟାଣ ଗାଡ଼ି

## କାନ୍ଧରେ ଧରି ଗାଁକୁ ଶବ ନେଲେ

ଶଗଡ଼ା, ୨୯ ।୯ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦହ୍ୟା ରକ୍ସା ପଞ୍ଚାୟତ ଅଧୀନ କରମାପଦର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି । ଶୌଚ ପାଇଁ ଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ମୃତକ ହେଲେ ଗ୍ରାମର ଠାକୁର ମେହେର । ଖବର ପାଇ ପରିବାରଲୋକ ତାଙ୍କୁ ପୋଖରୀରୁ ଉଦ୍ଧାର କରି



ବାଉଁଶୁଣି ମେଡିକାଲରେ ଭର୍ତ୍ତି କରିଥିଲେ; ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ । ବହୁତ ସମୟ ଅପେକ୍ଷା କଲା ପରେ ବି ପୁଲିସ ଆସି ନ ଥିଲା । ଏଣୁ ମୃତକଙ୍କ ପରିବାର ଲୋକ ଶବକୁ କାନ୍ଧେଇ ୫୭ ନମ୍ବର ଜାତୀୟ ରାଜପଥ ଦେଇ ଗାଁକୁ ବାହାରିଥିଲେ । ତେବେ ଡାକ୍ତରଖାନାରେ ମହାପ୍ରୟାଣ ଗାଡ଼ି ଥିଲେ ସୁଦ୍ଧା ବ୍ୟବଚ୍ଛେଦ ହୋଇନଥିବାରୁ ଶବ ନେବାକୁ ଗାଡ଼ି ଚାଳକ ମନା କରି ଦେଇଥିଲେ । ଶେଷରେ ବାଧ ହୋଇ ପରିବାରଲୋକେ ପୁଲିସ ଆସିବାରେ ବିଳମ୍ବ ହେତୁ ଶବ ବ୍ୟବଚ୍ଛେଦ ନ କରି କାନ୍ଧରେ ଧରି ଗାଁକୁ ବାହାରିଥିଲେ । ରାସ୍ତାରେ ଏହି ଦୃଶ୍ୟ ଦେଖି ଜଣେ ବ୍ୟକ୍ତି ଭିଡିଓ କରିଥିଲେ । ଏହାପରେ ଘଟଣା ଭାଇରାଲ

■ ଖବର ଦେବା ସତ୍ତ୍ୱେ ଆସିଲାନି ପୁଲିସ
■ ପୁଲିସ ନ ଆସିବାରୁ ହୋଇପାରିଲାନି ଶବ ବ୍ୟବଚ୍ଛେଦ
■ ଡାକ୍ତରଖାନାରୁ ଶବ ନେଇଗଲେ ପରିବାର ଲୋକ

ହୋଇଥିଲା । ଶେଷରେ ପୁଲିସ ଗାଁରେ ପହଞ୍ଚି ଥିଲା । ପରିବାରଲୋକଙ୍କୁ ବୁଝାଇ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ନେଇଥିଲା । ସେଠାରେ ବ୍ୟବଚ୍ଛେଦ ପରେ ପୁଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା । ଏହାପରେ ପରିବାରଲୋକ ଶବ ନେଇ ଗାଁ ମଶାଣିରେ ସତ୍କାର କରିଛନ୍ତି । ତେବେ ଏହି ଘଟଣା ବୌଦ୍ଧ ଜିଲ୍ଲାରେ ଯେତିକି ଆଲୋଡ଼ନ ସୃଷ୍ଟି କରିଛି, ଜିଲ୍ଲାକୁ ସେତିକି ବଦନାମ କରିଛି । ଏହାଦ୍ୱାରା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବେଫିକର ମନୋଭାବ ପଦାରେ ପଡ଼ିଛି । ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଦାୟିତ୍ୱହୀନ ବୋଲି ପ୍ରମାଣ ଦେଇଛନ୍ତି ।

## ମନ୍ତ୍ରୀଙ୍କ ଗାଡ଼ିକୁ ଧକ୍କା ଦେଇ ୨ ବାଇକ୍ ଆରୋହୀ ଗୁରୁତର

ଦେବଗଡ଼,୨୯।୯ (ସମିସ): ବଳମଗାଁସ୍ଥିତ ଜାଗୃତି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦୁର୍ଗାପୂଜା ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ସୋମବାର ଯୋଗଦେବାକୁ ଆସିଥିବା ପୂର୍ତ୍ତ ବିଭାଗ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଇନୋଭାକୁ ଦୁଇ ବାଇକ୍ ଆରୋହୀ ଧକ୍କା ଦେଇଛନ୍ତି । ସେମାନେ ହେଲେ, ଭାଲୁମୁଣ୍ଡା ଗାଁର ପ୍ରଦୀପ ପଲେଇ ଓ ଦିଗାମ୍ବର ପ୍ରଧାନ । ଦୁହିଁଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ସଂକଟାପନ୍ନ ହେବାରୁ ଦିଗାମ୍ବରକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ତେବେ, ଦୁର୍ଘଟଣା ପରେ ଆହତ ଯୁବକଦ୍ୱୟଙ୍କୁ ପୁଲିସ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ମନ୍ତ୍ରୀ ଶ୍ରୀ ନାଏକ କାର୍ଯ୍ୟକ୍ରମସ୍ଥଳକୁ ଯାଇ ଦୁର୍ଗାପୂଜାରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ କାଟଛାଣ୍ଟ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ସେଠାରେ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ମନ୍ତ୍ରୀ ଯୁବକଦ୍ୱୟଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ ।

### ଦୁର୍ଘଟଣା ପରେ ମନ୍ତ୍ରୀଙ୍କ ଗାଡ଼ିକୁ ଖସାଇଦେଲା ପୁଲିସ

ତେବେ ଦୁର୍ଘଟଣା ପରେ ସମ୍ଭାବ୍ୟ ଉତ୍ତେଜନା ଆଶଙ୍କାରେ ଉପସ୍ଥିତ ପୁଲିସ ଅଧିକାରୀମାନେ ମନ୍ତ୍ରୀଙ୍କ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ସେଠାରୁ ଅନ୍ୟତ୍ର ପଠାଇ ମାମଲାକୁ ଚପାଇ ଦେବାର ଉଦ୍ୟମ କରିଥିବା ଜଣାପଡ଼ିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣା ସମ୍ପର୍କିତ କୌଣସି ମାମଲା ଥାନାରେ ରୁଜୁ ହୋଇନଥିବା ଜଣାପଡ଼ିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୂଳ ଦରମା...

ବୃଦ୍ଧି ପାଏ । ବର୍ତ୍ତମାନ ଡିଏ ମୂଳ ଦରମାର ୫୫% ରହିଛି । ଡିଏ ହଟାଇବା ପରେ ମୋଟ ବେତନ (ମୂଳ ଦରମା + ଡିଏ + ଏଚ୍‌ଆର୍‌ଏ) ରେ ବୃଦ୍ଧି ସାମାନ୍ୟ କମ୍ ଦେଖାଯାଇପାରେ, କାରଣ ୫୫% ଡିଏ ଉପାଦାନ ହଟାଇ ଦିଆଯିବ । ପ୍ରତ୍ୟେକ ବେତନ ଆୟୋଗ ସୁପାରିସ ଆରମ୍ଭରୁ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଦୁଇରୁ ତିନି ବର୍ଷ ସମୟ ଲାଗିଥାଏ । ବର୍ତ୍ତମାନ ବର୍ଷ ୨୦୨୫ ଶେଷ ହେବାକୁ ତିନି ମାସ ବାକି ଅଛି । ଯଦିଓ ବେତନ ଆୟୋଗ ଶୀଘ୍ର ଗଠନ ହୋଇଯାଏ, ତଥାପି ରିପୋର୍ଟ ପ୍ରସ୍ତୁତ କରିବା, ସରକାରୀ ଅନୁମୋଦନ ପାଇବା ଏବଂ ସବୁକିଛି ଚୂଡ଼ାନ୍ତ କରିବା ପାଇଁ କିଛି ସମୟ ଲାଗିଯିବ । ପୂର୍ବ ବେତନ ଆୟୋଗଗୁଡ଼ିକରେ ସମାନ ପ୍ରକାରର ଉଦାହରଣ ସ୍ପଷ୍ଟ । ୨୦୨୮ ସୁଦ୍ଧା ବେତନ ଆୟୋଗ ପୂର୍ଣ୍ଣ କାର୍ଯ୍ୟକାରୀ ହେବାର ଅର୍ଥ ଏହା ନୁହେଁ ଯେ ୨୦୨୮ ରୁ ସୁବିଧା ଉପଲବ୍ଧ ହେବ । ସୂଚନାଯୋଗ୍ୟ ଯେ, ପ୍ରତି ୧୦ ବର୍ଷରେ ବେତନ ଆୟୋଗ ଗଠନ କରାଯାଏ । ୭ମ ଆୟୋଗ ୨୦୧୬ରେ କାର୍ଯ୍ୟକାରୀ ହୋଇଥିଲା, ଯେତେବେଳେ କି ୮ମ ଆୟୋଗ ୨୦୨୬ ଜାନୁଆରୀ ପହିଲାରୁ ପ୍ରଭାବୀ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି । ଏହାର ଅର୍ଥ ହେଉଛି ଏହି ତାରିଖରୁ ଦରମା ଏବଂ ପେନସନ ବୃଦ୍ଧି ଗଣନା କରାଯିବ ।

### ଦିନକୁ ୧୦ ଘଣ୍ଟା...

ନିୟୋଜିତ କରାଯାଇପାରିବ । ସେହିପରି ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ଗ୍ରାମ ପଞ୍ଚାୟତସ୍ତରରେ ଆଦର୍ଶ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି । ଏହି ଯୋଜନା ଅଧୀନରେ ଆସନ୍ତା ତିନି ବର୍ଷ (୨୦୨୫-୨୬ ରୁ ୨୦୨୭-୨୮ ) ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ଗୋଟି ମଡେଲ ସ୍କୁଲ ନିର୍ମାଣ ହେବ । ଏଥିପାଇଁ ମୋଟ୧୨,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ତେବେ ପ୍ରତ୍ୟେକ ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି କେନ୍ଦୁଝରର ଘଟଗାଁ ଠାରେ ଥିବା ମା ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଉପରେ ଓଡ଼ିଶା ସରକାର ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କା ମୂଲ୍ୟର ସର୍ବନିମ୍ନ ଟେଣ୍ଡର (ଜିଏସ୍‌ଟିକୁ ବାଦ୍ ଦେଇ) ମେସର୍ସ ଦିଲ୍ଲୀପ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ଅନୁମୋଦନ କରିଛନ୍ତି । ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ଭିତରେ ସଂମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି । ଏହି ବିକାଶ କାର୍ଯ୍ୟ ପାଇଁ ସମୁଦାୟ୨୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

### ଆଜି ସୃଷ୍ଟିହେବ...

ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ମୟୂରଭଞ୍ଜ ଓ କେନ୍ଦୁଝରରେ ମଧ୍ୟ ବର୍ଷା ଆଶଙ୍କା ରହିଛି । ଦୁର୍ଗାପୂଜା ପାଇଁ ସାରା ରାଜ୍ୟ ବର୍ତ୍ତମାନ ଉତ୍ସବମୁଖର ହୋଇପଡ଼ିଥିବା ବେଳେ କଟକ-ଭୁବନେଶ୍ୱରରେ ପୂଜା ପାଇଁ ବ୍ୟାପକ ଆୟୋଜନ ହୋଇଛି । ମାତ୍ର ନବମୀ ଓ ଦଶମୀରେ ବର୍ଷା ଆଶଙ୍କା ରହିଥିବାରୁ ଏଥର ପୂଜା ପ୍ରଭାବିତ ହେବା ନେଇ ଯଥେଷ୍ଟ ଆଶଙ୍କା ରହିଛି । ଲଘୁଚାପ ଯୋଗୁଁ ବଡ଼ବର୍ଷା ନହେଲେ ମଧ୍ୟ ଝିପିଝିପି ବର୍ଷା ଲାଗି ରହିଲେ ବି ପୂଜା ବୁଲାରେ ସମସ୍ୟା ଉପୁଜିବ ।ଅନ୍ୟପଟେ, ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ୩୫ରୁ ୪୫କିମି ବେଗରେ ପବନ ବହିବ । ଏହାର ଝଟ୍‌କା ପବନ ୫୫ କିମି ଛୁଇଁବ । ତେଣୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ସୂଚନା ଦିଆଯାଇଛି । ଲଘୁଚାପକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ସତର୍କ ରହିବାକୁ ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ପରାମର୍ଶ ଦିଆଯାଇଛି ।

### ଶିରୀଶ ମୁର୍ମୁ...

ଡିଗ୍ରୀ ହାସଲ କରିଥିଲେ । ୧୯୯୧ ମସିହାରେ ରିଜର୍ଭ ବ୍ୟାଙ୍କରେ ନିଜର ଚାକିରି ଜୀବନ ଆରମ୍ଭ କରିଥିବା ଶିରୀଶଚନ୍ଦ୍ର ମୁର୍ମୁ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କରେ ଏକଜିକ୍ୟୁଟିଭ୍ ଡାଇରେକ୍ଟର ଭାବରେ କାର୍ଯ୍ୟରତ । ସଂପ୍ରତି ଆର୍‌ବିଆଇରେ ଡେପୁଟୀ ଗଭର୍ଣ୍ଣର ଭାବେ ନାଗେଶ୍ୱର ରାଓ, ଟି. ରବିଶଙ୍କର, ସ୍ୱାମୀନାଥନ ଜେ. ଏବଂ ପୁନମ୍ ଗୁପ୍ତା କାର୍ଯ୍ୟରତ । ବେତନଟୀର ବିଶିଷ୍ଟ ଅର୍ଥନୀତିଜ୍ଞ ଦୀପକ ମିଶ୍ରଙ୍କ ଧର୍ମପତ୍ନୀ ପୁନମ ଗୁପ୍ତା ଚଳିତବର୍ଷ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶିରୀଶ ଆସନ୍ତା ୯ ତାରିଖରେ ଡେପୁଟୀ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି । ମୟୂରଭଞ୍ଜ ଜିଲ୍ଲା ବେତନଟୀର ଦୁଇଦୁଇ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭଳି ମର୍ଯ୍ୟାଦାଜନକ ପଦବୀରେ ଅବସ୍ଥାପିତ ହେବା ସମଗ୍ର ଓଡ଼ିଶା ଏବଂ ମୟୂରଭଞ୍ଜ ପାଇଁ ଗର୍ବ ଏବଂ ଗୌରବ ଆଣିଦେଇଛି ।

## ପୃଥକ୍ ଦୁର୍ଘଟଣାରେ ୨୦ ଆହତ, ୨ ଗୁରୁତର





ମୋହନା, ୨୯।୯ (ସମିସ): ଗଜପତି ଜିଲ୍ଲା ଅଡ଼ବା ଓ ଆର୍. ଉଦୟଗିରି ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୨୦ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣଙ୍କ ଅବସ୍ଥା

■ ପିଡିଏସ ଚାଉଳ ଆଣିବାକୁ ଯାଇ ଓଲଟିଲା ଟ୍ରାକ୍ଟର
■ ଗୋରୁ ବୋଝେଇ ପିକଅପ୍-ଅଟୋ ମୁହାଁମୁହିଁ

ଗୁରୁତର ରହିଛି । ଜିଲ୍ଲାର ଅଡ଼ବା ଥାନା ଢେପାଗୁଡ଼ା ଘାଟିରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଏଥିରେ ୧୫ଜଣ ବ୍ୟକ୍ତି ଆହତ ହୋଇଛନ୍ତି । ସୂଚନା ମୁତାବକ ଗରଡ଼ମା ପଞ୍ଚାୟତ କାର୍ଯ୍ୟାଳୟରୁ ରାସନ ଚାଉଳ ନେଇ ପାଖାପାଖି ୨୦ଜଣ ହିତାଧିକାରୀ ଏକ ଟ୍ରାକ୍ଟର ଯୋଗେ ଗମ୍ଭାରୀଗାଁ ଫେରିବା ବାଟରେ ଢେପାଗୁଡ଼ା ଘାଟିରେ ଟ୍ରାକ୍ଟର ଓଲଟି ଯାଇଥିଲା । ସମସ୍ତ ଆହତଙ୍କୁ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେହିଭଳି ଆର.ଉଦୟଗିରି ଥାନା ଚଢ଼ିଆପଦା ଗ୍ରାମ ନିକଟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି । ଘଟଣାସ୍ଥଳରୁ ପିକ୍‌ଅପ୍ ଚାଳକ ଫେରାର୍ ହୋଇଯାଇଥିବା ବେଳେ ଦୁର୍ଘଟଣାରେ ଅଟୋରେ ବସିଥିବା ପାଞ୍ଚଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କୁ ଆର୍. ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି । ଘଟଣାସ୍ଥଳରେ ଆର. ଉଦୟଗିରି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।


**AFFIDAVIT**

I, NAKAFODI OJHA AT/PO- INDIPUR, PS- SADAR, DHENKANAL- 759025, ODISHA DECLARE BY THIS AFFIDAVIT NO- 1852, DATE- 24. 09.2025. THAT NOW ONWARDS, I SHALL BE KNOWN AS **NAKAPHODI OJHA** FOR ALL FUTURE PURPOSES.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
Tender Wizard

e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.

Auction No's
1) ASL/MCL/DISPOSAL/25-26/05 Auction Date: 08-10-2025
2) ASL/MCL/DISPOSAL/ 25-26/06 Auction Date: 09-10-2025
3) ASL/MCL/DISPOSAL/ 25-26/07 Auction Date: 09-10-2025
4) ASL/MCL/DISPOSAL/25-26/08 Auction Date: 10-10-2025

For further information, contact Helpdesk at the above address. Refer Sale notice for further details.

**AFFIDAVIT**

By virtue of an affidavit CF No.121, dtd.25.09.2025 before the Executive Magistrate, Bhubaneswar, I, Ranjeeta Sahoo, W/o- Chitta Ranjan Sahoo, resident of Bhubaneswar, declare that in my daughter Bishnupriya Sahoo's school records my name has been wrongly mentioned as Ranjita Sahoo instead of Ranjeeta Sahoo. Both names refer to the same person i.e., myself. Hence, my correct name is **Ranjeeta Sahoo** for all future purposes.
Sd/-Ranjeeta Sahoo

**AFFIDAVIT**

I, Prasant Kumar Samantaray S/o -Benudhar Samantaray, Resident of Village -PDN Horizon, Flat No-107, PO/PS - Khandagiri, Dist - Khurdha, Odisha, declare by this affidavit No.26 dtd 13.08.2025 that now onwards I shall be known as **PRASANTA KUMAR SAMANTARAY** for all future purposes.

**AFFIDAVIT**

By an affidavit Before the Notary, Cuttack on Dt.29.09.2025 I, **Tapan Kumar Maulik,** S/o.: Late Birendra Nath Maulik, aged about 56 years, At: Netaji Nagar, PO.: Tulsipur, Dist.: Cuttack-753008 declare that in my actual name is Tapan Kumar Maulik which has been written in my aadhar card but my name which has been written in my Passport bearing No.: N0330673 as Tapan Maulik. Tapan Kumar Maulik and Tapan Maulik is one and same person. I shall be known as **Tapan Kumar Maulik** for all future purposes. That the facts stated above are true to the best of my knowledge and belief.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I, PRABHA VATI SHARMA, D/O- Rampukar Sharma, W/O- Shiv Shakti Sharma, resident of At- Plot No. 64/1631, Shree Kshetra Nagar, Kesura, PO- Bankual, PS- Saheednagar, Bhubaneswar, Dist.- Khordha, Odisha, Pin- 751002, declare by this affidavit No.15AA274132 dated 22.09.2025 that now onwards I shall be known as **PRABHAWATI SHARMA** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 25.09.2025, I Dalimbo Bhatra, W/o- Late. Padman Bhatra, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063, declare that I have changed the name of my Daughter from **BINATI BHATRA** to **JAMUNA BHATRA**. Henceforth, she shall be known as **JAMUNA BHATRA** for all purposes.
Sd/- Dalimbo Bhatra

**AFFIDAVIT**

By virtue of an affidavit sworn before the Sub-Divisional Magistrate/Assistant Collector/ Sub Collector, Nabarangpur, dated. 26.09.2025, I Namita Mohanty, W/o- Patnala Danteswar Achary, at- Hanuman Nagar, Back side Ram Mandir Nabarangpur, Post/Ps./Dist.- Nabarangpur, declare that, I have changed the name of my daughter from **P.Kiran Mohi** to **Patanala Kiran Mahi Achary**. Henceforth, she shall be known as **Patanala Kiran Mahi Achary** for all purposes.
Sd/- Dalimbo Bhatra

**AFFIDAVIT**

I, Pritendu Satapathy, S/o- Lingaraj Satapathy , resident of At- Achyutapur, Po- Garhrupas,Ps-Konark, Dist- Puri, Pin- 752111, Odisha declared by this affidavit No.795, dtd- 29/09/2025 that now onwards I shall be known as **PRITINDU SATAPATHY** for all future purposes.

**IN THE COURT OF SRI S.K.DEO, ESTATE OFFICER UNDER THE PUBLIC PREMISES (EVICTION OF UNAUTHORISED OCCUPANTS) ACT, 1971, TOWN SERVICES BUILDING, SECTOR-2, ROURKELA-6.**
**P.P.Case No-300001/2020**

**FORM C**

**Notice under sub-section (1) of Section 6 of the Public Premises (Eviction of Unauthorised Occupants) Act, 1971**

Steel Authority of India Limited,
Rourkela Steel Plant,
Rourkela. ............ Applicant Company

-Vrs-

The General Secretary,
Adarsha Pathagara (Bhanja Bhawan),
Sector 5, P.S. Sector 7, P.O. Rourkela – 2,
Dist.: Sundargarh. ............ Opp. party

Whereas on 12.09.2025 you were evicted from the public premises described in the Schedule below which was unauthorisedly occupied by you;

Now further to the notice dated 15.09.2025, and in exercise of the powers conferred on me by sub-section (1) of Section 6 of the Act, I hereby give you notice that after fourteen days of publication of this notice in this newspaper, the property (materials) remaining on the said premises will be liable to be removed or disposed of by public auction or to be acquired by the Applicant Company to realize arrears of rent/damages/ costs due from the Opp. Party. In case you desire to take possession of your property (materials) and to remove the same from the said premises, you will be permitted to do so on written authority from the undersigned provided the arrears of rent/damages/ costs due from you are paid within the said period of fourteen days. The detailed seizure list has been sent to you by speed post to your last known postal address. Nevertheless, if you desire, you can collect the seizure list as well as arrears of rent/damages/costs due from you from office of the undersigned within the stipulated period.

**Schedule**

In the District of Sundargarh, Sub Division and Munsif: Panposh at Uditnagar in the Industrial Township of Adarsha Pathagara(Bhanja Bhawan), Sector-5, P.S. Sector-7, P.O. Rourkela-2, Dist.: Sundargarh with fittings and fixtures and along with electrical installations.

Date: 27.09.2025

Sd/- Signature and seal of the Estate Officer

Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 2409/P&S/2025-26 Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | **Glow Sign Board:** Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.





## ରୌପ୍ୟ ନଗରୀରେ ଷୋଡ଼ଶ ଉପଚାର ପୂଜା







କଟକ ଚଣ୍ଡୀଙ୍କ ମହାକାଳୀ ବେଶ, ଗଡ଼ଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ, ଝାଞ୍ଜିରୀମଙ୍ଗଳାଙ୍କ ମହାଲକ୍ଷ୍ମୀ ବେଶ, ବାସନ୍ତୀ ଦୁର୍ଗାଙ୍କ ଜଗଦ୍ଧାତ୍ରୀ ବେଶ, ଧାକୁଲେଇଙ୍କ ମହାକାଳୀ ବେଶ

# ମଣ୍ଡପରେ ଝଲସୁଛି ୫୦ କୋଟି

ଭୁବନେଶ୍ୱର, ୨୯।୯ (ସମିସ): ରାତି ପାହିଲେ ମା'ଙ୍କ ମହାଷ୍ଟମୀ ପୂଜା। ଏଥିପାଇଁ ଚିକିମିକି ଆଲୁଅରେ ଝଲସୁଛି ରାଜଧାନୀ ରାସ୍ତାଘାଟ। ତା ସାଙ୍ଗକୁ ଲୋକଙ୍କ କୋଳାହଳ ଓ ବିଭିନ୍ନ ସ୍ଥାନରେ ଉଠାଦୋକାନୀଙ୍କ ସମାଗମ ପାର୍ବଣର ବେଶ୍ ଅନୁଭବ ଦେଉଛି। ତେବେ ପ୍ରତିବର୍ଷ ରାଜଧାନୀର ବିଭିନ୍ନ ପୂଜାମଣ୍ଡପରେ ଭଳି କି ଭଳି ତୋରଣ ପ୍ରସ୍ତୁତ କରି ମଣ୍ଡପ ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା କରାଯାଉଥିବା ଦେଖିବାକୁ ମିଳିଛି। ସେହିପରି ତୋରଣ ନିର୍ମାଣ, ମଣ୍ଡପ ସାଜସଜ୍ଜା ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି ବିଭିନ୍ନ ପୂଜା କମିଟି।

ତେବେ ଭୁବନେଶ୍ୱରରେ ବହୁ ପୁରାତନ ପୂଜା କମିଟି ସହ ନୂତନ ଭାବେ ଗଢ଼ି ଉଠିଥିବା ପୂଜା ମଣ୍ଡପ ସଂଖ୍ୟା ଚଳିତ ବର୍ଷ ୧୮୬ରେ ପହଞ୍ଚିଛି। ପ୍ରତ୍ୟେକ ମଣ୍ଡପରେ ସର୍ବନିମ୍ନ ୧୦ଲକ୍ଷ ଟଙ୍କ ଖର୍ଚ୍ଚ ହେଉଥିବା ବେଳେ ଅଧିକାଂଶ ମଣ୍ଡପରେ ବଜେଟ୍ ୩୫ରୁ ୪୫ ଲକ୍ଷ ଟଙ୍କା ରହିଛି। ତେବେ ଛୋଟବଡ଼ ମଣ୍ଡପକୁ ମିଶାଇଲେ ପ୍ରାୟ ୫୦କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି।

ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତ ବର୍ଷ ୮୦ ଫୁଟ ଉଚ୍ଚତା ଏବଂ ୧୧୦ ଫୁଟ ଚଉଡ଼ା ବିଶିଷ୍ଟ ଚୀନ୍‌ର ମୟୂର ପ୍ୟାଲେସ୍ ସଦୃଶ ତୋରଣ ନିର୍ମାଣ କରାଯାଉଛି। ଚଳିତ ବର୍ଷ କମିଟି ପକ୍ଷରୁ ୬୨ତମ ପୂଜା ପାଳନ ହେଉଥିବାରୁ ପୂଜା ବଜେଟ୍ ପ୍ରାୟ ୫୦ ରୁ ୬୦ଲକ୍ଷ ରହିଥିବା କମିଟି ପକ୍ଷରୁ କୁହାଯାଇଛି।

ଚଳିତ ବର୍ଷ ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି ପକ୍ଷରୁ ଉତ୍ତରାଖଣ୍ଡ ଗୁମ୍ଫା ତୋରଣ ନିର୍ମାଣ କରାଯାଇଥିବା ବେଳେ ଏହାର ଉଚ୍ଚତା ୮୫ଫୁଟ ଏବଂ ୧୩୦ ଚଉଡ଼ା ରହିଛି। ଏହି ପୂଜାମଣ୍ଡପରେ ଚଳିତ ବର୍ଷ

**■ ମୂର୍ତ୍ତି ଓ ମଣ୍ଡପରେ ଲାଗିଛି ପ୍ରତିଯୋଗିତା**
**■ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି ପୂଜା ବଜେଟ୍**

ପୂଜାର ବଜେଟ୍ ୩୦ରୁ ୩୫ ଲକ୍ଷ ଟଙ୍କା ରଖାଯାଇଥିବା ସୂଚନା ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ହେଉଥିବା ସତ୍ତ୍ୱେ ଅନେକ ତନ୍ତ୍ର ସାଧନାକୁ ଗୁରୁତ୍ୱ ଦେଉଥିବାର ଏ ନେଇ ସଚେତନତାର ବାର୍ତ୍ତା ଦେଉଛି ଷ୍ଟେସନ୍ ବଜାର ପୂଜା କମିଟି। ଅନ୍ଧବିଶ୍ୱାସର ଚିତ୍ର ସାଙ୍ଗକୁ ଭୁବନେଶ୍ୱର ସିଟିକୁ ଆକାଶମାର୍ଗରୁ ଦେଖିଲା ଭଳି ଦୃଶ୍ୟ ଏହି ମଣ୍ଡପରେ ଚଳିତ ବର୍ଷର ଆକର୍ଷଣ ପାଲଟିଛି। ତେବେ ଏଠାରେ ଚଳିତ ବର୍ଷ ପୂଜା ବଜେଟ୍ ରହିଛି ୬୦ ଲକ୍ଷ ଟଙ୍କା ରହିଥିବା ବେଳେ ନୂଆପଲ୍ଲୀ ଦୁର୍ଗାପୂଜା ସମିତିର ପୂଜା ବଜେଟ୍ ରହିଛି ୩୫ଲକ୍ଷ। ଏଥର କୁଚିପୁଡ଼ି ତୋରଣ ନିମାଣ କରାଯାଇଛି। ଭାରତୀୟ ସଂସ୍କୃତିର ଏହି ଅନନ୍ୟ ଲୋକ ନୃତ୍ୟର ବିଭିନ୍ନ ଦୃଶ୍ୟକୁ ଅତି ନିକଟରୁ ଅନୁଭବ କରୁଛନ୍ତି ଦର୍ଶକ। ଡମଣା ଗୋପୀନାଥଜୀଉ ଦୁର୍ଗାପୂଜା କମିଟି ପକ୍ଷରୁ ୭୫ ଫୁଟ ଲମ୍ବ ଓ ୧୧୦ ଫୁଟ ଚଉଡ଼ା ବିଶିଷ୍ଟ ନଦିଆ ମାୟାପୁର ଇସ୍କନ ମନ୍ଦିର ତୋରଣ ଏଥରର ଶୋଭା ବର୍ଦ୍ଧନ କରିଛି। ନିଶାକର ସାହୁଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି କମିଟିର ଚଳିତ ଥର ପୂଜା ବଜେଟ୍ ରହିଛି ୪୭ ଲକ୍ଷ ଟଙ୍କା। ଏହାସହ ୪୦ବର୍ଷ ଧରି ଚାଲିଆସୁଥିବା ପଳାଶୁଣି ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତ ବର୍ଷ ମିଆଁମାରର ଗୋଲଡେନ୍ ପ୍ୟାଲେସ୍ ସଦୃଶ ତୋରଣ ଆକର୍ଷଣ ସାଜିଛି। ଏଥର ବଜେଟ୍ ରହିଛି ୪୦ଲକ୍ଷ ଟଙ୍କା ରହିଥିବା ବେଳେ ପ୍ରତିଯୋଗିତାରୁ ଦୂରରେ ରହି ସର୍ବଧର୍ମ ସମନ୍ୱୟରେ ଦୁର୍ଗାପୂଜା ଆୟୋଜନ କରି ଉଦାହରଣ ସୃଷ୍ଟି କରିଛି ରାଜଧାନୀର ଡିଷ୍ଟ୍ରିକ୍ଟ ସେଣ୍ଟର ଓନରର୍ସ ଆସୋସିଏସନ୍। ୨୦୦୮ ମସିହାରୁ ଦୁର୍ଗାପୂଜା ପାଳନ କରାଯାଉଥିବା ବେଳେ ଏଥରର ବଜେଟ୍ ରହିଛି ୧୨ଲକ୍ଷ ଟଙ୍କା।

ସେହିପରି ଭିଏସ୍ଏସ୍‌ନଗର ପୂଜା କମିଟି ପକ୍ଷରୁ ଏଥର ୪୪ଫୁଟ ଉଚ୍ଚତା ବିଶିଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସଦୃଶ ତୋରଣ ଓ ସାଜସଜ୍ଜା ସାଙ୍ଗକୁ ପୂଜା ବାବାଦକୁ ମୋଟ୍ ବଜେଟ ରହିଛି ୨୫ ଲକ୍ଷ ଟଙ୍କା। ସେହିପରି ସତ୍ୟନଗର ପୂଜା ସମିତି ପକ୍ଷରୁ ସୂର୍ଯ୍ୟ ରଥ ତୋରଣ, ଚକେଇସିଆଣି ଦୁର୍ଗାପୂଜା ସମିତି ପକ୍ଷରୁ ରାଜସ୍ଥାନ ରାଜବାଟୀ, କଟକ ରୋଡ୍ ଶ୍ରୀଶ୍ରୀ ଦୁର୍ଗାପୂଜା ସମିତି ସମିତି ପକ୍ଷରୁ ନୂଆଦିଲ୍ଲୀର ଲକ୍ଷ୍ମୀନିବାସ ସଦୃଶ ତୋରଣ, ୟୁନିଟ-୧ସ୍ଥିତ ଶ୍ରୀଶ୍ରୀ ମହାଦେବ ପୂଜା କମିଟି ପକ୍ଷରୁ କାଚ ଓ ଜରି ରେ ନିର୍ମିତ କାଞ୍ଚନିକ ତୋରଣ, ଟଙ୍କପାଣି ରୋଡ୍ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ସୋମନାଥ ମନ୍ଦିର ଆଦି ଆକର୍ଷଣୀୟ ଥିମ୍‌କୁ ନେଇ ତୋରଣ ନିର୍ମାଣ ବାବଦକୁ ଅଧିକାଂଶ ମଣ୍ଡପରେ ବଜେଟ୍ ୨୫ରୁ ୩୫ ଲକ୍ଷ ଟଙ୍କା ରହିଛି।






ଟାଙ୍ଗୀବନ୍ତ ପୂଜା ମଣ୍ଡପରେ ଶୋଭ ପାଉଛନ୍ତି ୬୨ ଫୁଟ୍‌ର ସର୍ବ ବୃହତ୍ ମୃଣ୍ମୟ ପ୍ରତିମା

## ବାପୁଜୀ ନଗର ଦୁର୍ଗା ପୀଠରେ ନବରାତ୍ର ପୂଜା

ଭୁବନେଶ୍ୱର, ୨୯।୯ (ସମିସ): ଏକାମ୍ର କ୍ଷେତ୍ର ବାପୁଜୀ ନଗର ସ୍ଥିତ ପ୍ରସିଦ୍ଧ ଶ୍ରୀ ଦୁର୍ଗା ମନ୍ଦିରରେ ଚଳିତ ବର୍ଷ ଶାରଦୀୟ ପୂଜାଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୨ ତାରିଖରୁ ଏହି ପୂଜା ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ୧୦ ଜଣ ବ୍ରାହ୍ମଣ ପଣ୍ଡିତ ମା'ଙ୍କର ବିଶେଷ ପୂଜା ଭୋଗ ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ରାଧାବଲ୍ଲଭ ସିଂହଙ୍କ ହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି। ବାପୁଜୀ ନଗରସ୍ଥିତ ୨୦ ପରିବାର ପକ୍ଷରୁ ଏହି ଅବସରରେ ନବରାତ୍ରି ପୂଜା ନିମନ୍ତେ ମନ୍ଦିର ଟ୍ରଷ୍ଟିର ବରିଷ୍ଠ ସଦସ୍ୟ ଦୁଷ୍ମନ୍ତ ସାହୁ, ସୁର କିଶୋର ମହାନ୍ତି, ସୂର୍ଯ୍ୟ ସୁନ୍ଦର ସେନଗୁପ୍ତ, ମୀନ କେତନ ଜେନା, ବିଶ୍ୱଜିତ ମିତ୍ର, ନିରଞ୍ଜନ ସାମନ୍ତରା ପ୍ରମୁଖ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।



**ମା'ଦୁର୍ଗାଙ୍କ ମହାସପ୍ତମୀ ପୂଜା**

# ପୂଜାମଣ୍ଡପରେ ଦୁର୍ଗତିନାଶିନୀଙ୍କ ପୂଜାର୍ଚ୍ଚନା

ଧଉଳି, ୨୯।୯ (ସମିସ): ଭୁବନେଶ୍ୱର ଉପକଣ୍ଠ ବାଲକାଟି ଓ ଏହାର ଆଖପାଖ ଅଞ୍ଚଳରେ ଆଜି ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ମହାଆଡ଼ମ୍ବରରେ ବିଧି ମୁତାବକ ପାଳନ କରାଯାଇଛି। ବାଲକାଟି, ରଙ୍ଗବଜାର, ବୁଦ୍ଧିପଡ଼ା, ଉତ୍ତରା ଓ ବାଙ୍କୁଆଳ ଦୁର୍ଗାପୂଜା କମିଟି ପକ୍ଷରୁ ଗତ ରବିବାର ସଂଧ୍ୟାରେ ମା'ଙ୍କ ପୂଜା ଆରମ୍ଭ କରାଯାଇଥିଲା। ଏଥିରେ ଶ୍ରଦ୍ଧାଳୁ ଭକ୍ତମାନେ ହାତରେ କଳସୀ ଧରି ପୂଣ୍ୟତୋୟା ନିକଟସ୍ଥ ନଦୀରୁ ଜଳ ଆଣିଥିଲେ। ପରେ ଜଗତଜନନ' ମା'ଙ୍କ ବେଲବରଣୀ କରାଯାଇ ସ୍ରୋତୀୟ ବ୍ରାହ୍ମଣଙ୍କ ବେଦମନ୍ତ୍ରରେ ଯଥା ରିତୀନିତା ଅନୁସାରେ ଦେବୀ ଦୁର୍ଗାଙ୍କୁ ଆବାହନ କରାଯାଇଥିଲା ଓ ମା' ଦୁର୍ଗାଙ୍କ ମେଢ ବେଶ୍ ସୌନ୍ଦର୍ଯ୍ୟ ହୋଇଥିବାବେଳେ ରଙ୍ଗବେରଙ୍ଗର ଆଲୋକମାଳାରେ ସଜେଇ ହୋଇଛି ପୂଜାମଣ୍ଡପ। ଆଜି ସକାଳୁ ସକାଳୁ ଶ୍ରଦ୍ଧାଳୁ ରକ୍ତ ମା'ଙ୍କୁ ଦର୍ଶନ କରିବାସହ ହାତରେ ଫୁଲ ଫଳ ନେଇ ପୂଜାର୍ଜନା କରିଥିଲେ।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମା'ଙ୍କ ପାର୍ଶ୍ୱଦେବତା ଭାବେ ବିଘ୍ନରାଜ ଶ୍ରୀ ଗଣେଶ, ମା' ଲକ୍ଷ୍ମୀ, ମା' ସରସ୍ୱତୀଙ୍କ ମୂର୍ତି ପୂଜାର୍ଜନା କରାଯାଉଛି। ସେହିପରି ଶିଶୁପାଳଗଡ଼, ନୂଆଗାଁ, ଜୟପୁର, ଆଦି ଗ୍ରାମରେ ମା'ଙ୍କ ପୂଜା ଯଥା ରୀତି ନୀତି ଅନୁସାରେ ପାଳିତ ହୋଇଯାଇଛି। ଏହିସବୁ ମଣ୍ଡପ ମାନଙ୍କରେ କମିଟି ସଦସ୍ୟ ମାନେ ସୁଚାରୁରୂପେ ପରିଚାଳନା କରୁଥିବା ବେଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ସନ୍ଦେହରେ କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ମୂତୟନ କରାଯାଇଛି।




# ୪୦ ବର୍ଷ ହେଲା ରାବଣ ଦେଇଛି ରୋଜଗାର

ଭୁବନେଶ୍ୱର, ୨୯।୯ (ସମିସ): ରାବଣକୁ ଏକ ନକରାତ୍ମକ ଭାବେ ବିବେଚନା କରାଯାଏ। କିନ୍ତୁ ସେ ରାବଣ ପୋଡ଼ି ଯେ ଅନେକଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ରାବଣ ପ୍ରତିକୃତି ନିର୍ମାଣ କରି ଭୁବନେଶ୍ୱରରେ ପରିବାର ପ୍ରତିପୋଷଣ କରିବାସହ ଆଉ ୮ଟି ପରିବାର ପାଇଁ ଆୟର ବାଟ ଖୋଲିଛନ୍ତି ପୁରୁଣା ଭୁବନେଶ୍ୱରର ଜଣେ ମହିଳା। ରାଜଧାନୀ ହେଉ ବା ରାଜ୍ୟର ଅନ୍ୟ ଅଞ୍ଚଳରେ ରାବଣପୋଡ଼ି ପାଇଁ ପ୍ରସ୍ତୁତି ଜୋର୍‌ଦାର୍ ଚାଲିଥିବା ବେଳେ ଏହି ରାବଣଗୁଡ଼ିକ ପ୍ରତିକୃତି ନିର୍ମାଣରେ ଲାଗିଛନ୍ତି କାରିଗର। କାର୍ଡବୋର୍ଡ, ଅଠା, କାଗଜ ଓ ରଙ୍ଗରେ ଏହି ପ୍ରତିକୃତି ଦୀର୍ଘ ୪୦ ବର୍ଷ ଧରି ନିର୍ମାଣ କରି ଆସୁଛନ୍ତି ରାଜଧାନୀ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଶୋଭରାଣୀ ମହାପାତ୍ରଙ୍କ ପରିବାର। ତାଙ୍କ ତାଙ୍କ ସ୍ୱାମୀଙ୍କ ସମେତ ଝିଅ ଏଥିରେ ସହଯୋଗ କରୁଛନ୍ତି। ଏଥି ସହିତ ରାବଣ ନିର୍ମାଣ ପୂର୍ବରୁ ୭ରୁ ୮ ଜଣ ବାହାର କାରିଗରକୁ ଏହି କାମରେ ନିୟୋଜିତ କରି ଆସୁଛନ୍ତି ଶୋଭାରାଣୀ।

**■ ଏଥର ୮ ରାବଣ ତିଆରି କରୁଛନ୍ତି ଶୋଭାରାଣୀ**
**■ ରାବଣର ଉଚ୍ଚତା ବଢ଼ିଲେ ଆୟ ବଢ଼େ**



ଏଥର ବରମୁଣ୍ଡା, ନହରକଣ୍ଟା, ବଙ୍କୁଆଳ, ଜଟଣୀ, ନାଲକୋନଗର (ଅନୁଗୁଳ), ଖୋର୍ଦ୍ଧା ହଳଦିଆ ଅଞ୍ଚଳକୁ ମିଶାଇ ମୋଟ ୮ଟି ରାବଣ ମୂର୍ତ୍ତି ନିର୍ମାଣ କରୁଛନ୍ତି ଶୋଭାରାଣୀ ଏବଂ ତାଙ୍କ ପରିବାର। ଏଥର ବରମୁଣ୍ଡା ପାଇଁ ୮୦ ଫୁଟ୍ ଉଚ୍ଚତାର ପ୍ରତିକୃତି ନିର୍ମାଣ ଚାଲିଥିବା ବେଳେ ଅନ୍ୟ ଅଞ୍ଚଳରେ ୩ରୁ ୭୦ ଫୁଟ୍‌ର ରାବଣ ପ୍ରତିକୃତି ନିର୍ମାଣ କରାଯାଉଛି।

ଏଥିପାଇଁ ଦୁଇମାସ ଆଗରୁ କାର୍ଯ୍ୟରେ ଲାଗିପଡ଼ିଛନ୍ତି ଶୋଭାରାଣୀଙ୍କ ପରିବାର। ପାରିଶ୍ରମିକ କହିଲେ ପ୍ରତି ଫୁଟ୍ ପ୍ରତିକୃତି ପାଇଁ ହଜାରେ ଟଙ୍କା ଲେଖାଏ ନେଇଥାନ୍ତି। ଏହିଭଳି ଗୋଟିଏ ଗୋଟିଏ ଦୁର୍ଗାପୂଜାରେ ୪ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କଲେ ମଧ କାରିଗରଙ୍କୁ ଦେୟ ଦେବା ପରେ ଆଶାଜନକ ଭାବେ ଲାଭ ମିଳେନାହିଁ ବୋଲି କୁହନ୍ତି ଶୋଭରାଣୀ। କିନ୍ତୁ ଗୋଟିଏ କଳା ସଂସ୍କୃତି ବଞ୍ଚାଇ ରଖିବା ଏବଂ ପରମ୍ପରା ବଜାର ରଖିବା ପାଇଁ ଦୀର୍ଘ ୪୦ ବର୍ଷ ଧରି ଏଭଳି କରି ଆସୁଛନ୍ତି ବୋଲି କୁହନ୍ତି ସେ।



# କାମ କରୁନି ସିସିଟିଭି; ଅସୁରକ୍ଷିତ ଲଜ୍, ହୋଟେଲ୍

**ରାଜଧାନୀରେ ଖୋଲିଛି ମାଲମାଲ ବେଆଇନ ଲଜ୍**

**ବୁକିଂ ସଂକ୍ରାନ୍ତରେ ନିୟମିତ ପୁଲିସକୁ କରାଯାଉନି ଅବଗତ**



ଭୁବନେଶ୍ୱର, ୨୯।୯ (ସମିସ): କଳେବର ବୃଦ୍ଧି ସାଙ୍ଗକୁ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜଧାନୀରେ ଗଢ଼ିଉଠିଛି ମାଳମାଳ ହୋଟେଲ୍ ଏବଂ ଲଜ୍। ଏଥିସହିତ ଓୟୋ ହୋଟେଲ ସଂଖ୍ୟା ମଧ୍ୟ ସହର ସମେତ ଉପକଣ୍ଠରେ ଗଢ଼ି ଉଠିଛି। ଏଭଳିସ୍ଥଳେ କମିସନରେଟ୍ ପୁଲିସ ପକ୍ଷରୁ ପ୍ରତ୍ୟେକ ହୋଟେଲ୍ ଏବଂ ଲଜ୍‌ରେ ସିସିଟିଭି ବାଧ୍ୟତାମୂଳକ କରାଯାଇଛି। ସେହିଭଳି ସରାଇ ଆପ୍ ମାଧ୍ୟମରେ ହୋଟେଲ୍‌କୁ ଆସୁଥିବା ଆଗନ୍ତୁକଙ୍କ ସମ୍ପର୍କରେ ଦୈନିକ ସୂଚନା ଅପ୍‌ଲୋଡ୍ କରିବାର ବ୍ୟବସ୍ଥା ରହିଛି। କିନ୍ତୁ କମିସନରେଟ୍ ପୁଲିସର ଏହି ନିୟମକୁ ଉଲ୍ଲଙ୍ଘନ କରି ବିଭିନ୍ନ ହୋଟେଲ୍ ଏବଂ ଲଜ୍‌ଗୁଡ଼ିକରେ ସିସିଟିଭି ଲଗାଯାଇନାହିଁ। ଫଳରେ ଏସବୁ ହୋଟେଲ ଏବଂ ଲଜ୍‌ରେ ବିଭିନ୍ନ ଅପରାଧମୂଳକ କାଣ୍ଡ ଘଟୁଥିଲେ ମଧ୍ୟ ପ୍ରକୃତ ଅଭିଯୁକ୍ତକୁ ଧରିବା କାଠିକର ପାଠ ହୋଇପଡୁଛି। ଅନେକ କ୍ଷେତ୍ରରେ ଅପରାଧୀମାନେ ସହଜରେ ଖସି ଯାଉଛନ୍ତି।

ଗତ ଦୁଇଦିନ ତଳେ ରାଜଧାନୀର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏବେ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। କିଛି ଯୁବକ ବଡ ଚ୍ୟାନେଲ୍‌ରେ ଗୀତ ଗାଇବାର ସୁଯୋଗ ଦେବେ ବୋଲି କହି ଅଡିସନ ପାଇଁ ଜଣେ କଣ୍ଠଶିଳ୍ପୀଙ୍କୁ ଏକ ଓୟୋ ହୋଟେଲକୁ ଡାକିଥିଲେ। ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଓୟୋରେ ଯୁବତୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଗଣଦୁଷ୍କର୍ମ କରିଥିବା ଜଣାପଡ଼ିଛି। ଏମିତି କି ପ୍ରମାଣ ନଷ୍ଟ ପାଇଁ ସିସିଟିଭି କ୍ୟାମେରା ନ ଥିବା ଏକ ନିର୍ଦ୍ଦିଷ୍ଟ ଭାବେ ଏହି ଓୟୋକୁ ଆସିଥିବା ଜଣାପଡ଼ିଛି। ସେମାନେ ଯୁବତୀଙ୍କୁ ମୃଦୁ ପାନୀୟ ଦେଇ ଦୁଷ୍କର୍ମ କରିଥିବା ପୁଲିସ ଜାଣିବାକୁ ପାଇଛି। ଏ ନେଇ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ସିସିଟିଭି ନ ଥିବାରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇପଡ଼ିଥିଲା। କେବଳ ଏହି ଗୋଟିଏ ହୋଟେଲ୍ ନୁହେଁ ରାଜଧାନୀରେ ବିଭିନ୍ନ ହୋଟେଲ୍ ଏବଂ ଲଜ୍‌ରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ହୋଟେଲ୍‌ଗୁଡ଼ିକରେ ସିସିଟିଭି ନ ଥିବା ବେଳେ ସୁରକ୍ଷା କର୍ମୀ ମଧ୍ୟ ନାହାନ୍ତି। ଏଥି ସହିତ ରାଜଧାନୀରେ ବିଭିନ୍ନ ହୋଟେଲ୍ ଏବଂ ଲଜ୍‌ର ଗୋଟିଏ ଗୋଟିଏ ରୁମ୍‌ରେ ଦଳ ଦଳ ହୋଇ ରହୁଛନ୍ତି। ଯଦିବା ଜଣଙ୍କ ନାମରେ କିମ୍ବା ଦୁଇଜଣଙ୍କ ନାମରେ ହୋଟେଲ୍ ବୁକ୍ କରୁଛନ୍ତି ୪ରୁ ୫ ଜଣ ଯୁବକ ଜଣେ ଜଣେ ଯୁବତୀଙ୍କ ସହ ରହୁଛନ୍ତି। ଫଳରେ ସେଠାରେ ସଂଗଠିତ ଭାବେ ଅପରାଧ ଘଟୁଥିବା କୁହାଯାଉଛି। ଓୟୋ ହୋଟେଲ୍‌କୁ ଛାଡ଼ିଲେ ଅନେକ ହୋଟେଲରେ ଅଧିକ ଟଙ୍କା ଦେଇ ରୁମ୍ ବୁକ୍ କରୁଛନ୍ତି ଏବଂ ମଦ୍ୟପାନଠାରୁ ଆରମ୍ଭ କରି ନିଶା କରବାର ମଧ୍ୟ ହେଉଥିବା ଅଭିଯୋଗ ହେଉଛି।

କେବଳ ରାଜଧାନୀ ନୁହେଁ ରାଜଧାନୀ ଉପକଣ୍ଠରେ ମଧ୍ୟ ଏଭଳି ଅଧିକାଂଶ କାରନାମା ହେଉଥିବା ବେଳେ ପୁଲିସ ପରବର୍ତ୍ତୀ ସମୟରେ କୌଣସି ପ୍ରମାଣ ନ ପାଇବାରୁ ଅଭିଯୁକ୍ତ ସହଜରେ ଖସି ଯାଉଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଅନେକ କ୍ଷେତ୍ରରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ସେଗୁଡ଼ିକ କାମ କରୁନାହିଁ। ଫଳରେ ବିଭିନ୍ନ କାଣ୍ଡ କାରନାମା ସମ୍ପର୍କରେ ପୁଲିସ ଜାଣିବା ସହଜ ହେଉନାହିଁ। କେତେକ କ୍ଷେତ୍ରରେ ପୁଲିସ ପହଞ୍ଚି ସିସିଟିଭି ହାର୍ଡଡିସ୍କ ଜବତ କରିବା ବେଳକୁ ହାର୍ଡଡିସ୍କ ଖରାପ ଯୋଗୁଁ ସେଥିରୁ କୌଣସି ସୂଚନା ମିଳିପାରୁ ନାହିଁ। ଏହାର ସୁଯୋଗ ନେଇ ଅପରାଧୀମାନେ ରାଜଧାନୀର ଏଭଳି କିଛି ସିସିଟିଭି ନ ଥିବା ହୋଟେଲ୍‌ରେ ମାର୍‌ପିଟ୍‌ଠାରୁ ଆରମ୍ଭ କରି ଲୁଟ୍‌ପାଟ ତଥା ବିଭିନ୍ନ ଅନୈତିକ କାମ ପାଇଁ ଏଭଳି ହୋଟେଲ୍ ଏବଂ ଲଜ୍‌କୁ ବାଛୁଛନ୍ତି। ସବୁଠାରୁ ବଡ଼କଥା ହେଉଛି ପ୍ରତ୍ୟେକ ଦିନ ହୋଟେଲ୍ ଏବଂ ଲଜ୍‌କୁ କେତେ ଲୋକେ ଆସିଲେ ଏବଂ କେଉଁଠାରୁ ଆସିଲେ ସେ ନେଇ କମିସନରେଟ୍ ପୁଲିସକୁ ସୂଚନା ଦେବାର ନିୟମ ରହିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ହୋଟେଲ୍ ଏବଂ ଲଜ୍ ମାଲିକ ଏ ନେଇ ପୁଲିସକୁ ଜଣାଉ ନାହାନ୍ତି। ଯାହା ପରବର୍ତ୍ତୀ ସମୟରେ ପୁଲିସ ପାଇଁ ଅଡୁଆ ସୃଷ୍ଟି କରୁଛି। ଏ ସବୁ ସମ୍ପର୍କରେ ପୁଲିସ ଟିମ୍ ନିୟମିତ ଯାଞ୍ଚ କରିବାର ନିୟମ ରହିଥିଲେ ମଧ୍ୟ କମିସନରେଟ୍ ପୁଲିସ ପକ୍ଷରୁ ସେଭଳି କରାଯାଉ ନ ଥିବା ଅଭିଯୋଗ ହେଉଛି।

## ଅକ୍ଟୋବର-୨ ଯାଏ ବଢ଼ିଲା କଟନ ଫାବ୍ ବସ୍ତ୍ରମେଳା




ଭୁବନେଶ୍ୱର, ୨୯।୯ (ସମିସ): ଦୁର୍ଗାପୂଜା ଓ ଗ୍ରାହକଙ୍କ ଭିଡ଼କୁ ଲକ୍ଷ୍ୟ କରି ଭୁବନେଶ୍ୱରରେ ଆୟୋଜିତ କଟନ୍ ଫାବ୍ ବସ୍ତ୍ରମେଳାକୁ ଆହୁରି ୪ ଦିନ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଭୁବନେଶ୍ୱର ୟୁନିଟ୍ -୩ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଏହି ମେଳା ଆସନ୍ତା ୨ ତାରିଖ ଯାଏ ଚାଲିବ ବୋଲି କଟନ ଫାବ୍ ପକ୍ଷରୁ କୁହାଯାଇଛି।

ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୁଣାକାର ଏବଂ ହସ୍ତତନ୍ତ ବିକ୍ରେତାମାନେ ଗୋଟିଏ ଛାତ ତଳେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଏଠାରେ ବିକ୍ରି କରୁଛନ୍ତି। ଏଥିରେ ସୂତା ତିଆରି ବସ୍ତ୍ର ଓ ରେଡିମେଡ୍ ଗାର୍ମେଣ୍ଟ ଉପଲବ୍ଧ ରହିଛି। ଆୟୋଜକଙ୍କ ସୂଚନା ଅନୁସାରେ ଏହା ହେଉଛି ୧୪ ତମ କଟନ୍ ଫାବ୍ ମେଳା। ଅର୍ଥାତ୍ ଭୁବନେଶ୍ୱରର ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ମେଳା ଗଲା ୧୪ ବର୍ଷ ହେଲା ଆୟୋଜନ କରାଯାଉଛି। ଗ୍ରାହକଙ୍କ ବିଶ୍ୱାସ ଓ ଆସ୍ଥା ଏହି ଆୟୋଜନକୁ ପ୍ରତି ବର୍ଷ ଅଧିକରୁ ଅଧିକ ଆକର୍ଷିତ କରି ଆସୁଛି ବୋଲି କଟନ ଫାବ୍ ଆୟୋଜକ ଅଓଧ ହସ୍ତଶିଳ୍ପ ଏବଂ ଗ୍ରାମୋଦ୍ୟୋଗ ସମିତି ପକ୍ଷରୁ କୁହାଯାଇଛି।

ଏହି ମେଳାରେ ୧୨ଟି ରାଜ୍ୟର କାରିଗର, ବୁଣାକାର ଓ ବିକ୍ରେତା ସେମାନଙ୍କ ଉତ୍ପାଦ ବିକ୍ରି ନିମନ୍ତେ ଆଣିଛନ୍ତି। ଆଗ୍ରହୀ ଗ୍ରାହକମାନେ ଗୋଟିଏ ଛାତ ତଳେ ଏହି ସାମଗ୍ରୀସବୁ ଥିବା ଷ୍ଟଲ ମାନଙ୍କରେ ସମ୍ପୃକ୍ତ ଉତ୍ପାଦ ବିଷୟରେ କାରିଗର ଓ ବିକ୍ରେତାଙ୍କଠାରୁ ବୁଝିବା ସହ ଚାହିଁଲେ ତାହାକୁ କିଣିପାରିବେ। ସୁଲଭ ଦରରେ ମଧ୍ୟ ଏହି ଉତ୍ପାଦସବୁ ଉପଲବ୍ଧ ରହିଛି।

## ଧଉଳି ପରିଦର୍ଶନରେ କେନ୍ଦ୍ରମନ୍ତ୍ରୀ



ଧଉଳି, ୨୯।୯ (ସମିସ): ଭୁବନେଶ୍ୱର ଉପକଣ୍ଠସ୍ଥ ଶାନ୍ତିସ୍ତୂପ ଧଉଳି ବୁଲିବା ସହ ଏହାର ଶୋଭା ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋମବାର ସକାଳ ୮ ଟାରେ ଶ୍ରୀ ପ୍ରଧାନ ପହଞ୍ଚିବା ପରେ ଏକାମ୍ର ବିଧାୟକ ବାବୁ ସିଂ, ଧଉଳି ସରପଞ୍ଚ ଚନ୍ଦନ କୁମାର ମଲ୍ଲିକ ଉପଢୌକନ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସେଠାରୁ ସେ ବିଜେପି କର୍ମୀଙ୍କ ସହ ଚାଲି ଚାଲି ସ୍ତୂପ ଉପରକୁ ଯାଇଥିଲେ। ସେଠାରେ ସ୍ତୁପ ଚତୁଃପାର୍ଶ୍ୱ ବୁଲିବା ସହ ଭଗବାନ ବୁଦ୍ଧଙ୍କୁ ମଧ୍ୟ ଦର୍ଶନ କରିଥିଲେ। ପରେ ସ୍ତୁପକୁ ବୁଲିବାକୁ ଆସିଥିବା କିଛି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହ ଫୋଟୋ ଉଠାଇଥିଲେ। ପରେ ହାତୀଗୁମ୍ଫା ଏବଂ ବୁଦ୍ଧିଷ୍ଟଙ୍କ ପ୍ରାର୍ଥନା ସ୍ଥଳୀ ଜାପାନୀ ମନ୍ଦିର ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଧଉଳିର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଏହାର ସାମଗ୍ରିକ ବିକାଶ ଦିଗରେ ଆମ ସରକାର ସବୁବେଳେ ତତ୍ପର ଦେଖାଉଛି ବୋଲି ମତ ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବରିଷ୍ଠ ବିଜେପି ନେତା ସମୀର ମହାନ୍ତି, ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା କୃଷକ ମୋର୍ଚ୍ଚା ସଂଗଠନିକ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ସ୍ୱାଇଁ, ଆଲୋକ ରଞ୍ଜନ ସାହୁ, ଅରୁଣ ପୁରୋହିତ, ରବି ମହାରଣା ସମେତ ଶତାଧିକ ବିଜେପି କର୍ମୀ ଯୋଗଦେଇଥିଲେ।

## ସାରସ୍ୱତ ସମାଜର ସାହିତ୍ୟ ଆଲୋଚନାଚକ୍ର

ଭୁବନେଶ୍ୱର, ୨୯।୯ (ସମିସ): ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସମାଜ ତରଫରୁ ସାହିତ୍ୟ ଆଲୋଚନାଚକ୍ର ସହ କବିତା ଆସର ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ଡ. ଜ୍ୟୋସ୍ନାରାଣୀ ପାତ୍ର, ଅଧ୍ୟାପିକା ଡ. ସରୋଜିନୀ ପାଣି, ଅଧ୍ୟାପିକା ଡ. ହିମାଦ୍ରୀ ତନୟା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଆୟୋଜିତ କବିତା ଆସର ୭୦ରୁ ଅଧିକ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିବା ବେଳେ ସଂଯୋଜନା କରିଥିଲେ କବି ସୌଦାମିନୀ ସାମନ୍ତରାୟ ଏବଂ କବି ସନ୍ଧ୍ୟା ରାଣୀ ପୃଷ୍ଟି।

## ଖୋର୍ଦ୍ଧା ସୃଜନ କଂଗ୍ରେସ ସଭାପତି ହେଲେ ରାଜୀବ



ବାଲିପାଟଣା, ୨୯।୯ (ସମିସ): କଂଗ୍ରେସ ସୃଜନ ସଂଗଠନ ଅଭିଯାନରେ ଓଡ଼ିଶା କଂଗ୍ରେସର ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କୁ ପୁନର୍ବାର ମନୋନୀତ କରାଯାଇଛି। ଏହାକୁ ବାଲିପାଟଣା ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ବଟକୃଷ୍ଣ ରାଉତରାୟ ଓ ଦିଲ୍ଲୀପ ସ୍ୱାଇଁ, ଇମ୍ରାନ୍ ଅଲ୍ଲୀ ଖାନ୍, ପୁଲିନ୍ ମହାପାତ୍ର, ରମାକାନ୍ତ ସାହାଣୀ, ପୂର୍ବତନ ସରପଞ୍ଚ ବିଷ୍ଣୁ ମଲ୍ଲିକ, ବିଜୟ ମଲ୍ଲିକ, ଗୁଣନିଧି ବସ୍ତିଆ, ତ୍ରିନାଥ ମଲ୍ଲିକ, ମାମିନା ମହାରଣା, ସୁକାନ୍ତ ଭୋଇ, ଲୁଲୁ ଜେନା ଆଦି ସାକ୍ଷାତ କରି ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ବାଲିପାଟଣା ବ୍ଲକରେ କଂଗ୍ରେସ ସଂଗଠନକୁ କିପରି ତୃଣମୂଳ ସ୍ତରରୁ ସୁଦୃଢ କରାଯିବ ସେ ଦିଗରେ ଆଲୋଚନା କରିଥିଲେ।

## ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ

ଭୁବନେଶ୍ୱର, ୨୯।୯ (ସମିସ): ନୃତ୍ୟ ନୈବେଦ୍ୟ ପ୍ରସ୍ତୁତିରେ ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଛି ଓଡ଼ିଶୀ ଉତ୍ସବ ୨୦୨୫। ସନ୍ଧ୍ୟା ଅଧିବେଶନରେ ନୃତ୍ୟ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ନିରଞ୍ଜନ ରାଉତ, ଗୁରୁ ମୀରା ଦାସ, ଶୁଭଶ୍ରୀ ମୁଖାର୍ଜୀ, ନୃତ୍ୟ ନୈବେଦ୍ୟର ସଭାପତି ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ନିର୍ଦ୍ଦେଶକ ପ୍ରଭାତ ସ୍ୱାଇଁ ସଭାରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ନୃତ୍ୟ ନୈବେଦ୍ୟର ଶିଳ୍ପୀମାନେ ପ୍ରଥମେ ଆଶାବରୀ ପଲ୍ଲବୀ ଏବଂ ଗୀତ ଗୋବିନ୍ଦ ଲଳିତ ଲବଙ୍ଗ ଲତା ଅଭିନୟ ଉପସ୍ଥାପନା କରିଥିଲେ। ପରେ ପରେ ଅନ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟ ଶେଷରେ ଗୁରୁ ନିରଞ୍ଜନ ସ୍ୱାଇଁଙ୍କ ଦ୍ୱାରା ସଂରଚିତ ପଞ୍ଚଭୂତ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## 'ରାମରାଜ୍ୟ' ପାଇଁ କଳାକାରଙ୍କ ନାମ ଘୋଷଣା

**● ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ନିର୍ମାଣ ହେଉଛି ସିନେମା**

ଭୁବନେଶ୍ୱର, ୨୯।୯ (ସମିସ): ଉଭୟ ହିନ୍ଦୀ ଓ ଓଡ଼ିଆ ଭାଷାରେ ଅନସମିସ ପ୍ରଡକ୍ସନର ନୂଆ ସିନେମା 'ରାମରାଜ୍ୟ'ର ସୁଟିଂ ଦ୍ରୁତଗତିରେ ଚାଲିଥିବା ବେଳେ ଘୋଷଣା ହୋଇଛି ସିନେମାର କଳାକାରଙ୍କ ନାମ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ବିଧିବଦ୍ଧ ଭାବେ ଚୂଡ଼ାନ୍ତ କଳାକାର ତାଲିକା ଘୋଷଣା କରାଯାଇଛି। ଏଥିରେ ମୁଖ୍ୟ ନାୟକ କମାଣ୍ଡୋ ଫେମ୍ ପ୍ରେମ୍ ପରିଜା ରହିଥିବା ବେଳେ ନାୟିକା ଭାବେ ପୁନମ ମିଶ୍ର ରହିଛନ୍ତି। ସେହିପରି ବିଭିନ୍ନ ଭୂମିକାରେ ରୋହିତ ରୟ, ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ଉଷସୀ ମିଶ୍ର, ଅଭିଷେକ ପଣ୍ଡା, ସୁପ୍ରିୟା ନାୟକ ଓ ବିଭାସ ପ୍ରମୁଖ ଅଭିନୟ କରୁଛନ୍ତି। ୟୁନିଟ୍ ମେମ୍ବରଙ୍କ ସହ ଓଲିଉଡ୍ ଅନସମିସ ପ୍ରଡକ୍ସନ ନିବେଦିତ ଷଷ୍ଠ ସିନେମାର ପ୍ରଯୋଜନା ଭାର ତୁଲାଇଛନ୍ତି ପ୍ରୀତମ ସାହୁ ଏବଂ ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ମୋହନ ସାହୁ ଏବଂ ସହ ପ୍ରଯୋଜକ ଅଛନ୍ତି ପୁନମ ମିଶ୍ର, ମମତା ରଥ ଏବଂ କୌଶିକ ଦାସ। ସେହିପରି ସଙ୍ଗୀତ ଦେଇଛନ୍ତି ଅସାଦ ନିଜାମ। ତେବେ ସିନେମାଟି ଚଳିତ ଡିସେମ୍ବର ଶେଷ ସୁଦ୍ଧା ପରଦାକୁ ଆସିବାକୁ ଆସିପାରେ।

## କେୟାର୍ ହସ୍ପିଟାଲରେ ବିଶ୍ୱ ହୃଦୟ ଦିବସ




ଭୁବନେଶ୍ୱର, ୨୯।୯ (ସମିସ): କେୟାର ହସ୍ପିଟାଲ ଭୁବନେଶ୍ୱର ହୃଦରୋଗ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସମ୍ପ୍ରଦାୟକୁ ଅଧିକ ସକ୍ରିୟ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ବିଶ୍ୱ ହୃଦୟ ଦିବସ ଅବସରରେ ୱାକାଥନ୍ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇଏଏସ ଅଞ୍ଜନା ପଣ୍ଡା, ବରିଷ୍ଠ ହୃଦରୋଗ ବିଶେଷଜ୍ଞ, ସ୍ୱାସ୍ଥ୍ୟସେବା ବୃତ୍ତିଗତ, କେୟାର ହସ୍ପିଟାଲର ବରିଷ୍ଠ ପରିଚାଳନା ଏବଂ ହସ୍ପିଟାଲ କର୍ମଚାରୀମାନେ ଯୋଗ ଦେଇ କହିଥିଲେ ଯେ, ହୃଦରୋଗ ଆଉ କେବଳ ବୟସ୍କ ଲୋକଙ୍କ ପାଇଁ ସୀମିତ ନୁହେଁ। ଯୁବ ବୃତ୍ତିଗତ ଏବଂ କଲେଜ ପଢୁଥିବା ଛାତ୍ରମାନେ ମଧ୍ୟ ଚାପ, ଖରାପ ଜୀବନଶୈଳୀ କାରଣ ସହିତ ଜଡିତ ହୃଦଘାତରେ ପୀଡିତ ହେଉଥିବା ଦେଖିବାକୁ ମିଳୁଛି। ସଚେତନତା, ପ୍ରତିରୋଧ ଏବଂ ସମୟୋଚିତ ଚିକିତ୍ସା ହସ୍ତକ୍ଷେପ ଏହି ଚିନ୍ତାଜନକ ଧାରା ରୋକିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କେୟାର ହସ୍ପିଟାଲର କ୍ଲିନିକାଲ୍ ନିର୍ଦ୍ଦେଶକ ଏବଂ ହୃଦରୋଗ ମୁଖ୍ୟ ଡ. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ କହିଛନ୍ତି। ହସ୍ପିଟାଲର ଜୋନାଲ ମୁଖ୍ୟ ପରିଚାଳନା ଅଧିକାରୀ କିସଲେ ଆନନ୍ଦ ମଧ୍ୟ ଏଥିରେ ଉପସ୍ଥିତ ଥିଲେ।

## ବଟରଫ୍ଲାଏ କାର୍ନିଭାଲ୍‌ରେ ମହିଳା ଓ ଶିଶୁ ପ୍ରତିଭା



ଭୁବନେଶ୍ୱର, ୨୯।୯ (ସମିସ): ତିତିଲି ହରାଇଜନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବାର୍ଷିକ କାର୍ଯ୍ୟକ୍ରମ 'ବଟରଫ୍ଲାଏ-୨୦୨୫' ଭଞ୍ଜକଳାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛୋଟ ପିଲାଙ୍କ ସମେତ ମହିଳାମାନେ ମଧ୍ୟ କଳା, ସାଧାରଣଜ୍ଞାନ, ଶାସ୍ତ୍ରୀୟ ନୃତ୍ୟ, ରାମ୍ପୱାକ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଏକାମ୍ର ବିଧାୟକ ବାବୁ ସିଂହ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଯୋଗୀମାନେ କିଡ୍ସ, ସବ-ଜୁନିୟର, ଜୁନିୟର ଏବଂ ସିନିୟର୍ ଭଳି ୩ଟି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନ, ହସ୍ତାକ୍ଷର, କ୍ୱିଜ୍, ଓଡ଼ିଶୀ ନୃତ୍ୟ, ରାମ୍ପ ୱାକ୍ ଏବଂ ଆଧୁନିକ ନୃତ୍ୟରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଚାରକଭାବେ ମାଇ ସିଟିଲିଙ୍କ୍ସ ସମ୍ପାଦକ ସତ୍ୟବ୍ରତ ସାନୁ ରଥ, ଅଭିନେତା ସତ୍ୟବ୍ରତ ତ୍ରିପାଠୀ, ଓଡ଼ିଶୀ ନୃତ୍ୟ ଗୁରୁ ବିଜୟ ଦାସ, କୋରିଓଗ୍ରାଫର୍ ଏମ୍.ଡି. ସାଫିଉଲ ହକ୍ ଏବଂ ପ୍ରମୁଖ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମରେ ତିତିଲି ହରାଇଜନ ପ୍ରାଇଭେଟ୍ ଲିମିଟେ ପକ୍ଷରୁ ଅର୍ପିତା ନନ୍ଦ ଉପସ୍ଥିତ ଥିଲେ।

**କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ଉଦ୍‌ଯାପିତ**

## ଦୟା, କରୁଣା ଓ ମାନବିକତାକୁ ମୂଳମନ୍ତ୍ର କରନ୍ତୁ ଛାତ୍ରଛାତ୍ରୀ




ଭୁବନେଶ୍ୱର, ୨୯।୯ (ସମିସ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଡ. ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ସେମାନଙ୍କ ମୂଳ ମନ୍ତ୍ର କରିବାକୁ ଆହ୍ୱାନ ଦେଇଥିବା ବେଳେ ସେବା, ସ୍ଥିରତା ଏବଂ କରୁଣାର ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ନୋବେଲ ବିଜେତା ପ୍ରଫେସର୍ ମୋହନ ମୁନାସିଂଘେ, ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ, ଶାନ୍ତିପ୍ରବକ୍ତା ଡ. ହୁଜେଫା ଖୋରାକିୱାଲା, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ଏସ୍.କେ ସଚଦେବା, ଗୁଏତମାଲା ଗଣରାଜ୍ୟ ସାଂସଦ ଡ. ଫିଡେଲ ରାଏସ୍ ଲି, ଜର୍ମାନୀର ପ୍ରଜ୍ଞତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ନର୍ବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା।

ସେହିପରି ୧୯୫ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୨୦୩୪ ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଅପରପକ୍ଷେ, ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ. ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା।

ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର୍ ଶରଣଜିତ ସିଂହ, ଉପକୁଳପତି ପ୍ରଫେସର୍ ରାଜୁ କେ.ଡି ଓ କୁଳସଚିବ ପ୍ରଫେସର୍ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


## ବିଶ୍ୱ ହୃଦୟ ଦିବସରେ ହାଇଟେକ୍‌ରେ ୱାକାଥନ୍




ଭୁବନେଶ୍ୱର, ୨୯।୯ (ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ବିଶ୍ୱ ହୃଦୟ ଦିବସ ଅବସରରେ ୱାକଥନ୍ କାର୍ଯ୍ୟକ୍ରମର ଆୟୋଜିତ ହୋଇଛି। ଏହା ହାଇଟେକ୍ କ୍ୟାମ୍ପସ୍‌ରୁ ବାହାରି ଜିଜିପି କଲୋନୀ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ହୃଦରୋଗ ବିଭାଗର ଡ. ରିତେଶ ଆଚାର୍ଯ୍ୟ ଏବଂ ସିଟିଭିଏସ୍ ଡ. ଶ୍ୱେତାଙ୍କ ଦାସ ଯୋଗଦେଇ ହୃଦୟକୁ ସୁସ୍ଥ ରଖିବା ପାଇଁ ପହଁରିବା ସହ ସାଇକେଲ ଚଲାଇବା ଏବଂ ଦିନକୁ ଅତି କମ୍‌ରେ ୩୦ ମିନିଟ ପର୍ଯ୍ୟନ୍ତ ଚାଲିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ସିଓଓ ଜ୍ୟୋତିର୍ମୟ ପଣ୍ଡା, ଶତାଧିକ ବିଦ୍ୟାର୍ଥୀ ଏବଂ କର୍ମଚାରୀ ଯୋଗଦେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଯୋଗ ଦେଇ ନିରୋଗ ରହିବା ପାଇଁ ସଦାସର୍ବଦା ପୋଷଣ ଯୁକ୍ତ ଖାଦ୍ୟ ଏବଂ ବ୍ୟାୟାମ କରି ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

**ଆମ ରାଜଧାନୀ ଆମ ଐତିହ୍ୟ**

# ଗଙ୍ଗବଂଶ ସମୟର ପାତାଳେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୯।୯ (ସମିସ): ପୁରୁଣା ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ନିକଟରେ ରହିଛି ପାତାଳେଶ୍ୱର ମନ୍ଦିର। ଏହା ଦଶମରୁ ଏକାଦଶ ଶତାବ୍ଦୀର ମଧ୍ୟଭାଗରେ ନିର୍ମିତ ହୋଇଥିବା କୁହାଯାଏ। ଯଦି ଆପଣ ଲିଙ୍ଗରାଜ ମନ୍ଦିରରୁ ଅନନ୍ତ ବାସୁଦେବ ମନ୍ଦିର ରାସ୍ତାରେ ଆସିବେ ତେବେ ରାସ୍ତାର ଠିକ ବାମ ପାର୍ଶ୍ୱରେ ରହିଛି ପାତାଳେଶ୍ୱର ମନ୍ଦିର।

କିମ୍ବଦନ୍ତୀ ଅନୁଯାୟୀ ଏହି ମନ୍ଦିରର ନିର୍ମାଣ ରେଖାଦେଉଳ ଶୈଳୀରେ ହୋଇଛି। ମନ୍ଦିରଟି ରାସ୍ତାଠୁ ତଳକୁ ଅର୍ଥାତ ବର୍ତ୍ତମାନର ଭୂମି ପୃଷ୍ଠଠାରୁ ଆଂଶିକ ପୋତି ହୋଇଥିବା ଏକ ପ୍ରାଚୀନ ଗଠନର ଆଉ ଏକ ଉଦାହରଣ। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ। ଏହା ଏକ ଶୈବପୀଠ ହୋଇଥିବାରୁ ଏଠାରେ ଶିବରାତ୍ରି, ସଂକ୍ରାନ୍ତି ଆଦି ପାଳନ କରାଯାଇଥାଏ। ଏହା ଗଙ୍ଗ ବଂଶ ସମୟର ବୋଲି ଇତିହାସ ପୃଷ୍ଠାରୁ ଜଣାଯାଏ। ମନ୍ଦିରଟି ପଞ୍ଚରଥ ବିଶିଷ୍ଟ ହୋଇଥିବାବେଳେ ପ୍ରବେଶ ଦ୍ୱାରରେ ଦୁଇ ଦ୍ୱାରପାଳଙ୍କ ସମେତ ପାର୍ଶ୍ୱ ଦେବାଦେବୀ ଭାବେ ପଦ୍ମ ଉପରେ ଗଜଲକ୍ଷ୍ମୀ ରହିଛନ୍ତି। ଏହା ବ୍ୟତୀତ ବାହାର ପାର୍ଶ୍ୱରେ ନବଗ୍ରହ ମଧ୍ୟ ଖୋଦିତ ହୋଇ ରହିଛନ୍ତି। ମନ୍ଦିରଟି ଧୂସର ବାଲୁକା ପଥରରେ ନିର୍ମିତ ହୋଇଛି। ପାତାଳେଶ୍ୱର ଅର୍ଥାତ ପାତାଳ ଲୋକର ଦେବତା। ବିଶ୍ୱାସ ଅନୁଯାୟୀ ଏହି ମନ୍ଦିରରେ ଆଧ୍ୟାତ୍ମିକ ଉର୍ଜା ରହିଛି। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଶ୍ରାବଣ ସମୟରେ ଏଠାରେ ପୂଜା କରିବା ଦ୍ୱାରା ସେମାନଙ୍କର ସମସ୍ତ ପାପ ଧୋଇ ହୋଇଯାଏ ଏବଂ ସେମାନଙ୍କ ଜୀବନରେ ଶାନ୍ତି ଏବଂ ସମୃଦ୍ଧତା ଆଣିଥାଏ।

### ଏବେ କେମିତି ରହିଛି



ମନ୍ଦିର ଚାରିପାଖରେ ବର୍ତ୍ତମାନ ସ୍ଥାନୀୟ ବ୍ୟବସାୟୀ କଦଳୀ ପତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ବିକ୍ରି କରୁଛନ୍ତି ଏବଂ ଅନ୍ୟପାଖରେ ବିନ୍ଦୁସାଗର ରହିଥିବାରୁ ମନ୍ଦିରଟି ଚାରିପାଖରୁ ଆବଦ୍ଧ ହୋଇ ରହିଛି। ଧୂସର ବାଲୁକା ପଥରରେ ନିର୍ମାଣ ହୋଇଥିବାରୁ ବିଭିନ୍ନ ପ୍ରାକୃତିକ କାରଣ ଏବଂ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବର୍ତ୍ତମାନ ମନ୍ଦିରର ବାହାର ପାର୍ଶ୍ୱ କ୍ଷୟ ହେବାର ଲାଗିଛି। ଏପରିକି ମନ୍ଦିର ଉପରେ ଗଛ ଲତା ଉଠିଲାଣି। ବର୍ଷା ହେଲେ ଉପରଭାଗରୁ ପାଣି ମଧ୍ୟ ଗଳୁଛି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୯ ● ପାଉଣ୍ଡ ୧୧୮.୩୯
- ୟୁରୋ ୧୦୩.୬୧ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୭,୧୫୦ (ଭୁବନେଶ୍ୱର)
- ରୁପା : ୧,୬୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୩୬୪.୦୦
- ନିଫ୍ଟି ୨୪,୬୩୪.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ଜିଏସ୍‌ଟିରେ ହ୍ରାସ ଖାଲି ଭେଲିକି; ଖାଉଟିଙ୍କୁ ମିଳୁନି ଲାଭ

# ଟିକସ ହ୍ରାସ ପୂର୍ବରୁ ୧୦% ମୂଲ୍ୟ ବଢ଼ାଇଛନ୍ତି ବଡ଼ କମ୍ପାନୀ

ନୂଆଦିଲ୍ଲୀ,୨୯।୯ (ଏଜେନ୍ସି):



କେନ୍ଦ୍ର ସରକାର ସମ୍ପ୍ରତି ଜିଏସ୍‌ଟି ହାରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ଏଥିରେ ପ୍ରାୟ ୪୦୦ ସାମଗ୍ରୀ ଉପରୁ ଟିକସ ହାର ହ୍ରାସ ପାଇଛି। ନବରାତ୍ରିର ପ୍ରଥମ ଦିନ ଅର୍ଥାତ୍ ସେପ୍ଟେମ୍ବର ୨୨ଠାରୁ ନୂତନ ଜିଏସ୍‌ଟି ହାର ଲାଗୁ ହୋଇଛି। କେନ୍ଦ୍ର ସରକାର ଜିଏସ୍‌ଟିରେ ହ୍ରାସ ଘଟାଇଥିଲେ ସୁଦ୍ଧା ବଜାର ଦରରେ ଖାଉଟିଙ୍କୁ ଏ ଯାଏ ତା'ର ଲାଭ ମିଳୁନାହିଁ। ଏମିତିକି ଏ ପର୍ଯ୍ୟନ୍ତ ପ୍ୟାକେଜ୍ ଖାଦ୍ୟ ସହ ଔଷଧ ସାମଗ୍ରୀ କ୍ଷେତ୍ରରେ ଜିଏସ୍‌ଟି ହ୍ରାସ ପାଇ ନ ଥିବା ଲୋକାଲ୍ ସର୍କଲ୍ ସର୍ଭେ ରିପୋର୍ଟରେ କୁହାଯାଇଛି। ଅପରପକ୍ଷେ ଜିଏସ୍ଟି ହାରରେ ହ୍ରାସ ପୂର୍ବରୁ ବଡ଼ ବଡ଼ କମ୍ପାନୀଗୁଡ଼ିକ ଅନେକ ଉତ୍ପାଦର ମୂଲ୍ୟରେ ବୃଦ୍ଧି ଘଟାଇଥିବା ଭଳି ସାଂଘାତିକ ଅଭିଯୋଗ କରିଛି କଂଗ୍ରେସ। କରିଥିଲେ।

କଂଗ୍ରେସ ମହାସଚିବ ଜୟରାମ ରମେଶ 'ଏକ୍ସ'ରେ ଏକ ଗଣମାଧ୍ୟମ ରିପୋର୍ଟ ସେୟାର କରିଛନ୍ତି, ଯେଉଁଥିରେ କେନ୍ଦ୍ର ସରକାର ସେପ୍ଟେମ୍ବର ୨୨ ରୁ ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍ଟି ହାର ୧୨ରୁ ୫ପ୍ରତିଶତକୁ ହ୍ରାସ କରିଛନ୍ତି। ଗ୍ରାହକମାନେ ଏଥିରୁ ସିଧାସଳଖ ଲାଭ ପାଇବା ଉଚିତ ଥିଲା, କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ବିପରୀତ। ରିପୋର୍ଟରେ ଦାବି କରାଯାଇଛି ଯେ ବଡ଼ ବଡ଼ କମ୍ପାନୀଗୁଡ଼ିକ ଟିକସ ହ୍ରାସ ବିଷୟରେ ଜାଣିବା ମାତ୍ରେ, ସେମାନଙ୍କ ଉତ୍ପାଦର ମୂଲ୍ୟ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଯାହାଫଳରେ ଜିଏସ୍ଟି ହାର ହ୍ରାସ ପରେ ସାଧାରଣ ଲୋକଙ୍କୁ ଉତ୍ପାଦର ବଜାର ମୂଲ୍ୟ କ୍ଷେତ୍ରରେ କୌଣସି ଆଶ୍ୱସ୍ତି ମିଳିନାହିଁ। ଏହା 'ସଞ୍ଚୟ ଉତ୍ସବ ନୁହେଁ, ବରଂ ଏକ ଚପତ ମହୋତ୍ସବ' ବୋଲି କଂଗ୍ରେସ କହିଛି।

ଏହି ସର୍ଭେ ରିପୋର୍ଟ ଅନୁଯାୟୀ, ପ୍ୟାକେଜ୍ ଖାଦ୍ୟ ଏବଂ ଔଷଧ ଉପରେ ଜିଏସ୍‌ଟି ହ୍ରାସର ଲାଭ ପ୍ରତି ୧୦ ଜଣ ଗ୍ରାହକଙ୍କ ମଧ୍ୟରୁ ତିନି ଜଣରୁ କମ୍ ଗ୍ରାହକଙ୍କ ପାଖରେ ପହଞ୍ଚିଛି। ଜିଏସ୍‌ଟି ୨.୦ କାର୍ଯ୍ୟକାରୀ ହେବା ପରେ ଗ୍ରାହକଙ୍କୁ ପ୍ୟାକେଜ୍‌ଡ ଖାଦ୍ୟ ପାଇଁ କମ୍ ଦେୟ ଦେବାକୁ ପଡିବ ବୋଲି କୁହାଯାଉଥିଲା। ସର୍ଭେ ହୋଇଥିବା ଲୋକଙ୍କ ମଧ୍ୟରୁ ୧୦% କହିଛନ୍ତି ଯେ ସେମାନେ ସମ୍ପୂର୍ଣ୍ଣ ଲାଭ ପାଇଛନ୍ତି, ଯେତେବେଳେ କି ୨୧% କହିଛନ୍ତି ଯେ ସେମାନେ କିଛି ଲାଭ ପାଇଛନ୍ତି। ସର୍ଭେରେ ସାମିଲ ଲୋକଙ୍କ

> **ଲୋକାଲ୍ ସର୍କଲ୍ ସର୍ଭେ ରିପୋର୍ଟ**
>
> **ଏ ଯାଏ କମିଲାନି ପ୍ୟାକେଜ୍ ଖାଦ୍ୟ, ଔଷଧ ମୂଲ୍ୟ**
>
> **ଜିଏସ୍‌ଟି 'ବଚତ୍ ଉତ୍ସବ ନୁହେଁ, ଚପତ ଉତ୍ସବ': କଂଗ୍ରେସ**

ମଧ୍ୟରୁ ୪୭% କହିଛନ୍ତି ଯେ ସେମାନେ କୌଣସି ଲାଭ ପାଇନାହାଁନ୍ତି, ଯେତେବେଳେ କି ୨୧% ଲୋକ ଏ ନେଇ ନିରବ ରହିଛନ୍ତି। ଅପରପକ୍ଷେ ନୂତନ ଜିଏସ୍‌ଟି ହାର ଯାନବାହାନ କ୍ରୟକୁ ଶସ୍ତା କରିଛି କି ବୋଲି ପଚରାଯିବାରୁ ୭୬% ଲୋକ କହିଛନ୍ତି ଯେ ସେମାନେ ଜିଏସ୍‌ଟି ହାର ହ୍ରାସର ସମ୍ପୂର୍ଣ୍ଣ ଲାଭ ପାଇଛନ୍ତି। ୨୪% ଲୋକ କହିଛନ୍ତି ଯେ ସେମାନେ କେବଳ ଏ କ୍ଷେତ୍ରରେ ଏକ ଛୋଟ ଲାଭ ପାଇଛନ୍ତି।

ଜିଏସ୍‌ଟି ହାର ହ୍ରାସ ପରେ ଔଷଧ ସାମଗ୍ରୀ ମୂଲ୍ୟ କମିଛି କି ସର୍ଭେରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ୧୦% ଲୋକ କହିଛନ୍ତି ଯେ ସେମାନେ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଲାଭ ପାଇଛନ୍ତି। ସର୍ଭେରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ ୨୪% କହିଛନ୍ତି ଯେ ସେମାନେ ଜିଏସ୍‌ଟି ହ୍ରାସରୁ କିଛି ଲାଭ ପାଇଛନ୍ତି। ୬୨% ଲୋକ କହିଛନ୍ତି ଯେ ସେମାନେ ଏହି ହ୍ରାସରୁ କୌଣସି ଲାଭ ପାଇନାହାଁନ୍ତି, ଯେତେବେଳେ କି ୪% ଏହାର କୌଣସି ଉତ୍ତ ଦେଇନାହାଁନ୍ତି।

ହ୍ୱାଇଟ୍ ଗୁଡ୍ସ କିମ୍ବା ଇଲେକ୍ଟ୍ରୋନିକ୍ ଜିନିଷ କ୍ରୟ ଉପରେ ଗ୍ରାହକଙ୍କୁ ଜିଏସ୍‌ଟି ହାର ହ୍ରାସର ଲାଭ ଉପରେ ମତ ରଖି ୩୩% ଲୋକ କହିଛନ୍ତି ଯେ ସେମାନେ କେବଳ ଏକ ଛୋଟ ଲାଭ ପାଇଛନ୍ତି। ୩୪%ଲୋକ କହିଛନ୍ତି ଯେ ସେମାନେ ସମ୍ପୂର୍ଣ୍ଣ ଲାଭ ପାଇସାରିଛନ୍ତି। ସେହିପରି ୩୩% ଲୋକ କହିଛନ୍ତି ଯେ ସେମାନେ ନୂତନ ହାରରୁ କୌଣସି ଲାଭ ପାଇନାହାଁନ୍ତି। ଲୋକାଲ୍ ସର୍କଲ୍ସ ଦ୍ୱାରା କରାଯାଇଥିବା ଏହି ସର୍ଭେରେ ୭୮,୦୦୦ ଲୋକ ଅଂଶଗ୍ରହଣ କରିଥିଲେ।

## ■ ଟ୍ରମ୍ପଙ୍କ ଆଉ ଏକ 'ଗେମ୍'

# ସିନେମା ଉପରେ ୧୦୦% ଶୁଳ୍କ



ନୂଆଦିଲ୍ଲୀ,୨୯।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଏକ ନୂତନ ଶିଳ୍ପ ଉପରେ ଏକ ଭାରୀ ଶୁଳ୍କ ଘୋଷଣା କରିଛନ୍ତି। ଏଥର ଟ୍ରମ୍ପ ସମସ୍ତ ବିଦେଶୀ ଚଳଚ୍ଚିତ୍ର ଉପରେ ୧୦୦% ଶୁଳ୍କ ଘୋଷଣା କରି ଭାରତୀୟ ସିନେମା ଶିଳ୍ପକୁ ଏକ ବଡ଼ ଆଘାତ ଦେଇଛନ୍ତି। ଏହି ପଦକ୍ଷେପ ଚଳଚ୍ଚିତ୍ର ଶିଳ୍ପରେ ସଂରକ୍ଷଣବାଦୀ ବାଣିଜ୍ୟ ନୀତି କାର୍ଯ୍ୟକାରୀ କରିବା ନେଇ ଟ୍ରମ୍ପଙ୍କର ରହିଥିବା ଇଚ୍ଛାକୁ ବୁଝିଉଛି, ଯାହା ଅନ୍ତର୍ଜାତୀୟ ବକ୍ସ ଅଫିସ ରାଜସ୍ୱ ଏବଂ ସୀମାପାର ସହ-ପ୍ରଯୋଜନା ଉପରେ ଅଧିକ ନିର୍ଭର କରୁଥିବା ଷ୍ଟୁଡିଓଗୁଡିକ ପାଇଁ ଅନିଶ୍ଚିତତା ବଢ଼ାଇଛି। ଟ୍ରମ୍ପ ତାଙ୍କ 'ଟ୍ରୁଥ୍' ସୋସିଆ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟରେ ବିଦେଶୀ ଚଳଚ୍ଚିତ୍ର ଉପରେ ୧୦୦% ଶୁଳ୍କ ଘୋଷଣା କରିଛନ୍ତି। ତାଙ୍କ ପୋଷ୍ଟରେ ଟ୍ରମ୍ପ ଦାବି କରିଛନ୍ତି ଯେ ଆମେରିକୀୟ ଚଳଚ୍ଚିତ୍ର ନିର୍ମାଣ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ହାର ମାନିଛି। ଟ୍ରମ୍ପ ଆମେରିକା ବାହାରେ ନିର୍ମିତ ସମସ୍ତ ଚଳଚ୍ଚିତ୍ର ଉପରେ ଏହି ଶତ ପ୍ରତିଶତ ବାଣିଜ୍ୟ ଶୁଳ୍କ ଘୋଷଣା କରିଛନ୍ତି। ସେ ଆମେରିକାରେ ଫର୍ଣ୍ଣିଚର ନିର୍ମାଣ ନ କରୁଥିବା ଯେକୌଣସି ଦେଶ ଉପରେ ଏକ ଭାରୀ ଶୁଳ୍କ ଘୋଷଣା କରିଛନ୍ତି। ଟ୍ରମ୍ପ କହିଛନ୍ତି ଆମେରିକାର 'ଫିଲ୍ମ ନିର୍ମାଣ ବ୍ୟବସାୟ' ଅନ୍ୟ ଦେଶଗୁଡ଼ିକ ଦ୍ୱାରା ପିଲାଙ୍କଠାରୁ କ୍ୟାଣ୍ଡି ଛଡାଇ ନେବା ଭଳି ହୋଇଛି। କାଲିଫର୍ନିଆ ଏହାର ଦୁର୍ବଳ ଏବଂ ଅକ୍ଷମ ରାଜ୍ୟପାଳଙ୍କ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି ଯେ ଉତ୍ତର କାରୋଲିନାକୁ ଯାହା ଚୀନ୍ ଏବଂ ଅନ୍ୟାନ୍ୟ ଦେଶମାନଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ଫର୍ଣ୍ଣିଚର ବ୍ୟବସାୟ ହରାଇଛି। ଦେଶକୁ ପୁଣି ଥରେ ମହାନ କରିବା ପାଇଁ ଆମେରିକାରେ ଫର୍ଣ୍ଣିଚର ନିର୍ମାଣ ନ କରୁଥିବା ଯେକୌଣସି ଦେଶ ଉପରେ ଏକ ଭାରୀ ଶୁଳ୍କ ଲାଗୁ କରିବି।

ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ସପ୍ତାହ ପ୍ରାରମ୍ଭରେ ଟ୍ରମ୍ପ ଅନେକ ଉତ୍ପାଦ ଉପରେ ଭାରୀ ଶୁଳ୍କ ଘୋଷଣା କରିଥିଲେ। ସେ ଔଷଧ ଉତ୍ପାଦ ଉପରେ ସର୍ବାଧିକ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ସେ ରୋଷେଇ ଘର କ୍ୟାବିନେଟ୍, ବାଥରୁମ୍ ଭ୍ୟାନିଟି ଏବଂ ଅନ୍ୟାନ୍ୟ ସମ୍ପର୍କିତ ଉତ୍ପାଦ ଉପରେ ମଧ୍ୟ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ଏକ୍ସକ୍ଲୁସିଭ୍ ଅଫର




ଭୁବନେଶ୍ୱର,୨୯।୯ (ସମିସ): ପୂଜା ଏବଂ ଧନ୍ତେରାସ୍ ପାଇଁ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ ବହୁ ପ୍ରତିକ୍ଷୀତ ଫେଷ୍ଟିଭ୍ ଅଫର ଘୋଷଣା କରାଯାଇଛି। ଗ୍ରାହକଙ୍କୁ ମୂଲ୍ୟ,ବିଶ୍ୱାସ ଏବଂ ଉତ୍କର୍ଷତା ଦେବାକୁ ଯାଇ ମାଲାବାର ପୂଜାର ଏହି ପବିତ୍ରତାକୁ ଅଧିକ ସ୍ମରଣୀୟ କରିବା ପାଇଁ ଗ୍ରାହକଙ୍କୁ ଭେଟିଦେଇଛି ଏକ୍ସକ୍ଲୁସିଭ୍ ଅଫର। ଆଜି ଭୁବନେଶ୍ୱର ସୌଭାଗ୍ୟନଗର ସ୍ଥିତ ମାଲାବାର ଶୋ' ରୁମ୍‌ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଲିଉଡ୍ ଅଭିନେତ୍ରୀ ଧାରା ଶ୍ରାବଣୀ ମହାପାତ୍ର ଏହି ଫେଷ୍ଟିଭ୍ ଅଫରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟ ଅତିଥିଙ୍କ ସହ ମାଲାବାର ପରିଚାଳନା ଟିମ୍ ଉପସ୍ଥିତ ଥିଲେ। ପୂଜା ଏବଂ ଧନ୍ତେରାସ୍ ପାଇଁ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଗ୍ରାହକଙ୍କୁ ସୁନା ଅଳଙ୍କାର, ମୂଲ୍ୟବାନ ରତ୍ନ ପଥର ଏବଂ ଅନ୍ କଟ୍ ଡାଏମଣ୍ଡ ଜୁଏଲେରୀ ଉପରେ ୩୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି। ଏହି ଅଫର ଅକ୍ଟୋବର ୩୧ ପର୍ଯ୍ୟନ୍ତ ଜାରି ରହିବ। ଏହି ଅଫର ଓଡ଼ିଶାରେ ରହିଥିବା ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ୮ ଷ୍ଟୋରରେ ଉପଲବ୍ଧ ହେବ।

## ମୋବାଇଲ ନମ୍ବର ଭଳି ରନ୍ଧନ ଗ୍ୟାସ୍‌ରେ ଲାଗୁ ହେବ ପୋର୍ଟେବିଲିଟି ସିଷ୍ଟମ୍



ନୂଆଦିଲ୍ଲୀ,୨୯।୯ (ଏଜେନ୍ସି): ଖୁବ୍ ଶୀଘ୍ର ମୋବାଇଲ୍ ନମ୍ବର ପୋର୍ଟେବିଲିଟି ପରି ରନ୍ଧନ ଗ୍ୟାସ୍ରେ ଲାଗୁ ହେବ ପୋର୍ଟେବିଲିଟି ସିଷ୍ଟମ। ଏହାଦ୍ୱାରା ଯେକୌଣସି କମ୍ପାନୀକୁ ଉପଭୋକ୍ତା ନିଜର ରନ୍ଧନ ଗ୍ୟାସ୍ ସଂଯୋଗ ପରିବର୍ତ୍ତନ କରିପାରିବେ। କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ନିୟାମକ ବୋର୍ଡ (ପିଏନ୍‌ଜିଆର୍‌ବି) ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହା ଗ୍ରାହକମାନଙ୍କୁ ଅଧିକ ଉନ୍ନତ ପ୍ରଦାନ କରିବ।

ସୂଚନାଯୋଗ୍ୟ ଯେ, ୨୦୧୩ ଅକ୍ଟୋବରରେ ୟୁପିଏ ସରକାର ୧୩ଟି ରାଜ୍ୟର ୨୪ଟି ଜିଲ୍ଲାରେ ଏଲ୍ପିଜି ସଂଯୋଗର ପୋର୍ଟେବିଲିଟି ପାଇଁ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଥିଲେ। ୨୦୧୪ ଜାନୁଆରୀରେ ଏହାକୁ ୪୮୦ଟି ଜିଲ୍ଲାକୁ ବିସ୍ତାର କରାଯାଇଥିଲା। ତଥାପି, ଏହି ଯୋଜନା ଅନୁଯାୟୀ ଆପଣ କେବଳ ସମାନ କମ୍ପାନୀ ମଧ୍ୟରେ ଡିଲର ପରିବର୍ତ୍ତନ କରିପାରିବେ। ଉଦାହରଣ ସ୍ୱରୂପ, ଯଦି ଆପଣ ଜଣେ ଇଣ୍ଡେନ ଗ୍ୟାସ୍ ଗ୍ରାହକ ହୋଇଥିବେ, ତେବେ ଅନ୍ୟ ଏକ କମ୍ପାନୀକୁ ସ୍ୱିଚ୍ କରିବା ଅସମ୍ଭବ ଥିଲା। କାରଣ, ନିୟମ ଅନୁସାରେ ସିଲିଣ୍ଡରଗୁଡ଼ିକୁ କେବଳ ସେହି କମ୍ପାନୀ ଦ୍ୱାରା ରିଫିଲ୍ କରାଯାଇପାରିବ ଯିଏ ସେମାନଙ୍କୁ ଜାରି

> **ପ୍ରସ୍ତୁତି ଆରମ୍ଭ କଲା ପିଏନ୍‌ଜିଆର୍‌ବି**

କରିଥିଲା। ଏହି ପୁରୁଣା ସୀମା ଏବେ ନୂତନ ବ୍ୟବସ୍ଥାରେ ହଟାଇ ଦିଆଯିବ। ଫଳରେ ଜଣେ ଉପଭୋକ୍ତା ଗୋଟିଏ ନିର୍ଦ୍ଦିଷ୍ଟ କମ୍ପାନୀର ଗ୍ରାହକ ହୋଇଥିଲେ ମଧ୍ୟ ଅନ୍ୟ ଏକ କମ୍ପାନୀକୁ ନିଜର ଗ୍ୟାସ୍ ସଯୋଗ ପରିବର୍ତ୍ତନ କରିପାରିବେ। ପିଏନ୍‌ଜିଆର୍‌ବି ଇଣ୍ଟର-କମ୍ପାନୀ ପୋର୍ଟେବିଲିଟି ପ୍ରଚଳନ କରୁଛି, ଯାହା ଆପଣଙ୍କୁ ଯେକୌଣସି କମ୍ପାନୀକୁ ସ୍ୱିଚ୍ କରିବାର ଅନୁମତି ଦିଏ। ପିଏନ୍‌ଜିଆର୍‌ବି ବର୍ତ୍ତମାନ ଅଂଶୀଦାର, ଗ୍ରାହକ, ବିତରକ ଏବଂ ନାଗରିକ ସମାଜଠାରୁ ମତାମତ ଲୋଡିଛି। ମତାମତ ପାଇଁ ଶେଷ ତାରିଖ ଅକ୍ଟୋବର ମଧ୍ୟଭାଗ। ଏହା ପରେ, ନିୟମ ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯିବ ଏବଂ ଏକ ଦେଶବ୍ୟାପୀ ରୋଲଆଉଟ୍ ତାରିଖ ଚୂଡ଼ାନ୍ତ କରାଯିବ। ଯଦିବା ଏ ନେଇ ଅଧିକ ବିବରଣୀ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ, ତେଣୁ କିପରି ସ୍ୱିଚ୍ କରିବେ ସେ ବିଷୟରେ ସୂଚନା ପରେ ଉପଲବ୍ଧ ହେବ। ବର୍ତ୍ତମାନ, ଭାରତରେ ତିନୋଟି ପ୍ରମୁଖ ସରକାରୀ ତୈଳ ବିପଣନ କମ୍ପାନୀ (ଓଏମ୍ସି) ଘରୋଇ ଏବଂ ବାଣିଜ୍ୟିକ ଏଲ୍ପିଜି ସଂଯୋଗ ପ୍ରଦାନ କରନ୍ତି।

## ଏଏମ୍/ ଏନ୍‌ଏସ୍ ବନ୍ଦର-ପାରାଦୀପ ବନ୍ଦର ରିଆତି ଚୁକ୍ତିନାମା ସ୍ୱାକ୍ଷର



ଭୁବନେଶ୍ୱର,୨୯।୯ (ସମିସ): ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏବଂ ଏଏମ୍/ ଏନ୍‌ଏସ୍ ବନ୍ଦର ମଧ୍ୟରେ ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ପାଇଁ ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ପାଇଁ ଏକ ରିଆତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହା ବନ୍ଦର ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପ ୩୦ ବର୍ଷର ରିହାତି ଅବଧି ପାଇଁ ଉଦ୍ଦିଷ୍ଟ। ଏହି ଚୁକ୍ତି ପରେ ଯାନ୍ତ୍ରିକ ପରିବହନ ଏବଂ ଅତ୍ୟାଧୁନିକ ପରିଚାଳନା ସୁବିଧା ସହିତ ସଜ୍ଜିତ ଏକ ଜାହାଜ ଲୋଡର ସିଷ୍ଟମ ମାଧ୍ୟମରେ ଏଏମ୍/ଏନ୍‌ଏସ୍ ଭାରତର ଲୁହା ପଥର ପେଲେଟଗୁଡ଼ିକର ପରିବହନ କରିପାରିବ। ଏହି ଚୁକ୍ତିନାମା ପିପିଏର ମୁଖ୍ୟ ଇଞ୍ଜିନିୟର ହିମାଂଶୁ ଶେଖର ରାଉତ ଏବଂ ଏଏମ୍/ ଏନ୍‌ଏସ୍ ବନ୍ଦରର ପ୍ରାଧିକୃତ ସ୍ୱାକ୍ଷରକାରୀ ଶୁଭକାନ୍ତ ଦାଶଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଚୁକ୍ତିମାନା ସ୍ୱାକ୍ଷର ସମାରୋହରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପି.ଏଲ୍. ହାରନାଧ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ସୁରେଶ ଜିଙ୍କ ସହ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଭାରତୀୟ ଇନଷ୍ଟାଣ୍ଟ ମେସେଜିଂ ଆପ୍ 'ଆରାଟ୍ଟାଇ'

## ଦୈନିକ ସାଇନ ଅପ୍ ୩ ଲକ୍ଷ ଛୁଇଁଲା

ନୂଆଦିଲ୍ଲୀ,୨୯।୯ (ଏଜେନ୍ସି): ଦିନକୁ ଦିନ ରେକର୍ଡ କରୁଛି ଭାରତୀୟ ଇନଷ୍ଟାଣ୍ଟ ମେସେଜିଂ ଆପ୍ ଆରାଟ୍ଟାଇ। ଗତ ଶନିବାର ସୁଦ୍ଧା ଏହି ଆପ୍ ଆପ୍‌ଷ୍ଟୋରରେ ଶୀର୍ଷରେ ଥିବାବେଳେ ଏବେ ବହୁ ସଂଖ୍ୟାରେ ଭାରତୀୟ ଏହାକୁ ଇନଷ୍ଟଲ କରୁଥିବା ଦେଖିବାକୁ ମିଳୁଛି। ଜୋହୋ କର୍ପୋରେସନ ନାମକ ଚେନ୍ନାଇ ସ୍ଥିତ ଏକ ଭାରତୀୟ କମ୍ପାନୀ ହ୍ୱାଟ୍ସଆପ୍‌ର ବିକଳ୍ପ ଭାରତୀୟ ଆପ୍ ଭାବେ ଏହାକୁ ବିକଶିତ କରିଛି। ଏହି ଆପ୍‌ରେ ଗତ ତିନି ଦିନ ମଧ୍ୟରେ ଦୈନିକ ସାଇନ୍-ଅପ୍ ସଂଖ୍ୟାରେ ଏକ ବଡ଼ ବୃଦ୍ଧି ହୋଇଛି। ଦୈନିକ ସାଇନ ଅପ୍ ସଂଖ୍ୟା ୩,୦୦୦ ରୁ ଆଶ୍ଚର୍ଯ୍ୟଜନକ ଭାବରେ ୩,୫୦,୦୦୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏବଂ ଏହି ଧାରା ଜାରି ରହିଛି। ଆରାଟ୍ଟାଇର ଲୋକପ୍ରିୟତା ପରେ ଲୋକେ ଏହାକୁ ହ୍ୱାଟ୍ସଆପ୍‌ରେ ବିକଳ୍ପ ବୋଲି ଭାବିଲେଣି। ଅରାଟ୍ଟାଇ ମାନେ ତାମିଲ ଭାଷାରେ ସାଧାରଣ କଥାବାର୍ତ୍ତା ହେବା ଯାହାକୁ ଇଂରାଜୀରେ କାଜୁଆଲ ଚାଟ୍ ବୋଲି କୁହାଯାଉଛି। ଏହା ହିଁ ଏହି ଆପ୍ଲିକେସନର ମୂଳ ଲକ୍ଷ୍ୟ। ଏଥିରେ ବି ୟୁଜର ହ୍ୱାଟ୍ସଆପ୍ ପରି ଟେକ୍ସଟ୍ ମେସେଜ୍, ଇମେଜ୍, ଭିଡିଓ ଏବଂ ଡକ୍ୟୁମେଣ୍ଟ୍ ପଠାଇପାରିବେ। ଭଏସ୍ ଏବଂ ଭିଡିଓ କଲ୍ କରିପାରିବେ। ଷ୍ଟୋରି କ୍ରିଏଟ କରିବା ସହି ଚ୍ୟାନେଲ୍ ମ୍ୟାନେଜ୍ କରିପାରିବେ।

## ଟିସିଆଇର ବୃହତ୍ ଗୋଦାମ ଘର ଉଦ୍‌ଘାଟିତ

ଗୁରୁଗ୍ରାମ, ୨୯।୯ (ଏଜେନ୍ସି): ଭାରତର ପ୍ରମୁଖ ୱେରହାଉସିଂ ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ଏବଂ ସପ୍ଲାଏଚେନ୍ ସୁବିଧାପ୍ରଦାନକାରୀ ଟ୍ରାନ୍ସପୋର୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ଟିସିଆଇ) କଲକାତାରେ ଏହାର ସବୁଠାରୁ ବଡ଼ ଗୋଦାମ ଘର ଉଦ୍‌ଘାଟନ କରିଛି। ସିଜିଟିଏ ନଗରରେ ଅବସ୍ଥିତ ଏହି ନୂତନ ସୁବିଧା ୧୦.୫ ଏକର ଜମିରେ ପ୍ରାୟ ୩ ଲକ୍ଷ ବର୍ଗଫୁଟ ପରିବ୍ୟାପ୍ତ। ଏହା ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଏକ କେନ୍ଦ୍ର ଭାବରେ ଅବସ୍ଥିତ ଏବଂ ପଡ଼ୋଶୀ ଭୁଟାନ, ବାଙ୍ଗ୍ଲାଦେଶ ଏବଂ ଦକ୍ଷିଣ-ପୂର୍ବ ଏସିଆ ସହିତ ସୀମାପାର ବାଣିଜ୍ୟକୁ ସମର୍ଥନ କରେ। ଏହା ଅଟୋମୋଟିଭ୍, ଇ-କମର୍ସ, ଏଫଏମସିଜି, ରିଟେଲ୍ ବୟନଶିଳ୍ପ ଏବଂ ଅନ୍ୟାନ୍ୟ ସମେତ ବିଭିନ୍ନ ଶିଳ୍ପକୁ ସେବା ଯୋଗାଇବା ପାଇଁ ସଜ୍ଜିତ। ଏହା କୋଲ୍ଡ-ଚେନ୍ ସୁବିଧା ମଧ୍ୟ ପ୍ରଦାନ କରେ। କଲକାତାରେ ଆମର ନୂତନ ୱେରହାଉସ୍ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ସକାରାତ୍ମକ ନୀତି ଦ୍ୱାରା ପ୍ରୋତ୍ସାହିତ ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ଆର୍ଥିକ କାର୍ଯ୍ୟକୁ ପ୍ରତିଫଳିତ କରେ, ଏବଂ ଭାରତ ସରକାରଙ୍କ ଦ୍ୱାରା ଭିତ୍ତିଭୂମିରେ ବିଭିନ୍ନ ରଣନୈତିକ ନିବେଶ ପଛରେ ଉତର-ପୂର୍ବ ଭାରତ ସହିତ ବର୍ଦ୍ଧିତ ସଂଯୋଗୀକରଣ ଦ୍ୱାରା ମଧ୍ୟ ପ୍ରୋତ୍ସାହିତ। ଏହି ଅତ୍ୟାଧୁନିକ ସୁବିଧାରେ ଆଧୁନିକ ବୈଶିଷ୍ଟ୍ୟ ରହିବ ଯାହା ସ୍ଥାୟୀତ୍ୱକୁ ପ୍ରାଥମିକତା ଦିଏ ଏବଂ ପୂର୍ବ ଏବଂ ଉତର-ପୂର୍ବ ଭାରତ ସହିତ ଦେଶର ପଡ଼ୋଶୀରେ ସେମାନଙ୍କର କାର୍ଯ୍ୟକୁ ସମର୍ଥନ କରି ବିଭିନ୍ନ ପ୍ରକାରର ଶିଳ୍ପ ସେବା କରିବାରେ ସାହାଯ୍ୟ କରିବ।



# ସମ୍ପତ୍ତି ବିକିବା ପାଇଁ ସାହାରାର ଆବେଦନ

## ଆମ୍ବି ଭ୍ୟାଲି ଏବଂ ଲକ୍ଷ୍ନୌର ସାହାରା ସିଟି ଅନ୍ତର୍ଭୁକ୍ତ ■ ଅନୁମତି ପାଇଁ ସୁପ୍ରିମକୋର୍ଟରେ କଲା ଆବେଦନ

ନୂଆଦିଲ୍ଲୀ,୨୯।୯ (ଏଜେନ୍ସି):

ସାହାରା ଇଣ୍ଡିଆ କମର୍ସିଆଲ୍ କର୍ପୋରେସନ୍ ଲିମିଟେଡ୍ (ଏସ୍‌ଆଇସିସିଏଲ୍) ଆଦାନୀ ଗ୍ରୁପକୁ ଏହାର ମହାରାଷ୍ଟ୍ର ଓ ଲକ୍ଷ୍ନୌର ସମ୍ପତ୍ତି ବିକ୍ରି କରିବ ବୋଲି ଜଣାପଡିଛି। ଏଥିରେ କମ୍ପାନୀ ମହାରାଷ୍ଟ୍ରର ଆମ୍ବି ଭ୍ୟାଲି ଏବଂ ଲକ୍ଷ୍ନୌର ସାହାରା ସିଟି ସମେତ ୮୮ଟି ସମ୍ପତ୍ତି ଆଦାନୀ ଗ୍ରୁପକୁ ବିକ୍ରି କରାଯିବ।

> **ନିବେଶକଙ୍କୁ ସାହାରା ଫେରାଇବ ୨୪ ହଜାର କୋଟି**

ଏଥିପାଇଁ ଗ୍ରୁପ ସୁପ୍ରିମକୋର୍ଟଙ୍କଠାରୁ ଅନୁମତି ଲୋଡିଛି। କମ୍ପାନୀର ଅନୁରୋଧ ଉପରେ ଅକ୍ଟୋବର ୧୪ରେ ଶୁଣାଣି ହେବାର ସମ୍ଭାବନା ରହିଛି।

ସେପ୍ଟେମ୍ବର ୬ରେ ସାହାରା ଗ୍ରୁପ୍ ୮୮ଟି ସମ୍ପତ୍ତି ବିକ୍ରି କରିବା ପାଇଁ ଆଦାନୀ ପ୍ରପର୍ଟିଜ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି, ଯାହା ଏବେ କୋର୍ଟଙ୍କ ଅନୁମୋଦନ ଅପେକ୍ଷାରେ ଅଛି। ଏସ୍‌ଆଇସିସିଏଲ୍ କହିଛି ଯେ ଏହି ଚୁକ୍ତି କେବଳ ଏହାର ସମ୍ପତ୍ତି ପାଇଁ ଭଲ ମୂଲ୍ୟ ସୃଷ୍ଟି କରିବ ନାହିଁ ବରଂ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାର ପ୍ରାପ୍ୟ ପରିଶୋଧ କରିବାରେ ମଧ୍ୟ ସାହାଯ୍ୟ କରିବ। ପୂର୍ବରୁ, ସାହାରା ଅନେକ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ବିକ୍ରି କରି ପ୍ରାୟ ୧୬,୦୦୦ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ସେବିର ସାହାରା ରିଫଣ୍ଡ ଆକାଉଣ୍ଟରେ ଜମା କରାଯାଇଛି। କମ୍ପାନୀର ନିବେଶକ ଏବଂ ଅନ୍ୟମାନେ ଏହି ଆକାଉଣ୍ଟରୁ ସେମାନଙ୍କର ପ୍ରାପ୍ୟ ବାବଦ ଅର୍ଥ ପାଇବେ। ସାହାରା ଗ୍ରୁପ ନିବେଶକମାନଙ୍କୁ ୨୪,୦୩୦ କୋଟି ଟଙ୍କା ଦେବାକୁ ଅଛି, ଯାହା ଗ୍ରୁପର ସମ୍ପତ୍ତି ବିକ୍ରିରୁ ପ୍ରାପ୍ତ ଅର୍ଥ ବ୍ୟବହାର କରି ପରିଶୋଧ କରାଯିବ। ବିକ୍ରିରୁ ପ୍ରାପ୍ତ ଅର୍ଥ ସେବି ସାହାରା ରିଫଣ୍ଡ ଆକାଉଣ୍ଟରେ ଜମା କରାଯାଉଛି। ସୁପ୍ରିମକୋର୍ଟ ସାହାରାକୁ ତାର ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି ବିକ୍ରିରୁ ପ୍ରାପ୍ତ ଅର୍ଥ ବ୍ୟବହାର କରି ବକେୟା ପାଉଣା ପରିଶୋଧ କରିବା ଦ୍ୱାରା କମ୍ପାନୀ ବିରୁଦ୍ଧରେ ଅବମାନନା ପ୍ରକ୍ରିୟା ସମାପ୍ତ ହୋଇପାରେ। ସାହାରା ଗ୍ରୁପର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ଏବଂ ଏହାର ବକେୟା ପାଉଣା ପରିଶୋଧ କରିବା ପାଇଁ ସମ୍ପତ୍ତି ବିକ୍ରି କରିବା ଆବଶ୍ୟକ। ଏ ପର୍ଯ୍ୟନ୍ତ ୧୬,୦୦୦ କୋଟି ଟଙ୍କା ସଂଗ୍ରହ କରାଯାଇଛି ଏବଂ ବାକି ଅର୍ଥ ପୂରଣ କରିବା ପାଇଁ ଅଧିକ ସମ୍ପତ୍ତି ବିକ୍ରି କରାଯାଉଛି।

ସେପ୍ଟେମ୍ବର ୧୨ରେ ସୁପ୍ରିମକୋର୍ଟ ସାହାରା ଗ୍ରୁପ ଦ୍ୱାରା ସେବିରେ ଜମା କରାଯାଇଥିବା ୨୪,୦୩୦ କୋଟି ଟଙ୍କା ମଧ୍ୟରୁ ୫୦୦୦ କୋଟି ଟଙ୍କା ସାହାରା ଗ୍ରୁପର ସମବାୟ ସମିତିର ନିବେଶକଙ୍କୁ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ପୂର୍ବରୁ ମାର୍ଚ୍ଚ ୨୯ରେ ସମାନ ନିର୍ଦ୍ଦେଶ ଜାରି କରିଥିଲେ। ସାହାରା ଇଣ୍ଡିଆ ଗ୍ରୁପ ବିରୁଦ୍ଧରେ ସବୁଠାରୁ ବଡ଼ ମାମଲା ଏହାର ଦୁଇଟି କମ୍ପାନୀ, ଏସ୍‌ଆଇଆର୍‌ଇସିଏଲ୍ ଏବଂ ଏସ୍‌ଏଚ୍‌ଆଇ ସିଏଲ୍ ସହିତ ଜଡିତ।



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୩୯- ଜର୍ମାନୀ ଓ ରୁଷ୍ ପୋଲାଣ୍ଡ ବିଭାଜନ ପାଇଁ ରାଜି ହେଲେ।
- ୧୯୬୭- ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ତା'ର ମୌଦ୍ରିକ ପ୍ରଣାଳୀରେ ସୁଧାର ଆଣିଲା।
- ୧୯୯୩-ମହାରାଷ୍ଟ୍ରର ଲାଟୁର ଭୂମିକମ୍ପରେ ୧୦ ହଜାର ଲୋକ ମୃତ, ୩୦ ହଜାରରୁ ଅଧିକ ଆହତ।
- ୨୦୦୧- କଂଗ୍ରେସ ନେତା ମାଧବ ରାଓ ସିନ୍ଧିଆଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ।

# ନମସ୍ତେଽସ୍ତୁ ଦୁର୍ଗେ

(ଛନ୍ଦଃ- ଭୁଜଙ୍ଗପ୍ରୟାତମ୍)

**ନମସ୍ତେଽସ୍ତୁ ଦୁର୍ଗେ ମମ ତ୍ୱଂ ପ୍ରସୀଦ ପ୍ରଣମ୍ରେ ମଦୀୟେଽନ୍ତରେ ସନ୍ନିଷୀଦ।**
**କୃପାପାଙ୍ଗଭଙ୍ଗ୍ୟା ସଦା ମାଂ ପୁନୀହି କ୍ଷଣେନାଘବାଟଂ ମଦୀୟଂ ଲୁନୀହି ॥୧॥**

ହେ ମାତଃ ଦୁର୍ଗେ ! ତୁମକୁ ନମସ୍କାର। ତୁମେ ମୋ ଉପରେ ପ୍ରସନ୍ନା ହୁଅ। ମୋର ବିନମ୍ରହୃଦୟରେ ତୁମେ ନିବାସ କର। ତୁମର କୃପାକଟାକ୍ଷ ଦ୍ୱାରା ମୋତେ ସର୍ବଦା ପବିତ୍ର କର ଏବଂ ମୋର ପାପ ସମୂହକୁ କ୍ଷଣକ ମଧ୍ୟରେ ନଷ୍ଟ କର।

**ମନସ୍ତାଲପୃଷ୍ଠାସନେ କୁଙ୍କୁମାଭେ ଭବ ତ୍ୱଂ ସହାୟା ଭବେ ଭଦ୍ରଲାଭେ।**
**ଅବ କ୍ଳୃପ୍ତପାଦାଶ୍ରିତାଶାପ୍ରପୂର୍ତ୍ତେ ସମସ୍ତାମରାଭାପରିସ୍ଫୂର୍ତମୂର୍ତ୍ତେ ॥୨॥**

ହେ କୁଙ୍କୁମବର୍ଣ୍ଣେ ! ମନସ୍ତାଳନାମକ ସିଂହପୃଷ୍ଠରେ ଆସୀନେ !
ମୋର ଶୁଭ ଲାଭ ପାଇଁ ସହାୟ ହୁଅ । ପଦାଶ୍ରିତମାନଙ୍କର ଆଶା ପୂର୍ଣ୍ଣ କରୁଥିବା ଏବଂ ସମସ୍ତ ଦେବତାଙ୍କର କାନ୍ତିରେ ଉଜ୍ଜ୍ୱଳ ମୂର୍ତ୍ତି ବିଶିଷ୍ଟା, ହେ ଦେବି ! ତୁମେ ରକ୍ଷା କର ।

**ତ୍ୱମେକା ସୁବିଦ୍ୟାସୁଧାସଂବିଧାତ୍ରୀ କବୀନ୍ଦ୍ରାନୁକୂଳକ୍ରିୟାଶକ୍ତିଦାତ୍ରୀ।**
**ଜଡତ୍ୱାନ୍ଧକାରାବସାନେ ପ୍ରବୀଣା ସରସ୍ୱତ୍ୟଭିଖ୍ୟେ ବସାନ୍ତଃ ସବୀଣା ॥୩॥**

ତୁମେ ଏକମାତ୍ର ଶ୍ରେଷ୍ଠ ବିଦ୍ୟାରୂପକ ଅମୃତ ପ୍ରଦାନ କରୁଥିବା ଦେବୀ, କବିମାନଙ୍କୁ କ୍ରିୟାଶକ୍ତି ପ୍ରଦାନ କରୁଥିବା ଦେବୀ, ଜଡ଼ତାରୂପୀ ଅନ୍ଧକାରକୁ ଦୂର କରିବାରେ ନିପୁଣା, ହେ ସରସ୍ୱତି ! ତୁମେ ମୋ ହୃଦୟରେ ବୀଣା ସହିତ ବାସ କର।

**ଧନାନାଂ ତ୍ୱମେକା ଜଗତ୍ୟାଂ ପ୍ରଣେତ୍ରୀ ଜନାନାମଭାବକ୍ଷୁଧାନାଂ ବିନେତ୍ରୀ।**
**ସରୋଜାସନସ୍ଥାଽର୍ଥଦାନେ ପଟିଷ୍ଠା ମୟି ସ୍ୟା ରମାଖ୍ୟେ କୃପାଦୃଷ୍ଟିନିଷ୍ଠା ॥୪॥**

ତୁମେ ଏକମାତ୍ର ଏହି ଜଗତରେ ଧନର ଅଧିଷ୍ଠାତ୍ରୀ ଦେବୀ। ଲୋକମାନଙ୍କର ଅଭାବ ଓ କ୍ଷୁଧାକୁ ଦୂର କରୁଥିବା ଦେବୀ। ପଦ୍ମାସନରେ ବିରାଜମାନ କରି ଧନ ଦେବାରେ ଅତ୍ୟନ୍ତ ନିପୁଣା, ହେ ରମେ (ଲକ୍ଷ୍ମୀ) ! ତୁମେ ମୋ ଉପରେ ସ୍ଥିରକୃପାଦୃଷ୍ଟିନିଷ୍ଠ ହୁଅ ।

**ମହାଭୀମରୂପା ନବାମ୍ଭୋଦନୀଳା ଚତୁର୍ବାହୁଦୃପ୍ତା କୃତୋଦଗ୍ରଲୀଳା ।**
**ମୁଖୋଲ୍ଲମ୍ବିଜିହ୍ୱା ଲସନ୍ମୁଣ୍ଡମାଳା-ଧରା ପାହି ମାଂ କାଲ୍ୟଭିଖ୍ୟେ କରାଳା ॥୫॥**

ମହାଭୟଙ୍କର ରୂପଧାରିଣୀ, ନୂତନ ମେଘ ସଦୃଶ ନୀଳବର୍ଣ୍ଣା, ଚାରି ବାହୁରେ ଶୋଭିତା, ଉଗ୍ର ଲୀଳାକାରିଣୀ, ମୁଖରୁ ଲମ୍ବିଥିବା ଜିହ୍ୱାଧାରିଣୀ ଏବଂ ଶୋଭାୟମାନ ମୁଣ୍ଡମାଳା ଧାରିଣୀ ତଥା କରାଳା ହେ କାଳି ! ତୁମେ ମୋତେ ରକ୍ଷା କର ।

**ଗଦାଖଡ୍ଗଚାପାଙ୍କୁଶେଷୂନ୍ ଦଧାନା ତ୍ରିଶୂଳାଦିନାନାୟୁଧୈ ରାଜମାନା।**
**ନିଶୁମ୍ଭୋଗ୍ରଶୁମ୍ଭସ୍ଫୁରନ୍ମୁଣ୍ଡଚଣ୍ଡାନ୍ ଦ ଲନ୍ତ୍ୟମ୍ବ ରକ୍ଷାସୁରାନେବ ଚଣ୍ଡାନ୍ ॥୬॥**


ଗଦା, ଖଡ୍ଗ, ଧନୁ, ଅଙ୍କୁଶ ଓ ବାଣ ଧାରଣ କରିଥିବା, ତ୍ରିଶୂଳ ଆଦି ବିଭିନ୍ନ ଅସ୍ତ୍ରରେ ଶୋଭା ପାଉଥିବା, ନିଶୁମ୍ଭ ଓ ଶୁମ୍ଭ ତଥା ଉଗ୍ର ଚଣ୍ଡ ଓ ମୁଣ୍ଡଙ୍କ ସହ ବଳିଷ୍ଠ ଅସୁରମାନଙ୍କୁ ବିନାଶ କରୁଥିବା ହେ ମାତଃ ! ତୁମେ ମୋତେ ରକ୍ଷା କର।

**ହରୌ ଯୋଗନିଦ୍ରାସ୍ୱରୂପାଽତିଦକ୍ଷା ମଧୁଧ୍ୱଂସନେ କୈଟଭକ୍ଷେପଲକ୍ଷ୍ୟା।**
**ସମାଧୌ ପ୍ରସନ୍ନା ସୁମେଧଃପ୍ରଣମ୍ୟା ପ୍ରରକ୍ଷେଃ ଶିବେ ରତ୍ନମାଳାତିରମ୍ୟା ॥୭॥**

ଭଗବାନ ହରିଙ୍କର ଯୋଗନିଦ୍ରା ସ୍ୱରୂପା, ମଧୁ ଓ କୈଟଭ ରାକ୍ଷସଙ୍କୁ ନଷ୍ଟ କରିବାରେ ଅତି ଦକ୍ଷା, ସମାଧିନାମକ ବୈଶ୍ୟଙ୍କ ଠାରେ ପ୍ରସନ୍ନା, ମେଧା ଋଷିଙ୍କ ନମସ୍ୟା, ଅତ୍ୟନ୍ତ ରମଣୀୟ ରତ୍ନମାଳା ଧାରଣ କରିଥିବା ହେ ଶିବେ ! ତୁମେ ମୋତେ ରକ୍ଷା କର ।

**ଜଗତ୍ସୃଷ୍ଟିସଂପାଳନଧ୍ୱଂସହେତୁ-ର୍ଭବାଗାଧବାଧାମ୍ବୁଧିତ୍ରାଣସେତୁଃ।**
**ଦୟାଭକ୍ତିଶକ୍ତିତ୍ରୟାଧାରମୂର୍ତ୍ତିଃ ପ୍ରପାହ୍ୟମ୍ବ ନିଷ୍ପନ୍ନସର୍ବାର୍ଥପୂର୍ତ୍ତିଃ ॥୮॥**

ଜଗତର ସୃଷ୍ଟି, ପାଳନ ଓ ବିନାଶର କାରଣ ସ୍ୱରୂପା, ଅଗାଧ ସଂସାରରୂପକ ସାଗରକୁ ପାର କରିବା ପାଇଁ ସେତୁ ସ୍ୱରୂପା, ଦୟା, ଭକ୍ତି ଓ ଶକ୍ତି – ଏହି ତିନିଗୋଟିର ଆଧାର ମୂର୍ତ୍ତି, ସମସ୍ତ ମନୋକାମନା ପୂର୍ଣ୍ଣ କରୁଥିବା ହେ ମାତଃ ! ତୁମେ ମୋତେ ରକ୍ଷା କର ।



**କୃତଂ ଶ୍ରୀମତା ବିପ୍ରକୃଷ୍ଣେନ ନବ୍ୟଂ ପବିତ୍ରୋତ୍ତମଂ ସ୍ତୋତ୍ରମତ୍ୟନ୍ତଭବ୍ୟମ୍।**
**ଇଦଂ ନୂନମଧେତି ପଦ୍ୟାଷ୍ଟକଂ ଯଃ ସ ସଂଯାତି ଦୁର୍ଗାକୃପାପୁଞ୍ଜମଞ୍ଜଃ ॥** ଭଣିତିଃ

ଶ୍ରୀମାନ୍ ବିପ୍ର କୃଷ୍ଣ (କୃଷ୍ଣକେଶବ)ଙ୍କ ଦ୍ୱାରା ରଚିତ ଏହି ନୂତନ, ପବିତ୍ର ଓ ଅତ୍ୟନ୍ତ ମଙ୍ଗଳକାରୀ ଅଷ୍ଟକ ସ୍ତୋତ୍ରକୁ ଯିଏ ନିଶ୍ଚିତ ଭାବରେ ପାଠ କରିବେ, ସେ ଶୀଘ୍ର ଦୁର୍ଗାଙ୍କର ଅପାର କୃପା ଲାଭ କରିବେ ।

ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪



# ପୁଣି ଏକାଠି ଦେଖାଗଲେ ସାମନ୍ଥା-ରାଜ୍

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ। ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କୁ ସେ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ସାମନ୍ଥା ଓ ରାଜ୍‌ଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ଉଭୟ ବାନ୍ଦ୍ରାସ୍ଥିତ ଏକ ଜିମ୍‌ରୁ ବାହାରୁଥିବାର ଦେଖାଯାଉଛି। ଅବଶ୍ୟ ଦୁହେଁ ଏକାଠି ବାହାରି ନ ଥିଲେ। ପ୍ରଥମେ ଜିମ୍‌ରୁ ସାମନ୍ଥା ବାହାରିଥିଲେ, ଏହାର କିଛି ସମୟ ପରେ ରାଜ୍ ଆସିଥିଲେ। ଉଭୟ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ନ ଦେଇ ସିଧା କାର୍‌ରେ ପଳାଇ ଯାଇଥିଲେ। ତେବେ ପ୍ରଥମ ଥର ପାଇଁ ରାଜ୍ ଓ ସାମନ୍ଥାଙ୍କୁ ଏକାଠି ଦେଖାଯାଇ ନାହିଁ। ଏହାପୂର୍ବରୁ ମଧ୍ୟ ଅନେକ ଥର ସେମାନଙ୍କୁ ଏକାଠି ଦେଖାଯାଇଛି। ନିକଟରେ ସାମନ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ। ଏଥିରେ ସେ ଜଣକର ହାତ ଧରିଥିଲେ। ଉକ୍ତ ବ୍ୟକ୍ତିଙ୍କର ମୁହଁ ଦେଖାଯାଉ ନ ଥିଲା। ଦର୍ଶକେ ସେ ରାଜ୍‌ଙ୍କ ହାତ ଧରିଥିବା ଅନୁମାନ କରିଥିଲେ। ଅବଶ୍ୟ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଦୁହେଁ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ସାମନ୍ଥା, ରାଜ୍‌ଙ୍କ ସହ 'ଦ ଫ୍ୟାମିଲି ମ୍ୟାନ୍- ସିଜିନ୍ ୨' ଓ 'ସିଟାଡେଲ: ହନିବନି'ରେ କାମ କରିଛନ୍ତି।



# ମତ୍ସ୍ୟଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଟିପ୍‌ସ

**ବର୍ତ୍ତମାନ ସମୟଟି ମାଛ ପାଳନ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। ଏବେ ମାଛ ଶରୀରର ବୃଦ୍ଧି ଓ ପୋଖରୀର ଯତ୍ନ ନେବା ପାଇଁ ମତ୍ସ୍ୟଚାଷୀମାନେ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍‌ସ ଆପଣାଇ ପାରିବେ। ତା ସହିତ ପାଣିରେ ସୂକ୍ଷ୍ମ ଶୈବାଳ ବୃଦ୍ଧି ପାଇଲେ ତଥା ଅମ୍ଳଜାନ ହ୍ରାସ ପାଇଲେ କ'ଣ କରିବେ ଜାଣି ରଖନ୍ତୁ।**



ଅଧିକାଂଶ ଲୋକ ଅଧିକ ଲାଭ ଆଶାରେ ମାଛ ପୋଖରୀରେ ମାତ୍ରାଧିକ ରାସାୟନିକ ସାର ପକାନ୍ତି। ଏହା ପାଣିର ଗୁଣବତ୍ତାକୁ ଖରାପ କରେ। ତେଣୁ ସର୍ବଦା ମତ୍ସ୍ୟବିଶେଷଜ୍ଞଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ସାର ପ୍ରୟୋଗ କରନ୍ତୁ।

- ଯଦି ପୋଖରୀର ପାଣି ହାଲୁକା ନୀଳ ହୋଇଯାଏ, ଏହା ସୂକ୍ଷ୍ମ ଶୈବାଳ ବୃଦ୍ଧିର ସୂଚନା ଦିଏ। ଏନେଇ ୧୬ କେଜି ଫିଟିକିରି ପ୍ରତି ଏକର ପିଛା ୧୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ଏହା ପାଣିକୁ ସଫା କରିବା ସହ ବିଷାକ୍ତ ତତ୍ତ୍ୱ ଦୂର କରେ। ସେହିପରି ବର୍ଷା ସମୟରେ ପୋଖରୀରେ ଶୁଖିଲା ପତ୍ର, ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ସଫା କରିବା ଆବଶ୍ୟକ।
- ପୋଖରୀରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ କମିଗଲେ ମାଛମାନେ ପାଣି ଉପରକୁ ଆସି ପାଟି ପାକୁ ପାକୁ କରି ମରିଯାନ୍ତି। ତେବେ ମାଛ ପୋଖରୀ ପାଣିରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ ଲିଟର ପ୍ରତି ୪ରୁ୫ ମିଲିଗ୍ରାମ ରହିବା ଉଚିତ। ପାଣିର ଅମ୍ଳଜାନ ବୃଦ୍ଧି ପାଇଁ ଏରେଟର ମେସିନ୍ ବ୍ୟବହାର କରିପାରିବେ। ନତୁବା ପାଣିକୁ ବଦଳାଇ ପାରିବେ। ପୋଖରୀ ପାଣିରେ ଅମ୍ଳଜାନର ପରିମାଣ ସଠିକ୍ ମାତ୍ରାରେ ରଖିବା ପାଇଁ ଏକ ପମ୍ପ ବ୍ୟବହାର କରି ପୋଖରୀର ପାଣିକୁ ପୁନଃଚକ୍ରୀକରଣ କରିପାରିବେ। ପ୍ରତି ୧୫ ଦିନ କିମ୍ବା ମାସିକ କିସ୍ତିରେ ଫିଙ୍ଗାଜାଲ ପକାଇ ମାଛଙ୍କୁ ଧରି ସେମାନଙ୍କ ହାରାହାରି ଓଜନ ଓ ସ୍ୱାସ୍ଥ୍ୟ ମଧ୍ୟ ଯାଞ୍ଚ କରିପାରିବେ।



# କୁଣ୍ଡରେ କଳା ଗାଜର



**ଗାଜର ମୁଖ୍ୟତଃ ଶୀତକାଳୀନ ଫସଲ। ଏହି ଚାଷ ପାଇଁ ଗଭୀର ଉର୍ବର, ଦୋରସା, ବାଲିଆ ମାଟି ଉପଯୁକ୍ତ। ସମସ୍ତ ରଙ୍ଗର ଗାଜର ତୁଳନାରେ କଳା ଗାଜର ଅଧିକ ସ୍ୱାଦିଷ୍ଟ ହୋଇଥାଏ। ଏହାକୁ କୁଣ୍ଡରେ ରଖି ବାଲ୍‌କୋନି କିମ୍ବା ଛାତରେ ସହଜରେ ଫଳାଯାଇପାରିବ।**

କଳା ଗାଜର ଲଗାଇବାକୁ ୧୨ରୁ ୧୫ ଗଭୀର ୧୦ରୁ ୧୨ ଇଞ୍ଚ ଚଉଡାର କୁଣ୍ଡ ଆବଶ୍ୟକ। ପାଣି ନ ଜମିବା ପାଇଁ କୁଣ୍ଡରେ କଣା ରହିଥିବା ଜରୁରି। ସେହିପରି ମାଟିର ଅମ୍ଳସ୍ତର ୬ରୁ ୭.୫ ହୋଇଥିଲେ ଭଲ। ଚାଷ ପାଇଁ ପ୍ରଥମେ ମାଟିକୁ ସମତଳ କରି ୦.୫ରୁ ୧ ସେମି ଗଭୀରରେ ବିହନ ପୋତିବା ଜରୁରି। ବିହନ ପକାଇ ଏହା ଉପରେ ହାଲୁକା ମାଟି ଚଳାଇ ଅଳ୍ପ ପାଣି ସିଞ୍ଚିପାରିବେ। ଦୈନିକ ମାଟିର ଆର୍ଦ୍ରତା ଅନୁସାରେ ଜଳ ସିଞ୍ଚନ ଆବଶ୍ୟକ। ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ କୁଣ୍ଡ ରଖିଲେ ବିହନ ବୁଣିବାର ୭ରୁ ୧୪ ଦିନ ମଧ୍ୟରେ ଚାରା ଅଙ୍କୁରିତ ହୋଇଥାଏ। ଚାରା ୩ରୁ ୪ ଇଞ୍ଚ ହୋଇଗଲେ, ଦୁର୍ବଳ ଗଛକୁ ଉପାଡି ଦେବା ଜରୁରି। ତେବେ ବିହନ ବୁଣିବାର ୯୦ରୁ ୧୦୦ ଦିନ ମଧ୍ୟରେ ଗାଜର ଫସଲ ଅମଳଯୋଗ୍ୟ ହୋଇଥାଏ।

# କୃଷି ପାଣିପାଗ



## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଆଖୁ ଗଛ ନ ପଡ଼ିବା ପାଇଁ ୪ରୁ ୫ଟି ଗଛର ପତ୍ରଗୁଡ଼ିକ ଗୋଟିଏ ସ୍ଥାନରେ ବାନ୍ଧି ରଖନ୍ତୁ ଏବଂ ଡେରା ଦିଅନ୍ତୁ।
- କଖାରୁଜାତୀୟ ପନିପରିବା ଫସଲରେ କାଙ୍କେଡ଼ିଆ ପୋକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ ପିପିଏମ୍‌କୁ ମିଶାଇ ସିଞ୍ଚନ କରନ୍ତୁ।
- ଆଖୁ ଫସଲରେ ନାଳିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ଅମୃତଭଣ୍ଡା ଫସଲରେ ଦହିଆ / ଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। ଏହା ବ୍ୟତୀତ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇ ପାରିବ। ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ କୀଟନାଶକ ସିଞ୍ଚନ କରନ୍ତୁ।

# ସୌରଚାଳିତ ସିଞ୍ଚନ ଯନ୍ତ୍ର



ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରି ଔଷଧ ସିଞ୍ଚନ କଲେ ଫସଲର ଅଭିବୃଦ୍ଧି ହୋଇଥାଏ। ହେଲେ ଏଥିପାଇଁ ଚାଷୀଙ୍କୁ ଅଧିକ ସମୟ ଲାଗେ। ଖର୍ଚ୍ଚ ମଧ୍ୟ ବଢ଼ିଥାଏ। ତେଣୁ ଏବେ ଚାଷୀଙ୍କ ଏହି ସମସ୍ୟାକୁ ସମାଧାନ କରିବ ସୌରଚାଳିତ ସ୍ପ୍ରେୟର ତଥା ସିଞ୍ଚନ ଯନ୍ତ୍ର। ସୋଲାର ତଥା ସୌରଚାଳିତ ସ୍ପ୍ରେୟର ଯନ୍ତ୍ରଟି ନିୟୋ ଫାର୍ମ ଟେକ୍ ଦ୍ୱାରା ବିକଶିତ କରାଯାଇଛି। ଏହି ଯନ୍ତ୍ରଟି ସୂର୍ଯ୍ୟାଲୋକ ସାହାଯ୍ୟରେ କାର୍ଯ୍ୟକ୍ଷମ ହୁଏ। ଯନ୍ତ୍ରଟି ୬ଜଣ ଲୋକଙ୍କ କାମକୁ ଏକାକୀ କରିପାରେ। ଏକ ଏକର ଜମିରେ ଯନ୍ତ୍ର ଦ୍ୱାରା ତରଳଖାଦ୍ୟ ଏବଂ କୀଟନାଶକ ସିଞ୍ଚନ କରିବାକୁ ମାତ୍ର ୧୫ ମିନିଟ୍‌ରୁ ୩୦ ମିନିଟ୍ ସମୟ ଲାଗିଥାଏ। ଏହି ଯନ୍ତ୍ରରେ ଲାଗିଥିବା ଟାଙ୍କିର ଦକ୍ଷତା ୧୮ ଲିଟର ହୋଇଥାଏ। ବିଦ୍ୟୁତ୍ ବଦଳରେ ଏହା ସୌରଶକ୍ତି ଦ୍ୱାରା ଚାର୍ଜ ହୋଇଥାଏ। ଏହା ଚାର୍ଜ ହେବାକୁ ପାଖାପାଖି ୪ଘଣ୍ଟା ସମୟ ଲାଗିଥାଏ। ତେଣୁ ଗୋଟିଏ ଥର ଚାର୍ଜ ହେବା ଦ୍ୱାରା ଏହା ୪ରୁ ୫ ଏକର ଜମି ସିଞ୍ଚନ କରିପାରେ। ଯନ୍ତ୍ର ସାହାଯ୍ୟରେ ପାଖାପାଖି ୧୨ ଫୁଟ ପର୍ଯ୍ୟନ୍ତ ଔଷଧ ସିଞ୍ଚନ କରାଯାଏ। ବଜାରରେ ଏହି ଯନ୍ତ୍ରଟି ୧୦ରୁ ୧୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟରେ ଉପଲବ୍ଧ ରହିଛି। ତେବେ ଏହି ଯନ୍ତ୍ର ଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ସମୟ କାମ କରିହୁଏ।

## ଆଜିଠୁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ଗୌହାଟୀ, ୨୯ ।୯ (ଏଜେନ୍ସି)



ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ମଙ୍ଗଳବାରଠାରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବାକୁଯାଉଛି । ଭାରତ ୪ର୍ଥଥର ଲାଗି ଏହି ମେଗା ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି । ଏଥିପୂର୍ବରୁ ୧୯୭୮, ୧୯୯୭ ଓ ୨୦୧୩ ବିଶ୍ୱକପ୍ ସଂସ୍କରଣ ଭାରତରେ ଆୟୋଜିତ ହୋଇଥିଲା । ସେହିଭଳି ଶ୍ରୀଲଙ୍କା ପ୍ରଥମଥର ଲାଗି ବିଶ୍ୱକପ୍ ଆୟୋଜନ କରିବ । ରାଜନୈତିକ କାରଣ ଲାଗି ପାକିସ୍ତାନ ମହିଳା କ୍ରିକେଟ୍ ଦଳ ଭାରତରେ ବିଶ୍ୱକପ୍ ଖେଳିବାକୁ ରାଜି ହୋଇ ନ ଥିଲା । ଫଳରେ ଶ୍ରୀଲଙ୍କାକୁ ସହ-ଆୟୋଜକ ଅଧିକାର ପ୍ରଦାନ କରାଯାଇଥିଲା । ପାକିସ୍ତାନ ଦଳ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଏହି ମାମଲାରେ ଏକ ବଡ଼ ନିଷ୍ପତ୍ତି ନେଇଥିଲା । ୨୦୨୪ରୁ ୨୦୨୭ ମସିହା ମଧ୍ୟରେ ଯେକୌଣସି ଆଇସିସି ଇଭେଣ୍ଟ ଭାରତ କିମ୍ବା ପାକିସ୍ତାନରେ ଖେଳାଯିବ ଏକ ନିରପେକ୍ଷ ଭେନ୍ୟୁରେ ଉଭୟ ଦଳ ଖେଳିବେ ।

### ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍

ଦୁଇ ଆୟୋଜକ ଦଳ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚଳିତ ବିଶ୍ୱକପ୍‌ର ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ । ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ମଙ୍ଗଳବାର ଅପରାହ୍ଣ ୩ଟାରୁ ଏହି ମ୍ୟାଚ୍ ଆରମ୍ଭ ହେବ । ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘରୋଇ ମାଟିରେ ଟୁର୍ଣ୍ଣାମେଣ୍ଟ ଖେଳୁଥିବାରୁ ପ୍ରଥମଥର ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ରହିଛି । ଭାରତ ଏଥିପୂର୍ବରୁ ୨୦୦୫ ଓ ୨୦୧୭ ସଂସ୍କରଣରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଉପବିଜେତା ରହିଥିଲା । ତେଣୁ ବିଶ୍ୱକପ୍‌ର ୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ମହିଳା ଦଳ ଏଥର ଟ୍ରଫି ଜିତିବା ଆଶାରେ ରହିଛନ୍ତି । ଭାରତ ଓ ଶ୍ରୀଲଙ୍କା ବ୍ୟତୀତ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ, ଗତଥରର ରନର୍ସଅପ୍ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ବାଂଲାଦେଶ ଓ ପାକିସ୍ତାନ ଦଳ ଏଥର ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଛନ୍ତି । ଆଠଟି ଦଳ ମଧ୍ୟରେ ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ । ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏଁ ଖେଳିବେ । ଏହାପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ-୪ଟି ଦଳ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ । ଅକ୍ଟୋବର ୨୯ ଓ ୩୦ରେ ଦୁଇଟିଯାକ ସେମିଫାଇନାଲ ଖେଳାଯିବ । ଯଦି ପାକିସ୍ତାନ ଦଳ ସେମିଫାଇନାଲରେ ପ୍ରବେଶ କରେ ତେବେ ପ୍ରଥମ ସେମିଫାଇନାଲ କଲମ୍ବୋରେ ଅନୁଷ୍ଠିତ ହେବ । ପାକିସ୍ତାନ ଯୋଗ୍ୟତା ହାସଲ କରି ନ ପାରିଲେ ପ୍ରଥମ ସେମିଫାଇନାଲ ଗୌହାଟୀରେ ଖେଳାଯିବ । ନଭେମ୍ବର ୨ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ନଭି ମୁମ୍ବାଇ କିମ୍ବା କଲମ୍ବୋରେ ଅନୁଷ୍ଠିତ ହେବ ।

### ଅଷ୍ଟ୍ରେଲିଆକୁ ରେକର୍ଡ ୭ଟାଇଟଲ୍

ମହିଳା ଦିନିକିଆ ବିଶ୍ୱକପ୍‌ର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଏକାକୀ ୭ଥର ଚାମ୍ପିଅନ ହୋଇଛି । ସେହିଭଳି ୧୯୭୩ରେ ଆୟୋଜିତ ପ୍ରଥମ ବିଶ୍ୱକପ୍‌କୁ ମିଶାଇ ଇଂଲଣ୍ଡ ୪ଥର ଟାଇଟଲ୍ ହାସଲ କରିଛି । ୨୦୦୦ ମସିହାରେ ନ୍ୟୁଜିଲାଣ୍ଡ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା । ଫଳରେ ଆଜି ପର୍ଯ୍ୟନ୍ତ କେବଳ ୩ଟି ଦଳ ବିଶ୍ୱକପ୍ ଜିତିପାରିଛନ୍ତି ।

### ଚାମ୍ପିଅନ ଦଳକୁ ୩୯.୭୩ କୋଟି

ଏଥର ମହିଳା ବିଶ୍ୱକପ୍ ଲାଗି ଆଇସିସି ରେକର୍ଡ ପୁରସ୍କାର ରାଶି ଘୋଷଣା କରିଛି । ବିଶ୍ୱକପ୍‌ରେ ଏଥର ମୋଟ୍ ୧୩.୮୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୧୨୩ କୋଟି ୧୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯିବ । ୨୦୨୨ରେ ଅନୁଷ୍ଠିତ ଶେଷ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୪ଗୁଣା ବୃଦ୍ଧି ଘଟିଛି । ଗତ ସଂସ୍କରଣରେ ମୋଟ୍ ୩.୫ ମିଲିୟନ ଡଲାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଚଳିତ ସଂସ୍କରଣରେ ଚାମ୍ପିଅନ ଦଳ ୪.୪୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩୯.୭୩ କୋଟି) ପୁରସ୍କାର ପାଇବ । ଯାହାକି ୨୦୨୩ ପୁରୁଷ ବିଶ୍ୱକପ୍ ଚାମ୍ପିଅନ ରାଶି ତୁଳନାରେ ଅଧିକ । ୨୦୨୩ରେ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳ ୪ ମିଲିୟନ ଡଲାର ଅର୍ଥରାଶି ପାଇଥିଲା ।

### ହରମନପ୍ରୀତ୍‌ଙ୍କ ପଞ୍ଚମ ବିଶ୍ୱକପ୍

ଘରୋଇ ଭାରତୀୟ ଦଳ ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଏଥର ବିଶ୍ୱକପ୍ ଖେଳିବ । ଘୋଷିତ ୧୫ ଜଣିଆ ଦଳରେ ସ୍ମୃତି ମନ୍ଧାନାଙ୍କୁ ଉପ-ଅଧିନାୟିକା ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ଦଳରେ ଉମା ଛେତ୍ରୀ ଓ ରିଚା ଘୋଷ ୱିକେଟ୍‌କିପର ଭାବେ ସ୍ଥାନ ପାଇଛନ୍ତି । ବ୍ୟାଟିଂ ଲାଇନଅପ୍‌ରେ ହରମନପ୍ରୀତ୍ ଓ ମନ୍ଧାନାଙ୍କ ସହ ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ରେଜ ରହିଛନ୍ତି । ଦୀପ୍ତି ଶର୍ମା, ସ୍ନେହ ରାଣା ଓ ରାଧା ଯାଦବ ସ୍ପିନ ଭାର ସମ୍ଭାଳିବେ । ସେହିଭଳି ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ଅମନଜୋତ୍ କୌର ଓ ଶ୍ରୀ ଚରଣି ଦ୍ରୁତ ବୋଲର ଭାବେ ସ୍ଥାନ ପାଇଛନ୍ତି । ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍‌ଙ୍କ ଏହା ୫ମ ଦିନିକିଆ ବିଶ୍ୱକପ୍ ।

**ଭାରତୀୟ ଦଳର କାର୍ଯ୍ୟସୂଚୀ**

୩୦ ।୯: ଭାରତ-ଶ୍ରୀଲଙ୍କା, ଗୌହାଟୀ
୫ ।୧୦: ଭାରତ-ପାକିସ୍ତାନ, କଲମ୍ବୋ
୯ ।୧୦: ଭାରତ-ଦକ୍ଷିଣ ଆଫ୍ରିକା, ବିଶାଖାପାଟଣା
୧୨ ।୧୦: ଭାରତ-ଅଷ୍ଟ୍ରେଲିଆ, ବିଶାଖାପାଟଣା
୧୯ ।୧୦: ଭାରତ-ଇଂଲଣ୍ଡ, ଇନ୍ଦୋର
୨୩ ।୧୦: ଭାରତ-ନ୍ୟୁଜିଲାଣ୍ଡ, ନଭି ମୁମ୍ବାଇ
୨୬ ।୧୦: ଭାରତ-ବାଂଲାଦେଶ, ନଭି ମୁମ୍ବାଇ

ବି.ଦ୍ର.: ଭାରତ ଏହାର ସମସ୍ତ ମ୍ୟାଚ୍ ଅପରାହ୍ଣ ୩ଟାରେ ଖେଳିବ ।
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

■ କଳିଙ୍ଗରେ ଏସୀୟ ଟିମ୍ ଟିଟି ଚାମ୍ପିଅନସିପ୍

## ଶରତ କମଲ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୨୯।୯ (ସମିସ): ଭାରତର କିଂମ୍ବଦନ୍ତୀ ଟେବଲ୍ ଟେନିସ ଖେଳାଳି ଏସ୍ ଶରତ କମଲଙ୍କୁ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର



୧୧ରୁ ୧୫ ଯାଏ ଖେଳାଯିବାକୁ ଥିବା ଏସୀୟ ଟିଟି ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ମିଳିଛି । ଏହି ଟୁର୍ଣ୍ଣାମେଣ୍ଟରେ ଏସିଆର ୨୨ଟି ଦେଶ ଅଂଶଗ୍ରହଣ କରୁଛନ୍ତି ଓ ଏଥିରୁ ଲଣ୍ଡନରେ ହେବାକୁ ଥିବା ୨୦୨୬ ୱାର୍ଲ୍ଡ ଟିମ୍ ଟିଟି ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ଅର୍ଜନ କରିବେ । ପ୍ରଥମଥର ଓଡ଼ିଶାରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏବଂ ଶରତ କମଲ ଏଥିରେ ଆମ୍ବାସାଡର ହୋଇଥିବାରୁ ଏହା ଖେଳାଳିଙ୍କ ଲାଗି ପ୍ରେରଣା ଯୋଗାଇବ । ଅକ୍ଟୋବର ୯ରେ ଶରତ କମଲ ଓଡ଼ିଶାରେ ପହଞ୍ଚିବେ ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ରିଙ୍କୁଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଭାରତ ସୋମବାର ଡବଲ୍ ପଦକ ସଫଳତା ପାଇଛି । ପୁରୁଷ ଏଫ୍‌୪୬ ଜାଭେଲିନ ଥ୍ରୋ' ଇଭେଣ୍ଟରେ ରିଙ୍କୁ ହୁଡା ଓ ସୁନ୍ଦର ସିଂ ଗୁଜର ପୋଡିୟମର ପ୍ରଥମ ଦୁଇ ସ୍ଥାନରେ ରହି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ରିଙ୍କୁ ଆଜି ୬୬.୩୭ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିଥିଲେ । ସେହିଭଳି ପୂର୍ବତନ ବିଶ୍ୱ ଚାମ୍ପିଅନ ତଥା ବିଶ୍ୱରେକର୍ଡର ଅଧିକାରୀ ସୁନ୍ଦର ସିଂ ୬୪.୭୬ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ । କ୍ୟୁବାର ଗୁଇଲରମୋ ଗୋଞ୍ଜାଲେ ୩ୟ ସ୍ଥାନ ହାସଲ କରିଥିଲେ ।

## ଭାରତ ସିରିଜ୍‌ରୁ ଯୋଶେଫ୍ ଆଉଟ୍

ନୂଆଦିଲ୍ଲୀ,୨୯।୯ (ଏଜେନ୍ସି): ଭାରତ ଗସ୍ତରେ ଆସିବାକୁ ମନୋନୀତ ହୋଇଥିବା ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ଆଲଜରି ଯୋଶେଫ ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି । ତାଙ୍କ ପିଠିରେ ଆଘାତ ଲାଗିଥିବା କଥା ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି । ତାଙ୍କ ସ୍ଥାନରେ ଜେଡିଆ ବ୍ଲେଡ୍‌ସଙ୍କୁ ସାମିଲ କରାଯାଇଛି । ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବ ।

# ଟ୍ରଫି ନେଇ ପଳାଇଲେ ପିସିବି ଅଧ୍ୟକ୍ଷ ମୋହସିନ

ଏସିଆ କପ୍ କ୍ରିକେଟ



ବିନା ଟ୍ରଫିରେ ସେଲିବ୍ରେସନ କରୁଛନ୍ତି ଭାରତୀୟ ଖେଳାଳି

ଦୁବାଇ,୨୯।୯ (ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ଟି-୨୦ ଫାଇନାଲରେ ନାଟକ, ରୋମାଞ୍ଚ, ବିବାଦ ଓ ଅସହିଷ୍ଣୁତାର ଝଲକ ଦେଖିବାକୁ ମିଳିଛି । ଭାରତ ଓ ପାକିସ୍ତାନ ପରସ୍ପର ସହ ଭଲ ସମ୍ପର୍କ ନ ଥିବାରୁ କରମର୍ଦ୍ଦନ ନ କରିବାକୁ ନେଇ ଆରମ୍ଭ ହୋଇଥିବା ବିବାଦ ଶେଷରେ ଭାରତୀୟ ଦଳକୁ ଟ୍ରଫି ହାତେଇବାରେ ଅସମର୍ଥ ହୋଇଛି । ଏଠାରେ ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ପାକିସ୍ତାନକୁ ୫ ୱିକେଟରେ ହରାଇ ଭାରତ ୯ମଥର ଏସିଆ କପ୍ ଚାମ୍ପିଅନ ହୋଇଥିଲା । ପଡ଼ିଆ ବାହାର ଓ ଭିତରର ବିବାଦକୁ ନେଇ ବେଶ ଖରାପ ସ୍ଥିତି ସୃଷ୍ଟି କରିଛି । ଏଭଳି ସ୍ଥିତିରେ କ୍ରିକେଟ ଯେ ତାହାର ସ୍ଥିତି ହରାଇଛି ଏହା ନିଃସନ୍ଦେହରେ କୁହାଯାଇପାରେ ।

ରୋମାଞ୍ଚରେ ଭରା ଫାଇନାଲରେ ଭାରତ ଚାମ୍ପିଅନ ହେବା ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେବାର କଥା । ଏହି ଉତ୍ସବରେ ଅତିଥିଭାବେ ଥିବା ପାକିସ୍ତାନର ଗୃହମନ୍ତ୍ରୀ, ଯିଏକି ଏସୀୟ କ୍ରିକେଟ ବୋର୍ଡର ସଦସ୍ୟ ଅଛନ୍ତି ଷ୍ଟେଜ୍‌କୁ ଆଗୁଆ ଆସିଥିଲେ । କିନ୍ତୁ ପାକିସ୍ତାନୀ ଖେଳାଳିମାନେ ବିଳମ୍ବରେ ଆସିଲେ । ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ ବୋଲି କାର୍ଯ୍ୟକ୍ରମରେ ରହିଥିଲା । ଏ କଥା ଭାରତୀୟ ଖେଳାଳିମାନେ ଜାଣିବା ପରେ ତାଙ୍କ ହାତରୁ ଟ୍ରଫି ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ । କିଛି ସମୟ ପଡ଼ିଆରେ ଅପେକ୍ଷା କରିବା ପରେ ୟୁଏଇ କ୍ରିକେଟ ବୋର୍ଡର ଉପାଧ୍ୟକ୍ଷ ଟ୍ରଫି ପ୍ରଦାନ କରିବେ ବୋଲି ସ୍ଥିର ହୋଇଥିଲା । କିନ୍ତୁ ଟ୍ରଫି ପ୍ରଦାନ କରିବାକୁ ଜିଦ୍ କରୁଥିବା ମୋହସିନ ନକ୍‌ଭୀ ଏହାକୁ ଅସ୍ୱୀକାର କରିବା ସହ ଟ୍ରଫି ଓ ଭାରତୀୟ ଖେଳାଳିଙ୍କୁ ଦିଆଯିବାକୁ ଥିବା ପଦକ ନେଇ ହୋଟେଲ ପଳାଇଥିଲେ । ଫଳରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ଆଉ ଟ୍ରଫି ମିଳି ପାରି ନ ଥିଲା । ଏହା ପୂର୍ବରୁ ପାକିସ୍ତାନ ଖେଳାଳିମାନେ ରର୍ନ ଅପ୍ ପୁରସ୍କାର ଗ୍ରହଣ କରିଥିଲେ । କିନ୍ତୁ ଘଟଣାକ୍ରମରେ ପାକିସ୍ତାନୀ ଅଧିନାୟକ ଏତେ କ୍ଷୁବ୍ଧ ହୋଇଥିଲେ ଯେ ପୁରସ୍କାର ରାଶି ଦିଆଯାଇଥିବା ଚେକ୍‌କୁ ପଡ଼ିଆରେ ଫିଙ୍ଗି ଚାଲିଯାଇଥିଲେ । ଏଭଳି ଘଟଣା ଏସିଆ କପ୍ ଫାଇନାଲର ରୋମାଞ୍ଚକୁ କମାଇ ଦେଇଥିଲା ।

ଟ୍ରଫି ଦିଆ ନ ଯିବାକୁ ଘଟଣାକୁ ଭାରତୀୟ କ୍ରିକେଟ ବୋର୍ଡ, ଖେଳାଳି ଓ ସମର୍ଥକ ଦୃଢ଼ ବିରୋଧ କରିଛନ୍ତି । ଟ୍ରଫି ଦିଆଯାଇ ନ ଥିବାରୁ ଏହା ବିରୋଧରେ ଆଇସିସି ନିକଟରେ ଅଭିଯୋଗ କରିବ ବୋଲି ବିସିସିଆଇର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି । ସେହିପରି ଲୋକଙ୍କ ହୃଦୟ ଓ ସମର୍ଥକଙ୍କ ଭରସା ଜିତିବା ଆମର ଅସଲ ଟ୍ରଫି ବୋଲି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି । ସମର୍ଥକ ମାନେ ପିସିବି ସଭାପତି ମୋହସିନ ନକ୍‌ଭୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସେ ଯାହା ହେଉ କ୍ରିକେଟ ପଡ଼ିଆ ବାହାରର ଘଟଣାବଳୀକୁ ନେଇ ଏଭଳି ବିବାଦ ପୂର୍ବରୁ କେବେ ସୃଷ୍ଟି ହୋଇ ନ ଥିଲା । ଭଦ୍ରଲୋକଙ୍କ ଖେଳ ଭାବେ ବିବେଚିତ ଏହି ଘଟଣାକୁ ନେଇ କଳଙ୍କିତ ହୋଇଯାଇଛି ।

# ଆନ୍ତର୍ଜାତିକ କ୍ରିକେଟ୍‌ରୁ ୱକ୍ସଙ୍କ ଅବସର



ଲଣ୍ଡନ, ୨୯ ।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରୁ ଇଂଲଣ୍ଡର ବରିଷ୍ଠ ପେସ୍ ବୋଲିଂ ଅଲ୍‌ରାଉଣ୍ଡର କ୍ରିସ୍ ୱକ୍ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ନେଇଛନ୍ତି । ଏହା ଫଳରେ ତାଙ୍କ ୧୪ ବର୍ଷର ସଫଳ ଆନ୍ତର୍ଜାତିକ କ୍ରିକେଟ୍ ଜୀବନର ଅନ୍ତଃ ଘଟିଛି । ଗତ ସପ୍ତାହରେ ଆସେସ୍ ଶୃଙ୍ଖଳା ପାଇଁ ଇଂଲଣ୍ଡ ଦଳ ଘୋଷଣା କରା ଯାଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ନ ଥିବାରୁ ୱକ୍ସଙ୍କୁ ଏଥିରେ ସ୍ଥାନ ମିଳିନଥିଲା । ତେଣୁ ନିରାଶ ହୋଇ ୩୬ ବର୍ଷ ବୟସ୍କ ୱକ୍ସ ଅବସର ନେଇଛନ୍ତି ବୋଲି ଅନୁମାନ କରାଯାଉଛି । ଭାରତ ବିପକ୍ଷ ୫ମ ଟେଷ୍ଟମ୍ୟାଚ୍‌ରେ ଫିଲ୍ଡିଂ ବେଳେ ୱକ୍ସଙ୍କ କାନ୍ଧ ହାଡ଼ ଖସି ଯାଇଥିଲା । ତାଙ୍କ ବାମ ହାତ ବନ୍ଧା ଯାଇଥିବା ବେଳେ ଗୋଟିଏ ହାତରେ ବ୍ୟାଟିଂ କରିବାକୁ ଆସିଥିଲେ । ଏହା ୱକ୍ସଙ୍କ ଅନ୍ତିମ ଆନ୍ତର୍ଜାତିକ ମ୍ୟାଚ୍ ଥିଲା । କ୍ରିସ୍ ୱକ୍ସ ୨ଟି ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଦଳର ସଦସ୍ୟ ଥିଲେ । ୨୦୧୧ରେ ଦିନିକିଆ ଓ ଟି-୨୦ ପଦାର୍ପଣ କରିଥିବା ୱକ୍ସ ୨୦୧୩ ଆସେସ୍ ଗସ୍ତରେ ଓଭାଲ୍‌ରେ ଟେଷ୍ଟ ପଦାର୍ପଣ କରିଥିଲେ । ଏହା ପରଠାରୁ ସେ ୬୨ଟି ଟେଷ୍ଟମ୍ୟାଚ୍ ଖେଳି ୧୯୨ଟି ୱିକେଟ୍ ଏବଂ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ସହ ୨୦୩୪ ରନ୍ କରିଛନ୍ତି । ବଲ୍‌କୁ ସ୍ୱିଙ୍ଗ୍ କରିବାରେ ସିଦ୍ଧହସ୍ତ କ୍ରିସ୍ ୱକ୍ସ ୧୨୨ଟି ଦିନିକିଆରୁ ୧୭୩ଟି ୱିକେଟ୍ ନେଇଛନ୍ତି । ଏହାସହ ସେ ୬ଟି ଅର୍ଦ୍ଧଶତକ ସହ ୧୫୨୬ ରନ୍ କରିଛନ୍ତି । ୩୩ଟି ଟି-୨୦ ମ୍ୟାଚ୍‌ରୁ ୱକ୍ସ ୩୧ଟି ୱିକେଟ୍ ନେଇଛନ୍ତି । ମୋଟ୍‌ଉପରେ ଇଂଲଣ୍ଡ ପାଇଁ ୱକ୍ସ ୩୯୬ଟି ଆନ୍ତର୍ଜାତିକ ୱିକେଟ୍ ନେଇଛନ୍ତି । ୨୦୧୬ରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ୬ଟି ଟେଷ୍ଟରୁ ମୋଟ ୩୪ଟି ୱିକେଟ୍ ନେଇଥିଲେ । ୨ ବର୍ଷ ପରେ ଭାରତ ବିପକ୍ଷ ଟେଷ୍ଟମ୍ୟାଚ୍‌ରେ ସେ ଏକମାତ୍ର ଶତକ ହାସଲ କରିଥିଲେ । ଜେମ୍‌ସ ଆଣ୍ଡରସନ୍ ଓ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଅବସର ପରେ ୱକ୍ସ ଇଂଲଣ୍ଡର ପେସ୍ ଆକ୍ରମଣର ନେତୃତ୍ୱ ନେଇଥିଲେ । ୨୦୨୩ ଆସେସ୍ ଗସ୍ତରେ ଇଂଲଣ୍ଡ ୦-୨ରେ ପଛୁଆ ଥିବା ବେଳେ ଅଧାରୁ ୱକ୍ସ ଦଳରେ ଯୋଗଦେଇ ଶୃଙ୍ଖଳା ଡ୍ର ରଖିବାରେ ଇଂଲଣ୍ଡକୁ ସହାୟତା କରିଥିଲେ ।

ଚାମ୍ପିଅନସିପ୍ ସିରିଜ୍-୩ ଟେନିସ

## ସୁତବ୍ୟ କର୍ମକାର ଚାମ୍ପିଅନ



ଭୁବନେଶ୍ୱର,୨୯।୯ (ସମିସ): ଓଡ଼ିଶାର ସୁତବ୍ୟ କର୍ମକାର ଏଆଇଟିଏ-ଓଟିଏ ୧୮ ବର୍ଷରୁ କମ୍ ଚାମ୍ପିଅନସିପ୍ ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୂଳ ଟେନିସ ଏକାଡେମୀ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାର ଫାଇନାଲ ମୁକାବିଲାରେ ସୁତବ୍ୟ ୨-୦ ସେଟ୍‌ରେ ଝାଡଖଣ୍ଡର ସଫଳ ଆଗମନଙ୍କୁ ପରାସ୍ତ କରିଥିଲେ । ଏହା ସହ ଗୁରୁକୂଳ ଏକାଡେମୀରେ ଆଉଏକ ଟେନିସ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜିତ ହୋଇଯାଇଛି ।

## ରାଜମାତା ଜିଜାବାଈ ଟ୍ରଫି

# ପ୍ୟାରୀଙ୍କୁ ରାଜ୍ୟ ମହିଳା ଫୁଟବଲ୍ ଦଳର ନେତୃତ୍ୱ



କଟକ,୨୯।୯ (ସମିସ): ଛତିଶଗଡର ନାରାୟଣପୁରରେ ଅକ୍ଟୋବର ପହିଲାରୁ ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫି ଆରମ୍ଭ ହେବ । ଏଥି ନିମନ୍ତେ ଆଜି ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ପ୍ୟାରୀ ଖାଖାଙ୍କ ନେତୃତ୍ୱରେ ଘୋଷିତ ରାଜ୍ୟ ଦଳରେ ସସ୍ମିତା ପରିଡା, ସୁସ୍ମିତା ପୁନ୍, ସାକ୍ରୋ ହେମ୍ବ୍ରମ, ଅମୃତା ନାୟକ, ଜୁଲି କିଶାନ, ଶିବାନୀ ମୁଣ୍ଡାରୀ, ପ୍ରତିମା ବଙ୍ଗଲ, ପ୍ରଜ୍ଞା କିଶାନ, ସୁଲେଖା କହଁର, ଶୀଳା ସିଂହ, ଇପ୍ସିତା ରାଉତ, ମୁନିକା ମିଞ୍ଜ, ଜାହ୍ନବୀ କିଶାନ, ସୁମିତ୍ରା ହେମ୍ବ୍ରମ, ନିବେଦିତା ନାୟକ, ମନୀଷା ନାୟକ, ମାଳତୀ ମୁଣ୍ଡା, ସତ୍ୟବତି ଖାଡିଆ, ଯଶୋଦା ମୁଣ୍ଡା ସ୍ଥାନ ପାଇଛନ୍ତି । ଗୀତାଞ୍ଜଳୀ ଖୁଣ୍ଟିଆ ମୁଖ୍ୟକୋଚ୍, ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍, ସରିତା ଜୟନ୍ତୀ ବେହେରା-ସହକାରୀ କୋଚ୍/ମ୍ୟାନେଜର, ରଞ୍ଜିତା ମହାନ୍ତି-ଗୋଲ୍‌କିପର କୋଚ୍, ଲୋପାମୁଦ୍ରା ମହାରାଜ ଫିଜିଓ ଭାବେ ଦଳରେ ରହିଛନ୍ତି । ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ୩ ତାରିଖରେ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ ।

ଜାତୀୟ ଓପନ୍ ଆଥଲେଟିକ୍ ଚାମ୍ପିଅନସିପ୍

# ଓଡ଼ିଶାକୁ ୧ ରୌପ୍ୟ, ୨ କାଂସ୍ୟ

କଟକ,୨୯।୯ (ସମିସ)



ଝାଡଖଣ୍ଡର ରାଞ୍ଚିରେ ୬୪ତମ ଓପନ୍ ଆଥଲେଟିକ ଚାମ୍ପିଅନସିପ୍ ଖେଳାଯାଉଛି । ପ୍ରତିଯୋଗିତାର ୩ୟ ଦିବସରେ ଓଡ଼ିଶା ତିନୋଟି ପଦକ ହାତେଇଛି । ପୁରୁଷ ୪ ଗୁଣା ୧୦୦ ମିଟର ରିଲେରେ ଓଡ଼ିଆ ଦଳ କାଂସ୍ୟ ଜିତିଥିଲା । ଡିଏମ ଜୟରାମ, ସରୁଣ ପାୟାସିଂହ, ଅବିନାଶ ସାହୁ ଓ ଅମୀୟ କୁମାର ମଲ୍ଲିକଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ୩୯.୮୯ ସେକେଣ୍ଡରେ ହିଟ୍ ଶେଷ କରି ୩ୟ ସ୍ଥାନରେ ରହିଥିଲା । ଏହି ଇଭେଣ୍ଟରେ ଭାରତୀୟ ରେଳବାଇ ଦଳ (୩୯.୪୪) ଏବଂ ସର୍ଭିସେସ୍ (୩୯.୮୧ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ବିଜୟୀ ହୋଇଛନ୍ତି । ହାଇଜମ୍ପରେ ଓଡ଼ିଶା ନିମନ୍ତେ ଦ୍ୱିତୀୟ କାଂସ୍ୟ ପଦକ ଜିତିଛନ୍ତି ସ୍ୱାଧୀନ କୁମାର ମାଝୀ । ଫାଇନାଲ ଇଭେଣ୍ଟରେ ୨.୧୪ ମିଟର ଉଚ୍ଚତା ଲମ୍ଫ ମାରି ୩ୟ ସ୍ଥାନରେ ରହି ସ୍ୱାଧୀନ କାଂସ୍ୟ ଜିତିଥିଲେ । ହାଇଜମ୍ପରେ ରେଳବାଇର ଦୁଇ ପ୍ରତିଯୋଗୀ ରୋହିତ ଓ ରାମ ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ଲଙ୍ଗଜମ୍ପରେ ଓଡ଼ିଶା ରୌପ୍ୟ ପଦକ ଜିତିଛି । ଫାଇନାଲ ରାଉଣ୍ଡରେ ୭.୭୭ ମିଟର ଲମ୍ଫ ମାରି ଓଡ଼ିଶାର ସରୁଣ ପାୟାସିଂହ ରାଜ୍ୟ ନିମନ୍ତେ ଏହି ସଫଳତା ଆଣିଛନ୍ତି । ହରିୟାଣାର ମହମ୍ମଦ ସାଜିଦ୍ ୭.୭୮ ମିଟର ଡେଇଁ ସ୍ୱର୍ଣ୍ଣ ଜିତିଥିବା ବେଳେ ରେଳବାଇର ଭୂପେନ୍ଦ୍ର ସିଂହ ୭.୫୮ ମିଟର ଡେଇଁ କାଂସ୍ୟ ପଦକ ପଦକ ବିଜୟୀ ହୋଇଥିଲେ । ଓଡ଼ିଶା ଆଥଲେଟିକ ସଂଘ ସମ୍ପାଦକ ଅଭିଜିତ ପାଲ, ସଭାପତି ଜିଏସ୍ ପଟ୍ଟନାୟକ, ଅଧ୍ୟକ୍ଷ ଆଶୀର୍ବାଦ ବେହେରା ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶଯୋଗ୍ୟ, ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍ ମଙ୍ଗଳବାର ଉଦ୍‌ଯାପିତ ହେବ । ଓଡ଼ିଶାର ୧୩ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS